

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୨ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 22 FEBRUARY 2022
Vol.No. 33 ■ No. 51 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଇଛି....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୟୁକ୍ରେନ ସୀମାନ୍ତରେ ସେନା ଠୁଳ କରୁଛି ରୁଷ୍

ନୂଆଦିଲ୍ଲୀ, ୨୧/୦୨ : ୟୁକ୍ରେନକୁ ନେଇ ଚିନ୍ତାରେ ସାରା ବିଶ୍ୱ । ଆଶା ଆଶଙ୍କା ଘେରରେ ରହିଛି ପରିସ୍ଥିତି । ୟୁରୋପ ଛାତିରେ ବିଶ୍ୱର ଦୁଇ ଶକ୍ତିଶାଳୀ ରାଷ୍ଟ୍ର ରଷ ଓ ଆମେରିକା ମୁହାଁମୁହିଁ ସ୍ଥିତିରେ ରହିଛନ୍ତି । ସଙ୍କଟର ସମୟରେ ପ୍ରତ୍ୟେକ ଦିନ ୟୁକ୍ରେନ ଓ ରଷରୁ ଆସୁଛି ବିଚଳିତ କରିବା ଭଳି ଖବର । ରବିବାର ବିଳମ୍ବିତ ରାତିରୁ ରଷିଆ ସୈନ୍ୟ ୟୁକ୍ରେନର ଲଞ୍ଚ ପ୍ୟାଡ ନିକଟରେ ପହଞ୍ଚିଥିବା ଖବର ଏବେ ସ୍ପଷ୍ଟ କରିଛି ସାଟେଲାଇଟ ଫଟୋ । ସେପଟେ ୟୁକ୍ରେନ ଉପରେ ବଡ ଅଭିଯୋଗ ଆଣିଛନ୍ତି ପୁଟିନ ସରକାର । ୟୁକ୍ରେନର ଆକ୍ରମଣରେ ରଷର ସୀମା ସୁରକ୍ଷା ପୋଷ୍ଟ ଧ୍ୱଂସ ହୋଇଥିବା ଦାବି ହୋଇଛି । ସାଟେଲାଇଟ ଫଟୋରୁ ଯୁଦ୍ଧ ସଙ୍କେତ । ଆକ୍ରମଣ ମୁଦ୍ରାରେ ରଷ




ସୈନ୍ୟ । ଯୁଦ୍ଧ ବିପଦ ଟାଳିବାକୁ ରଷ ଓ ୟୁକ୍ରେନ କୁଟନୀତି ସ୍ତରରେ ଆଲୋଚନା ସପକ୍ଷରେ ମତ ଦେଉଛନ୍ତି । ଏବେ କିନ୍ତୁ ୟୁକ୍ରେନ ସୀମାରୁ ଆସିଛି ନୂଆ ସାଟେଲାଇଟ ଫଟୋ । ସୋମବାର ରାତିରେ ୟୁକ୍ରେନ ସୀମାନ୍ତ ଲଞ୍ଚପ୍ୟାଡରେ ରଷ ସେନା ପହଞ୍ଚିସାରିଥିବା ସତ ଏବେ ବୟାନ କରିଛି ଏହି ସାଟେଲାଇଟ ଫଟୋ । ମାସ୍କୋ ପକ୍ଷରୁ ଜାରି କରାଯାଇଥିବା ଏହି ସ୍ୟାଟେଲାଇଟ ଫଟୋ ସେଠାକାର ବର୍ତ୍ତମାନ ସ୍ଥିତି ବଖାଣିଛି । ବେଲଗୋରୋଡ, ସୋଲୋଟି, ଭାଲୁୟକି ନିକଟରେ ରଷ ଯୁଦ୍ଧ ସରଞ୍ଜାମ ବହନ କରୁଥିବା ସ୍ୱତନ୍ତ୍ର ଗାଡି ଓ ଟ୍ରୁପକୁ ମୃତୟନ କରିଛି । ପୂର୍ବ ଅପେକ୍ଷା ୟୁକ୍ରେନ ସୀମାର ଅତି ନିକଟରେ ପହଞ୍ଚିଗଲେଣି ରଷ ସେନାବାହୀନି । ପୂର୍ବରୁ ହିଁ ୟୁକ୍ରେନ ସୀମାନ୍ତରେ ରଷ ନିଜର ସୈନ୍ୟ, ହତିଆର, ଗୋଳାବାରୁଦ, ଟ୍ୟାଙ୍କ, ତୋପ, ଜମା କରିଥିଲା ଏବେ କିନ୍ତୁ ୟୁକ୍ରେନ ସୀମାନ୍ତର ଆହୁରି ନିକଟରେ ପହଞ୍ଚିଲେଣି ରଷ ସେନା । ଏହି ସାଟେଲାଇଟ ଫଟୋ ଜାରି ହେବା ପୂର୍ବରୁ ପୁଣି ସତର୍କ କରାଇସାରିଛି ଆମେରିକା । ରଷ ନିଜ ସେନାକୁ ଆକ୍ରମଣ ପାଇଁ ଆଦେଶ ଦେଇଥିବା ଆମେରିକୀୟ ଗୁଇନ୍ଦା ସଂସ୍ଥା କହିଛି । ସେପଟେ କିନ୍ତୁ ରଷ ନିଜ ସେନାକୁ ୟୁକ୍ରେନରୁ ପ୍ରତ୍ୟାହାର କରୁଥିବା କହି ଆସୁଛି । ପୂର୍ବରୁ ଜାରି ହୋଇଥିବା ଆଉ କିଛି ସାଟେଲାଇଟ ଫଟୋରୁ ଜଣାପଡିଥିଲା କି ୟୁକ୍ରେନକୁ ୩ପଟୁ ଘେରି ରହିଛି ରଷ । ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ ପାଇଁ ସମରସଜ୍ଜା କରିଛି । ଗୋଟେ ପଟେ ଯୁଦ୍ଧ ବିପଦ ଘନଉଥିବାବେଳେ ଅନ୍ୟପଟେ ରଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ବିବାଦ କମ କରିବା ପାଇଁ ବୈଠକ ଡାକିବା ଉପରେ ସହମତି ପ୍ରକାଶ କରିଛନ୍ତି । ସେହିପରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଏ ମାର୍କନ ମଧ୍ୟ ରବିବାର ପୁଟିନଙ୍କ ସହ ଫୋନରେ ୟୁକ୍ରେନକୁ ନେଇ ଆଲୋଚନା କରିଛନ୍ତି । ଗୋଟେ ପଟେ ୟୁକ୍ରେନରେ ରଷର ଆକ୍ରମଣ ଆଶଙ୍କା ଘନଉଥିବାବେଳେ ▶▶ପୃଷ୍ଠା ୭

## ଆଜି ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ପଂଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ୨୭ଟି ଜିଲ୍ଲାର ୬୪ ବ୍ଲକ୍ ରେ୧୭,୦୮୯ ବୁଥ୍ ରେ ମତଦାନ ହେବ। ୧୬୩ଟି ଜିଲ୍ଲା ପରିଷଦ ଜୋନ୍ ପାଇଁ ମତଦାନ ଅନୁଷ୍ଠିତ ହେବ । ୧୨୫୪ଟି ପଂଚାୟତର ୧୭,୦୮୯ ବୁଥ୍ ରେ ମତଦାନ ହେବାକୁ ଥିବା ବେଳେ ଏଥିମଧ୍ୟରୁ ୨୫୬୩ ବୁଥ୍ ସମ୍ବେଦନଶୀଳ ଚିହ୍ନଟ ହୋଇଛି । ମୋଟ ୫୧,୩୧,୭୨୭ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ୧୬୩ଟି ଜିଲ୍ଲା ପରିଷଦ ଜୋନ୍ ରେ ୬୬୭ ଜିଲ୍ଲା ପରିଷଦ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି ।



ଝାରସୁଗୁଡ଼ା, ବୌଦ୍ଧ ଓ ଦେବଗଡ଼ ଜିଲ୍ଲାରେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇସାରିଛି। ଗତ ୩ ଟି ପର୍ଯ୍ୟାୟ ନିର୍ବାଚନରେ ମତଦାନ ବେଳେ ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି। ଆସନ୍ତାକାଲି ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ୨୫୭ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ରହିବେ। ଏଥିସହ ୧୪୭୩ ମୋବାଇଲ୍ ପେଟ୍ରୋଲିଂ ପାର୍ଟି ନିୟୋଜିତ ହେବେ।

## ପାହାଲରୁ କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ରାଜଧାନୀ ଉପକଣ୍ଠରୁ ଗୋଟିଏ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ଏହି ମାମଲାରେ ଏସଟିଏଫ୍ ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ରାଜପଥ-୧୬ର ପାହାଲ ଛକରେ ବ୍ରାଉନସୁଗାର ଡିଲ୍ ଚାଲିଥିବାର ଖବର ପାଇ ଏସଟିଏଫ୍ ଟିମ୍ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୧ କେଜି ୨୨୭ ଗ୍ରାମ ବ୍ରାଉନସୁଗାର ଜବତ କରାଯିବା ସହ ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧ କୋଟି ୨୨ ଲକ୍ଷ ଟଙ୍କାରୁ ଅଧିକ ହେବ। ଅଭିଯୁକ୍ତ ବ୍ରାଉନସୁଗାର ବ୍ୟବସାୟୀ ଜଣକ ହେଉଛନ୍ତି ଶିବୁ ଓରଫ ଶିବପ୍ରସାଦ ଦାସ। ତାଙ୍କ ଘର ଜଟଣୀ ଥାନା ଅନ୍ତର୍ଗତ ମୁଣ୍ଡିଆ ସାହିରେ। ଘଟଣାସ୍ଥଳରୁ ଏସଟିଏଫ୍ ଟିମ୍ ଏକ ବାଇକ୍, ୫ଟି ମୋବାଇଲ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ଶିବପ୍ରସାଦ ଦାସଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଘଟଣାର ଅଧିକ ତଦନ୍ତ କରାଯାଉଛି।

## ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କୁ ହତ୍ୟା ଘଟଣାରେ ୩ ଗିରଫ

ଭୁବନେଶ୍ୱର, ୨୧/୦୨ (ନି.ପ୍ର): କର୍ଣ୍ଣାଟକର ଶିବାମୋଗାରେ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କୁ ହତ୍ୟା ମାମଲାରେ ପୁଲିସ୍ ନେଇଛି ଆକ୍ସନ୍। ପୁଲିସ୍ ଏହି ହତ୍ୟାକାଣ୍ଡରେ ତିନି ଜଣଙ୍କୁ ଗିରଫ କରିଛି। ରବିବାର ରାତିରେ ବଜରଙ୍ଗ ଦଳର ୨୩ ବର୍ଷୀୟ ଯୁବ କର୍ମକର୍ତ୍ତା ହର୍ଷଙ୍କୁ ଛୁରୀ ମାରି ହତ୍ୟା କରିଦିଆଯାଇଥିଲା। ଯାହା ପରେ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଛି। ଏହି ହତ୍ୟାକାଣ୍ଡ ପରେ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆସିବା ପାଇଁ ପୁଲିସ୍ ୧୪୪ ଧାରା ଲାଗୁ କରିଛି। ଏପରିକି ସ୍ଥାନୀୟ ଅଞ୍ଚଳରେ ସ୍କୁଲ୍ ଓ କଲେଜକୁ ଦୁଇ ଦିନ ପାଇଁ ବନ୍ଦ କରିଦିଆଯାଇଛି। ସ୍ଥାନୀୟ ପୁଲିସ୍ ସହାୟତାରେ ସମଗ୍ର ରାଜ୍ୟରୁ ୨୧୨ ଇନ୍ସପେକ୍ଟର ଓ ସବ୍-



ଇନ୍ସପେକ୍ଟର ଶିବାମୋଗାରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ନେଇ କେନ୍ଦ୍ର ମନ୍ତ୍ରୀ ଶୋଭା କରନ୍ଦଲାଜେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଘଟଣାର ଏନଆଇଏ ତଦନ୍ତ କରିବାକୁ ଦାବି କରିଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ବସଭରାଜ ବୋମ୍ମାଇ କହିଛନ୍ତି, ତଦନ୍ତ ଆରମ୍ଭ ହୋଇଯାଇଛି ଏବଂ କିଛି ପ୍ରମାଣ ମଧ୍ୟ ମିଳିଛି। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରାଯିବା ନେଇ ଆମେ ଆଶାବାଦୀ ଅଛୁ। ମୁଁ ଶିବମୋଗାରେ ରହୁଥିବା ବାସିନ୍ଦାଙ୍କୁ କହିବାକୁ ଚାହୁଁଛି ଯେ ଆମେ ହତ୍ୟାକାରୀଙ୍କୁ ଶୀଘ୍ର କିରଫ କରିବା ପାଇଁ ଦୃଢ଼ ପଦକ୍ଷେପ ନେଉଛୁ। କୌଣସି ଗୁଜବ ଉପରେ ଧ୍ୟାନ ଦିଅନ୍ତୁ ନାହିଁ। ▶▶ପୃଷ୍ଠା ୭

## 'କୋର୍ବେଭାକ୍ସ'କୁ ମିଳିଲା ଚୂଡାନ୍ତ ଅନୁମତି

ନୂଆଦିଲ୍ଲୀ, ୨୧/୦୨ : ଦେଶରେ କରୋନା ଭାଇରସର ବିପଦ ହୁଏତ ସାମାନ୍ୟ ଟଳିଯାଇଛି, କିନ୍ତୁ ଏହା ବିରୋଧରେ ଟିକାକରଣ ଅଭିଯାନ ଲଗାତର ଜାରି ରହିଛି। ଏବେ କରୋନାର ଭ୍ୟାକସିନକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ୧୫ରୁ ୧୮ ବର୍ଷର ପିଲାଙ୍କୁ ନୂଆ ବର୍ଷରୁ ଟିକାକରଣ ଅଭିଯାନ ଆରମ୍ଭ କରିବା ପରେ ଏବେ ୧୨ରୁ ୧୮ ବର୍ଷ ପିଲାଙ୍କ ପାଇଁ ମଧ ଟିକା ଆସିଯାଇଛି। ଡ୍ରଗ୍ କଣ୍ଟ୍ରୋଲର୍ ଅଫ୍ ଇଣ୍ଡିଆ (ଡିଜିସିଆଇ) ଭାରତର ବାୟୋଲୋଜିକାଲ୍-ଇ ଦ୍ୱାରା ପ୍ରସ୍ତୁତ କୋର୍ବେଭାକ୍ସ (କୋର୍ବେଭାକ୍ସ)କୁ ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଦେଇଛି। ଏହି ଭ୍ୟାକସିନ୍ ୧୨ରୁ ୧୮ ବର୍ଷ ପିଲାଙ୍କୁ




ଦିଆଯିବ। ବାୟୋଲୋଜିକାଲ୍-ଇ'ର ଅନୁସାରେ, କରୋନା ଭାଇରସ୍ ବିରୋଧରେ ଭାରତର ପ୍ରଥମ ସ୍ୱଦେଶୀ ଭାବେ ବିକଶିତ କରାଯାଇଥିବା ରିସେପ୍ଟର ବାଇଣ୍ଡିଂ ଡୋମେନ୍ (ଆରବିଡି) ପ୍ରୋଟିନ୍ ସବ୍-ୟୁନିଟ୍ ଭ୍ୟାକସିନ, ବାୟୋଲୋଜିକାଲ୍-ଇ ଲିମିଟେଡର କୋର୍ବେଭାକ୍ସ ଭ୍ୟାକସିନକୁ ୧୨ରୁ ୧୮ ବର୍ଷ ବର୍ଗଙ୍କ ପାଇଁ ଜରୁରୀକାଳୀନ ବ୍ୟବହାରକୁ ମଞ୍ଜୁରୀ ମିଳିଛି। ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୫ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୧୫ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୦୨୬ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୬ ଜଣ ଅଛନ୍ତି । ବାଲେଶ୍ୱର, କଟକ ଓ ଖୋର୍ଦ୍ଧା ଜିଲ୍ଲାର ୨-୨ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ଜଣ ଅଛନ୍ତି । ସେହିପରି ଢେଙ୍କାନାଳ ଓ କେନ୍ଦ୍ରାପଡା ଜିଲ୍ଲାରେ ୧-୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ପୌରସଂସ୍ଥା ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ଆଗାମୀ ପୌରସଂସ୍ଥା ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ରାଜ୍ୟର ୧୦୭ଟି ପୌରସଂସ୍ଥା ଓ ୩ଟି ମହାନଗର ନିଗମର ମୋଟ ୪୫୮୪ଟି ବୁଥ୍ ରେ ଇଭିଏମ୍ ମାଧ୍ୟମରେ ଭୋଟ ଗ୍ରହଣ କରାଯିବ। ପ୍ରଥମ ଥର ପାଇଁ ▶▶ପୃଷ୍ଠା ୭

## ଲାଲୁଙ୍କୁ ୫ ବର୍ଷ ଜେଲ୍, ୬୦ ଲକ୍ଷ ଜୋରିମାନା

ରାଂଚୀ, ୨୧/୦୨ (ନି.ପ୍ର): ସ୍ପେଶାଲ ସିବିଆଇ ଜଜ୍ ଏସ.କେ. ଶଶିଙ୍କ କୋର୍ଟ ସବୁଠାରୁ ବଡ଼ ଚାରା ସ୍କାମ ଡୋରାଣ୍ଡା ଟ୍ରେଜେରି ମାମଲାରେ ଏହି ଦଣ୍ଡ ଘୋଷଣା କରିଛନ୍ତି। ଏହି ମାମଲାରେ ଆରଜେଡ଼ି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯଦବଙ୍କୁ ୫ ବର୍ଷ ଜେଲ ଦଣ୍ଡିତ କରାଯାଇଛି । ଏହା ସହିତ ତାଙ୍କ ଉପରେ ୬୦ ଲକ୍ଷ ଜୋରିମାନା ମଧ୍ୟ ଲଗାଯାଇଛି । ଏହି ଖବର ଆସିବା ପର୍ଯ୍ୟନ୍ତ ଅନ୍ୟ ଦୋଷୀ ମାନଙ୍କ ଦଣ୍ଡାଦେଶକୁ ଅପେକ୍ଷା କରାଯାଇଥିଲା । ଏହା ଜଣାଯାଇଛି ଯେ, ପ୍ରଥମ ସିଫ୍ଟରେ ଶୁଣାଣି ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଓକିଲ କୋର୍ଟରେ ଆବେଦନ କରିଥିଲେ ଯେ, ତାଙ୍କୁ



ସର୍ବନିମ୍ନ ଦଣ୍ଡ ଦିଆଯାଉ । ଓକିଲ କୋର୍ଟଙ୍କୁ କହିଛନ୍ତି ଯେ, ଲାଲୁ ଯାଦବଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନୁହେଁ। ସେ ଅନେକ ରୋଗରେ ପୀଡ଼ିତ। ତେଣୁ ସେମାନଙ୍କୁ ସର୍ବନିମ୍ନ ଦଣ୍ଡ ଦିଆଯିବା ଉଚିତ୍ । ଅନ୍ୟପକ୍ଷରେ ସିବିଆଇର ପରାମର୍ଶଦାତା କୋର୍ଟରେ କହିଛନ୍ତି ଯେ, ଏହି ମାମଲାର ଶୁଣାଣି ଲମ୍ବା ହେବ । ଏହା ଏକ ଘୋଟାଲା, ସମାଜ ଦେଖିବାକୁ ଚାହୁଁଛି ଯେଉଁମାନେ ଏପରି ସ୍କାମ କରନ୍ତି ସେମାନଙ୍କ ପାଇଁ ଦଣ୍ଡ କଣ ? ଏହି କ୍ଷେତ୍ରରେ ସର୍ବାଧିକ ଦଣ୍ଡ ରହିବା ଉଚିତ୍। ଅନ୍ୟ ୩୭ ଦୋଷୀଙ୍କୁ ଦଣ୍ଡିତ କରିବାର ପ୍ରକ୍ରିୟା ଚାଲିଥିଲା ।

## ଅତିରିକ୍ତ ଏସ୍.ପି ତ୍ରିନାଥ ମିଶ୍ରଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନରେ କ୍ଷେତ୍ରରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି । ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଅନୁଯାୟୀ ଏବେ କଟକ ତୁଳସୀପୁରସ୍ଥିତ ଅତିରିକ୍ତ ଏସ୍.ପି (ଯୋଗାଯୋଗ) ଶ୍ରୀ ତ୍ରିନାଥ ମିଶ୍ରଙ୍କୁ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଚାକିରୀରୁ ବାଧ୍ୟତାମୂଳକ ଅବସର



ଦିଆଯାଇଛି । ବିଭିନ୍ନ ସ୍ତରରୁ ଅଭିଯୋଗ ଆସିବା ପରେ କଟକ, ଖୋର୍ଦ୍ଧା, ଯାଜପୁର, ଜଗତସିଂହପୁର ଓ ନବରଂଗପୁର ଆଦି ଜିଲ୍ଲାର ୧୧ଟି ସ୍ଥାନରେ ଥିବା ତାଙ୍କର ବିଭିନ୍ନ ସମ୍ପତି ଉପରେ ଏକାସମୟରେ ତଲାସୀ କରାଯାଇଥିଲା । ଏହି ତଲାସୀରୁ ବିପୁଳ ପରିମାଣରେ ସମ୍ପତି ଥିବାର ଜଣାଯାଇଥିଲା । ତାଙ୍କ ପାଖରୁ ସମୁଦାୟ ପ୍ରାୟ ୯ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତି ମିଳିଥିଲା। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୫୨ ଜଣ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର ବା ବାଧ୍ୟତାମୂଳକ ଅବସର ଦିଆଯାଇଛି। ଦୁର୍ନୀତି ଅଭିଯୋଗ ରେ ବାଧ୍ୟତାମୂଳକ ଅବସର ଦିଆଯିବାରେ ଶ୍ରୀ ମିଶ୍ର ହେଉଛନ୍ତି ଅନ୍ୟତମ ବରିଷ୍ଠ ଅଧିକାରୀ ।

## କଳିଙ୍ଗ ଷ୍ଟାଡିଅମ୍‌ରେ କ୍ରୀଡା ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମ କମ୍ପଲେକ୍ସ ଗସ୍ତ କରି ସେଠାରେ ୩୦୦ କୋଟି ଟଙ୍କାର ବିଭିନ୍ନ କ୍ରୀଡା ଭିତିଭୂମି ପ୍ରକଳ୍ପ ବିଶେଷତଃ ନିର୍ମାଣାଧୀନ ଇନ୍‌ଡୋର ଆଥଲେଟିକ୍ ଷ୍ଟାଡିଅମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଛନ୍ତି । ଏହି ଇନ୍‌ଡୋର ଆଥଲେଟିକ୍ ଷ୍ଟାଡିଅମ ହେଉଛି ଦେଶର ସର୍ବ ପ୍ରଥମ ଇନ୍‌ଡୋର ଆଥଲେଟିକ୍ ଷ୍ଟାଡିଅମ । ମୁଖ୍ୟମନ୍ତ୍ରୀ ଏହାର ଅଗ୍ରଗତିରେ ସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ଆଥଲେଟ ମାନଙ୍କ ପାଇଁ ଏହି ଇନ୍‌ଡୋର ସୁବିଧା ଦେଶରେ




ଆଥଲେଟିକ୍ ଖେଳର ବିକାଶକୁ ଜୋରଦାର କରିବ ଏବଂ ଏହି ଷ୍ଟାଡିଅମ ଆଗାମୀ ଦିନରେ ଆଥଲେଟିକ ଚମ୍ପିଆନ ସୃଷ୍ଟି କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବ । ଏହି ଷ୍ଟାଡିଅମଟି ୧୨୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରାଯାଉଛି ଏବଂ ଚଳିତ ୨୦୨୨ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ଏଥିରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଆଥଲେଟିକ କ୍ରୀଡା ଅନୁଷ୍ଠିତ ହେବ ଏବଂ ଖେଳାଳୀମାନେ ସାରା ବର୍ଷ ତମାମ ଖେଳ ଅଭ୍ୟାସ ଜାରି ରଖିପାରିବେ। ଶହେ ଜଣ ଖେଳାଳୀଙ୍କୁ କୋଚିଂ ଦେବା ପାଇଁ ଏଥିରେ ଆବାସିକ ସୁବିଧା ମଧ୍ୟ ରହିଛି। ଏହାପରେ ମୁଖ୍ୟମନ୍ତ୍ରୀ ନିର୍ମାଣାଧୀନ ଟେନିସ ସେଂଟର ପ୍ରକଳ୍ପ ମଧ୍ୟ ପ୍ରଦର୍ଶନ କରିଥିଲେ। ଏହି ଟେନିସ୍ ସେଂଟର ଆଇଟିଏଫ ଟୁର୍ଣ୍ଣାମେଂଟ ଓ ଡେଭିସ କପ ଭଳି ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡା ଅନୁଷ୍ଠିତ ହେବାର ସୁବିଧା ଉପଲବ୍ଧ ହେବ । ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମରେରାଜ୍ୟ କ୍ରୀଡା ଭିତିଭୂମି ଉନ୍ନୟନ ପ୍ରକଳ୍ପ ଅଧୀନରେ ଏହିସବୁ କ୍ରୀଡା ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହାଦ୍ୱାରା ରାଜ୍ୟର କ୍ରୀଡା କ୍ଷେତ୍ରରେ ରୂପାନ୍ତର ଆସିପାରିବ ବୋଲି ଆଶା କରାଯାଉଛି । ବର୍ତ୍ତମାନ କଳିଙ୍ଗ ଷ୍ଟାଡିଅମ୍ କମ୍ପେଲେକ୍ସରେ ଇନ୍‌ଡୋର ଆଥଲେଟିକ ଷ୍ଟାଡିଅମ ଓ ଟେନିସ ସେଂଟର ସହିତ ଇନ୍‌ଡୋର ଆକ୍ୱାଟିକ୍ସ ଷ୍ଟାଡିଅମ, ହକି ଏଚପିସି ବିଲ୍ଡିଂ, ଓ ଷ୍ଟାଫ ମାନଙ୍କ ପାଇଁ ଆବାସିକ ବ୍ୟବସ୍ଥା ଆଦି ୩୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣ ଚାଲିଛି । ଏହାପରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିଅମର ମୁଖ୍ୟ ଫୁଟବଲ୍ ▶▶ପୃଷ୍ଠା ୭

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ୬ ମହିଳାଙ୍କ ସମେତ ୧୧ ଜଣ ଗିରଫ

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବିଞ୍ଝାରପୁର ବାଛୋଳ ସାମ୍ବାଦିକ ଆକ୍ରମଣ ଘଟଣାରେ କଡ଼ା ଅଭାମୁଖ୍ୟ ଦେଖାଇଛି ପୋଲିସ । ୬ ଜଣ ମହିଳାଙ୍କ ସମେତ ୧୧ ଜଣଙ୍କୁ ଗିରଫ କରାଯାଇଛି ଆଉ ସେମାନଙ୍କ ବିରୋଧରେ ଲାଗିଛି, ହତ୍ୟା ଉଦ୍ୟମ ଓ ଅପହରଣ ଭଳି ଆଇପିସିର ୧୦ଟି ସଂଗୀନ ଦଫା । ତେବେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ୪ ଜଣ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ କେବଳ ଜଣଙ୍କୁ ଗିରଫ କରାଯାଇଛି । ଗଣମାଧ୍ୟମରୁ ଫଟୋ ଦେଖି ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ । ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି । ଯାଜପୁର ଏସପି କହିଛନ୍ତି ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି । ଘଟଣାରେ ସଂପୃକ୍ତ ସମସ୍ତଙ୍କୁ ଗିରଫ କରାଯିବ । ଅନ୍ୟପଟେ ବାଛୋଳ ଗାଁରେ ପଇଁତରା ମାରୁଛି ପୁଲିସ । ଆଉ ଏତିକି ବେଳେ ପୁଲିସ ଓ ଗାଁର ମହିଳା ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି । ସୁରକ୍ଷା ରକ୍ଷା କରିବା ପାଇଁ ପୁଲିସ ଗାଁରେ ମୁତୟନ ହୋଇଥିବା ବେଳେ ବାଛୋଳ ଗାଁର ମହିଳାମାନେ ଠେଙ୍ଗା ଧରି ପୁଲିସ ଆଡକୁ ମାଡି ଆସୁଛନ୍ତି । ଫଳରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଯାଜପୁର ପ୍ରେସ କ୍ଲବ ପକ୍ଷରୁ ନିରବ ପ୍ରତିବାଦ କରାଯାଇଛି । ଗାନ୍ଧିଛକ ଠାରେ ପ୍ରେସ କ୍ଲବ ସଦସ୍ୟ ମାନେ କଳା ବ୍ୟାଚ ପିନ୍ଧି ଘଟଣାକୁ ନିନ୍ଦା କରିବା ସହିତ ତୁରନ୍ତ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ପାଇଁ ଦାବି କରିଛନ୍ତି । ଆଗାମୀ ୭ ଦିନ ପର୍ଯ୍ୟନ୍ତ ଯାଜପୁରର ସାମ୍ବାଦିକମାନେ କଳା ବ୍ୟାଚ ପିନ୍ଧିବାକୁ ▶▶ପୃଷ୍ଠା ୭

## ତୁଳସୀ ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ସାମାଜିକ ନ୍ୟାୟ ଦିବସ

କେନ୍ଦ୍ରାପଡ଼ା,୨୧/୨ (ନି.ପ୍ର): ଆନ୍ତର୍ଜାତୀୟ ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ତୁଳସୀ ମହିଳା ମହା ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆ ଦିଲ୍ଲୀରେ ଅବସ୍ଥାପିତ ଜାତୀୟ ସେବା ଯୋଜନାର ମୁଖ୍ୟ ନିର୍ଦ୍ଦେଶକ ଡାକ୍ତର କମଲ କୁମାର କର ମୁଖ୍ୟ ଅତିଥି ରୂପେ, ମୁଖ୍ୟବକ୍ତା ଭାବେ ଆଇନାର ସଂପାଦିକା ତଥା ନିର୍ଦ୍ଦେଶିକା ସେହ୍ନ ମିଶ୍ର ଯୋଗ ଦେଇ ପ୍ରଚଳିତ ନାରୀ ଓ ପୁରୁଷଙ୍କ ମଧ୍ୟରେ ବିଭେଦ ତଥା ତାର ନିରାକରଣ ସଂପର୍କରେ ବିଭିନ୍ନ ଉଦାହରଣ ପ୍ରଦାନ କରିଥିଲେ । ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ଜିଲ୍ଲା ଅଧିକାରୀ ଡ଼ଃ ପଦ୍ମଜା କବି ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ +୨ ସେବା ଅଧିକାରିଣୀ ଜୟଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜେଏସ୍ଏମ୍ କଲେଜ ପକ୍ଷରୁ ଇଣ୍ଟ୍ରା କଲେଜ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ବଲାଙ୍ଗିର ,୨୧/୨ (ନି.ପ୍ର): ଜେ ଏସ୍ ଏମ୍ କଲେଜ ଆନୁକୂଲ୍ୟରେ ଖୁଜେନପାଲି ହାଇସ୍କୁଲ ଖେଳ ପଡିଆଠାରେ କଲେଜର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଇଣ୍ଟ୍ରା କଲେଜ କ୍ରିକେଟ ଟୁର୍ଣ୍ଣାମେଂଟଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗିର ଜିଲ୍ଲା ଓକିଲ ସଂଘର ସମ୍ପାଦକ ଅମନ ନାଗ ଓ ସମାଜସେବିକା ଶ୍ରୀମତୀ ସବିତା ବାର୍ଲା ଅତିଥି ଭାବରେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭବରେ ରାଜ୍ୟ ବୋଲିଂ ଏସୋସିଏସନ୍‌ର ସାଧାରଣ ସମ୍ପାଦକ ସୁମିତ କୁମାର ପୁରୋହିତ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପୁଣି ଖେଳ ପଡିଆରେ ଅନ୍ୟାନ୍ୟ ଅତିଥି ଭାବରେ ବଲାଙ୍ଗିର ନାଗରିକ କମିଟିର ସମ୍ପାଦକ ଶିକ୍ଷାବିତ୍ ମନୋରଞ୍ଜନ ସାହୁ, ପୂର୍ବତନ କଲେଜ ଅଧ୍ୟକ୍ଷ ପୀତବାସ ପଣ୍ଡା, ସାଂବାଦିକ ରଘୁନନ୍ଦନ ସିଂହ, ଜେଏସ୍ଏମ୍ କଲେଜର ଚେୟାରମ୍ୟାନ ସି.ଏ ଶ୍ରୀକାନ୍ତ ଶର୍ମା ଓ ନିର୍ଦ୍ଦେଶିକା ଶ୍ରୀମତୀ ସୁମନ ଶର୍ମା ପ୍ରମୁଖ ମଂଚାସୀନ ହେବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ଛାତ୍ର ଦଳ ସୁପର କେପିଟାଲ୍, ଫଣ୍ଡ୍ ରାଇଜର, ଇକ୍ୟୁଟି ୱାରିଅର ଓ ଏକାଉନ୍‌ଟିଙ୍ଗ ଏଭେଞ୍ଜର ଏବଂ ଛାତ୍ରୀ ଦଳ ଟ୍ରାଞ୍ଜବଲ ଟ୍ୟାଟନ ଓ ଗୁଡ୍ ୱିଲ୍ ଗାର୍ଲ୍ସ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ । ଛାତ୍ର ଦଳ ମଧ୍ୟରୁ ଫାଇନାଲ ମ୍ୟାଚ ସୁପର କେପିଟାଲ୍ ଓ ଫଣ୍ଡ ରାଇଜର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଫଣ୍ଡ୍ ରାଇଜର ଦଳ ବିଜେତା ହୋଇଥିଲେ । ଛାତ୍ରୀ ଦଳ ମଧ୍ୟରୁ ଟ୍ରାଞ୍ଜବଲ ଟ୍ୟାଟନ ଦଳ ବିଜେତା ହୋଇଥିଲେ । କଲେଜର ଏଚ୍‌ଓଡି, ଏଓ, ଖେଳ ଶିକ୍ଷକ, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଓ ସମସ୍ତ ଆଡମିନ୍ ଷ୍ଟାଫ ମାନଙ୍କର ସହଯୋଗରେ ଟୁର୍ଣ୍ଣାମେଂଟ ସମ୍ପାଦନ ହୋଇଛି ।

## ଆଇଏମ୍ଏ ଓଡ଼ିଶା ଶାଖାର ନୂତନ କର୍ମକର୍ତ୍ତା



କଟକ,୨୧/୨ (ନି.ପ୍ର): ଭାରତୀୟ ଚିକିତ୍ସକ ସଂଘ (ଆଇଏମ୍ଏ) ଓଡ଼ିଶା ଶାଖାର ୭୩ ତମ ରାଜ୍ୟ ପରିଷଦ ବୈଠକ ସଂଘର ରାଜ୍ୟ ଶାଖା ଭବନରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ପରିଷଦରେ ରାଜ୍ୟ ଶାଖା କର୍ମକର୍ତ୍ତା ସହିତ ବିଭିନ୍ନ ଶାଖାର ସଭାପତି, ସମ୍ପାଦକ ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଉକ୍ତ ଅସନରେ ଆଇଏମ୍ଏର ପ୍ରାକ୍ତନ ଜାତୀୟ ସଭାପତି ଡାକ୍ତର ଏମ୍. ଆବାସ୍ ଯୋଗ ଦେଇଥିଲେ । ପରିଷଦର ଅନୁମୋଦନ କ୍ରମେ ୨୦୨୨-୨୩ ବର୍ଷ ପାଇଁ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ କରିଥିଲେ । ରାଜ୍ୟ ସଭାପତି ଭାବେ ବିଶିଷ୍ଟ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ରଜତ କୁମାର ରାୟ, ରାଜ୍ୟ ଶାଖା ସମ୍ପାଦକ ଭାବେ ଡାକ୍ତର ବ୍ରଜକିଶୋର ଦାଶ, ରାଜ୍ୟ ଅର୍ଥ ସମ୍ପାଦକ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, ସହ-ସମ୍ପାଦକ ଡାକ୍ତର ଦେବପ୍ରସାଦ ମହାନ୍ତି, ଡାକ୍ତର ଦୀପକ କୁମାର ପାଢ଼ୀ, ସାମାଜିକ କଲ୍ୟାଣ ସମ୍ପାଦକ ଭାବେ ଡାକ୍ତର ସମ୍ରାଟ କର ଦାୟିତ୍ୱ ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଭାବେ ରାଜ୍ୟ ଶାଖା ତରଫରୁ ଡାକ୍ତର ଜନ୍ମେଜୟ ମହାପାତ୍ର, ଡାକ୍ତର ମନୋଜ କୁମାର ଛୋଟରାୟ ଏବଂ ଡାକ୍ତର ସୁବାସ ଚନ୍ଦ୍ର ସାହୁ ନିର୍ବାଚିତ ହୋଇଥିବା ସୂଚନା ମିଳିଛି ।

## ୨ଟି ଯୋଜନା ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକ

ଜୟପୁର,୨୧/୨ (ନି.ପ୍ର): କୋରାପୁଟ ଜିଲାର ବଡକେରଙ୍ଗା ପଂଚାୟତରେ ଯୋଜନା ପ୍ରାଥମିକ ୨ଟି ବିଦ୍ୟାଳୟରେ ଜଣେ ଶିକ୍ଷକ ରହିଛନ୍ତ । ପ୍ରତ୍ୟେକ ବିଦ୍ୟାଳୟରେ ପ୍ରଥମରୁ ପାଂଚଟି ଶ୍ରେଣୀ ରହିଛି । ସବ ଶିକ୍ଷା ଅଭିଯାନ ସଫଳ ରୁପାୟନ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କୋରାପୁଟ ବ୍ଲକ ଅନ୍ତର୍ଗତ ବଡକେରଙ୍ଗା ପଂଚାୟତ ରେ ଅପର କୋଲାବ ପ୍ରକଳ୍ପ ଦାୟିତ୍ୱ ରେ ରହିଥିବା ୨ଟି ବିଦ୍ୟାଳୟକୁ ଜଣେ ମାତ୍ର ଶିକ୍ଷକ ଅଛନ୍ତି । ଜଣେ ଶିକ୍ଷକ ଥିବାରୁ ଶିକ୍ଷାଦାନ ଗୁରୁତର ଭାବେ ବାଧା ପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି । ପ୍ରକଳ୍ପର ଡ୍ୟାମ ସାଇଡ ଠାରେ ୧୯୭୬ ମସିହାରେ ପ୍ରତିଷ୍ଠିତ ପ୍ରଥମରୁ ପଂଚମ ବିଦ୍ୟାଳୟ ରେ ୬୪ ଜଣ ଛାତ୍ର ଛାତ୍ରୀ ରହିଥିବା ବେଳେ ୧୯୭୮ ମସିହାରେ ପ୍ରତିଷ୍ଠିତ ବଡନାୟକ ଗୁଡା ଯୋଜନା ବିଦ୍ୟାଳୟ ରେ ପ୍ରଥମ ରୁ ପଂଚାୟ ଶ୍ରେଣି ନିମନ୍ତେ ୫୫ ଜଣ ଛାତ୍ର ଅଛନ୍ତି । ଏପଟେ ଡ୍ୟାମ ସାଇଡ ଯୋଜନା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅମୁଲ୍ୟ ପରିଡା ଜଣେ ଶିକ୍ଷକ ରହିଥିବା ବେଳେ ବଡ ନାୟକ ଗୁଡାରେ କୈଣସି ଶିକ୍ଷକ ନଥିବାରୁ ପରିଡା ହିଁ ଦାୟିତ୍ୱ ତୁଲାଉଛନ୍ତି । ଉକ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ରହି ପାଠ ପଢାଇବେ ନା ଅଫିସ କାର୍ଯ୍ୟ ସହଜେ ଅନୁମେୟ । ଯୋଜନା ବିଦ୍ୟାଳୟ ଗୁଡିକର ଏହି ଅବସ୍ଥା ଦେଖି ପ୍ରକଳ୍ପ କାର୍ଯ୍ୟରତ ବ୍ୟକ୍ତି କୈଳାଶ ଚନ୍ଦ୍ର ପଣ୍ଡା ଡେମ ସାଇଡ ସ୍ଥିତ ବିଦ୍ୟାଳୟରେ ଶିକ୍ଷା ଦାନ କରୁଥିଲେ । ୨୦୧୮ ମସିହାରୁ ଶିକ୍ଷାଦିନ କରୁଥିଲେ । କାନ୍ତୁ ତାଙ୍କୁ ବିଭାଗ ତରଫରୁ କୈଣସି ଲିଖିତ ଭାବେ ଦିଆନିବାରୁ ସେ ଆଉ ସ୍କୁଲ ଯାଉ ନାହାଁନ୍ତି । ୧୯୯୧-୯୨ ରେ ବିଦ୍ୟାଳୟରେ ଅପଲ କୋଲାବ ପ୍ରକଳ୍ପରେ କାର୍ଯ୍ୟରତ ଦନ ମଜୁରିଆ ବା ଏନଏମଆର ଭଳି ଥିବା ପରେଶ ରାଉ. ଦାମ ପଣ୍ଡା ଦୁର୍ଯ୍ୟଧନ ମହାରଣା, ପ୍ରଗତି ଖଣ୍ଡୁଆଳ, ମଞ୍ଜୁ ମିଶ୍ର ଯାଇ ପାଠ ପଢାଉଥିଲେ । ଏମିତି ପ୍ରଥମରୁ ଅଷ୍ଟମ ଯାଏ ୭ଟି ଶିକ୍ଷକ ରହୁଥିବ ବେଳେ ନାଚ, ଗୀତ, ଖେଳ ଆଦି ମଧ ହେଉଥିଲା। ବର୍ତ୍ତମାନ ଶିକ୍ଷ ନଥିବାରୁ । ଛାତ୍ର ଛାତ୍ରୀ ମାନେ ଶିକ୍ଷା ଦାନରୁ ବଂଚିତ ହେଉଛନ୍ତି । ତେଣୁ ସ୍ଥାନୀୟ ଅଂଚଳ ଶିକ୍ଷିତ ଯୁବକ ଯୁବତିକୁ ବିଦ୍ୟାଳୟରେ ନିଯୁକ୍ତି ଦେବା ପାଇ ଅବିଭାବକ ମାନେ ଦାବୀ କରିଛନ୍ତି । ତେଣୁ ବିଭାଗ ଗୁରୁତ୍ୱ ଦେଉ ନଚେତ ଶିକ୍ଷା ବିଭାଗ କୁ ଉକ୍ତ ଦୁଇ ବିଦ୍ୟାଳୟ ହସ୍ତାନ୍ତର କରିବାକୁ ଦାବି ହୋଇଛି ।

## ସାମଗ୍ରିକ ବିକାଶ ପାଇଁ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ : ନରସିଂହ

ବଲାଙ୍ଗିର,୨୧/୨ (ନି.ପ୍ର): ଗୁରୁତ୍ୱ ପୂର୍ଣ୍ଣ ମତଦାନ ପାଇଁ ଆଉ ଗୋଟିଏ ଦିନ ବାକି ରହିଲା । ଏହି ଦିନ ଆପଣଙ୍କ ମତଦାନ ଆଗାମୀ ୫ ବର୍ଷ ପାଇଁ ଅଂଚଳର ଭବିଷ୍ୟତ ନିର୍ଦ୍ଧାରଣ କରିବ । ତେଣୁ ଆପଣମାନେ ଏହି ମତଦାନ ପୂର୍ବରୁ ଠିକ ଭାବେ ଚିନ୍ତାକରି ଲୋଭ ବା ଭୟର ବଶବର୍ତ୍ତି ନହୋଇ କେବଳ ଅଂଚଳର ବିକାଶ ପାଇଁ ମତଦାନ କରନ୍ତୁ । ଏହି ଅଂଚଳର ସାମଗ୍ରୀକ ବିକାଶ ପାଇଁ କୃଷୀ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପ୍ରତ୍ୟେକ ଦିଗରେ ଅଂଚଳକୁ ଆଗେଇ ନେବାକୁ ହେବ । ଆପଣଙ୍କ ଭୋଟ ମଧ ସେହି ଦିଗରେ ଓ ଉଚିତ ପ୍ରାର୍ଥୀକୁ ଯିବା ଆବଶ୍ୟକ । ତେଣୁ ମୋର ଅନୁରୋଧ ଆପଣମାନେ କଂଗ୍ରେସର ଜିଲ୍ଲା ପରିଷଦ ପ୍ରାର୍ଥିନୀ ଯଶୋବନ୍ତି ବଘାରଙ୍କୁ ହାତ ଚିହ୍ନରେ ଭୋଟ ଦେଇ ଅଂଚଳକୁ ଏକ ବିକାଶ ପଥରେ ଆଗେଇ ନେବେ ବୋଲି ଆଜି ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସଦର ବ୍ଲକରେ ନିର୍ବାଚନ ପ୍ରଚାର ସମୟରେ ଉପସ୍ଥିତ ଜନତାଙ୍କୁ ଆହ୍ୱାନ କରିଛନ୍ତି । ଆଜି ବଲାଙ୍ଗିର ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ସଦର ବ୍ଲକର ସିନ୍ଧୁରବାହାଲ, ଚନ୍ଦନଭାଟି, କଅଁଗାଁ, ମିର୍ଧାପାଲି, କିରାବାହାଲ, ଖଲିଆପାଲି, ରାଣୀପାଲି, ସକମା, ଫାସଡ, ଅମାମୁଣ୍ଡା, ମନହୀରା, ଭଇଁଷା ଓ ବଘାପାଲି ଆଦି ଗାଁରେ ଅନୁଷ୍ଠିତ କଂଗ୍ରେସର ନିର୍ବାଚନୀ ସଭାମାନଙ୍କରେ ଶ୍ରୀ ମିଶ୍ର ଆହୁରି ମଧ କହିଛନ୍ତି ଯେ, ବାରମ୍ବାର ମିଛ କହି ସିଟ ହାତେଇବା ପ୍ରୟାସ କରୁଥିବା କେନ୍ଦ୍ରର ବିଜେପି ଦଳ ଓ ଗରିବ, ଆଦିବାସୀ , ପଛୁଆବର୍ଗ ବିରୋଧି ରାଜ୍ୟର ବିଜେଡି ଦଳକୁ ଏଥର ଆଦ୍ୱେ ଭୋଟ ଦେବେ ନାହିଁ ବୋଲି ଗାଁ ଗହଳିବାସିନ୍ଦା ସ୍ପଷ୍ଟ ନିଷ୍ପତ୍ତି ନେଇଛନ୍ତି । ତା ସହ ଏହି ନିର୍ବାଚନରେ ଅଂଚଳର ପ୍ରକୃତ ସମସ୍ୟାମାନଙ୍କର ସମାଧାନ ପାଇଁ ଛାତ୍ର, ଯୁବକ,କୃଷକ, ଶ୍ରମିକ ସାଥି କଂଗ୍ରେସକୁ ପୁଣି ଏକ ସ୍ପଷ୍ଟ ଜନାଦେଇ ଦେବେ । ତେଣୁ ଆପଣମାନେ ମଧ କଂଗ୍ରେସର ଜିଲ୍ଲା ପରିଷଦ ପ୍ରାର୍ଥିନୀ ଯଶୋବନ୍ତି ବଘାରଙ୍କୁ ହାତ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରନ୍ତୁ । ଦେଖିବେ ଅଂଚଳର ବିକାଶ ପ୍ରକ୍ରିୟା ନିଶ୍ଚୟ ତ୍ୱରାନ୍ୱିତ ହେବ ବୋଲି ସେ ଜନତାଙ୍କୁ କହିଛନ୍ତି । କଂଗ୍ରେସ ଦଳର ଏହି ନିର୍ବାଚନୀ ସଭା ମାନଙ୍କରେ କପିଳ ପାଣୀଗ୍ରାହୀ, ମହେନ୍ଦ୍ର ମଲ୍ଲିକ, ଲକ୍ଷ୍ମୀନାରାୟଣ ନାଏକ, ଟୁନା ପାଣୀଗ୍ରାହୀ, ଦେବ ପାଣୀ, ସଂକିର୍ତ୍ତନ ମେହେର, ତପନ ପାଣିଗ୍ରାହୀ, ଅଜିତ ଦଲେଇ, ଭଗବାନ ମେହେର, ବିପିନ ପଟେଲ, ପିଙ୍କୁ ପଟେଲ, ଦିନବନ୍ଧୁ ପଟେଲ, ପ୍ରକାଶ ବରେଇ, ରାମ ମିଶ୍ର, ମଛିନ୍ଦ୍ର ମହାକୁଡ, କୁଞ୍ଜ ପାଣ୍ଡେ, ଧନୁ ସିଂ, ଗୋପୀ ମହାକୁଡ, ଦେବାନନ୍ଦ ସିଂ, ଦେବ ନାଏକ, ପଦ୍ମନ ବରାଡ ଓ ରାଜା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ପାଟଣାଗଡ କେନ୍ଦୁପତ୍ର ଡିଭିଜନରେ ବର୍ଷ ବର୍ଷ ଧରି ରେଞ୍ଜର ନିଯୁକ୍ତି ନାହିଁ : ଅନିୟମିତତା ଅଭିଯୋଗ

ବଲାଙ୍ଗିର ,୨୧/୨ (ନି.ପ୍ର): କେନ୍ଦୁପତ୍ରକୁ ସବୁଜ ସୁନା କୁହାଯାଉଥିବା ବେଳେ କେନ୍ଦୁପତ୍ରରୁ ଓଡିଶା ସରକାରଙ୍କୁ ବାର୍ଷିକ ଶହ ଶହ କୋଟି ଟଙ୍କା ଲାଭାଂଶ ପ୍ରଦାନ କରିଥାଏ । ସାରା ବିଶ୍ୱରେ ପାଟଣାଗଡ଼ ବନଖଣ୍ଡର ପତ୍ରର ମାନ ଅତି ଉଚ୍ଚ କୋଟିର ଅଟେ ତେଣୁ ପାଟଣାଗଡ଼ ବନଖଣ୍ଡ ସାରା ବିଶ୍ୱରେ ପରିଚିତ । କିନ୍ତୁ ବିଗତ କିଛି ବର୍ଷ ହେଲା ତାର ବ୍ୟତିକ୍ରମ ଦେଖିବାକୁ ମିଳୁଛି ଯେଉଁ ଦିନଠାରୁ ଫରେଷ୍ଟର ମାନେ ରେଞ୍ଜର ଦାୟିତ୍ୱ ତୁଲାଉଛନ୍ତି ସେହି ଦିନଠାରୁ ଆଶାନୁରୂପ ଲାଭ ମିଳିପାରୁନାହିଁ ବୋଲି ଅଭିଯୋଗ ହେଉଛି । କାହିଁକି ଦୀର୍ଘ ଦିନଧରି ଓଡିଶା ସରକାର ପାଟଣାଗଡ଼କୁ କୌଣସି ରେଞ୍ଜର ପୋଷ୍ଟିଂ କରୁନାହାନ୍ତି ଏହାର ଜବାବ କାହାରି ପାଖରେ ନାହିଁ ବୋଲି ମତ ପ୍ରକାଶ ପାଉଛି । ପାଟଣାଗଡ଼ କେନ୍ଦୁପତ୍ର ବନଖଣ୍ଡରେ ଥିବା ୮ ଗୋଟି ରେଞ୍ଜ ମଧ୍ୟରୁ ୭ଗୋଟି ରେଞ୍ଜରେ ଫରେଷ୍ଟର ମାନେ ରେଞ୍ଜର ଦାଇତ୍ୱ ତୁଲାଉଥିବା ବେଳେ ସେଥି ମଧ୍ୟରୁ କିଛି ଫରେଷ୍ଟର ସିସିଏଫ୍ ଏବଂ ଡିଏଫ୍ ଓଙ୍କୁ ହାତକରି ନିଜର ମାନମାନି ଚଳେଇଥିବା ଅଭିଯୋଗ ହେଉଛି । ଡିଭିଜନରେ କୌଣସି କାମ ଠିକ୍ ସମୟରେ ହେଉ ନଥିବାର ଅଭିଯୋଗ ମଧ ହୋଇଛି । ସରକାରୀ ନିୟମ ଅନୁସାରେ ପ୍ରତି ୧୮ ମାସରେ ୨ ଗୋଟି ୟୁନିଫର୍ମ ଦେବାକଥା କିନ୍ତୁ ୨୦୧୫ ମସିହା ଠାରୁ କାହାକୁ ୟୁନିଫର୍ମ ଦିଆହୋଇ ନାହିଁ । ଠିକ୍ ସମୟରେ କାହାର କାଗଜ ପତ୍ର କାର୍ଯ୍ୟ ମଧ ହେଉନାହିଁ ବୋଲି ଅଭିଯୋଗ ହେଉଛି । ଯିଏ ଏହାର ବିରୋଧ କଲେ ଉପରିସ୍ଥ ଅଧିକାରୀ ତା'ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ କେହି ଏହାର ବିରୋଧ କରୁନାହାନ୍ତି ବୋଲି ମତ ପ୍ରକାଶ ପାଉଛି । ଜଣେ ଜଣେ ଷ୍ଟାପ ଆଠ ବର୍ଷ ଧରି ଗୋଟିଏ ଜାଗାରେ କାର୍ଯ୍ୟ କରୁଛନ୍ତି କିନ୍ତୁ ସେମାନଙ୍କୁ ସେଠାରୁ ବଦଳି ନ କରି ଉଦେଶ୍ୟମୂଳକ ଭାବରେ ଅନ୍ୟ ମାନଙ୍କୁ ହଇରାଣ କରିବା ପାଇଁ ବଦଳି କରାଯାଉଅଛି ବୋଲି ଅଭିଯୋଗ ହେଉଛି । ବିଭାଗୀୟ ଅଧିକାରୀ ଏଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣ ରେ ଦାବୀ ହେଉଛି ।

## ମାଗଣା ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଜୟପୁର ,୨୧/୨ (ନି.ପ୍ର): ଦକ୍ଷିଣ ଓଡିଶା ଆୟୁର୍ବେଦ ବିକାଶ ପରିଷଦ ଜୟପୁର ତରଫରୁ ମାଗଣା ଆୟୁବେଦ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ସତୀନଦୀ ନିକଟ ହନୁମାନ କୋଲନୀ ଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ଡିଗ୍ରୀଧାରି ଆୟୁବେଦ ଡାକ୍ତର ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଶିବିରରେ ୨୧୩ ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଶିବିରକୁ ବିକାଶ ପରିଷଦର ସଭାପତି ସୁଦର୍ଶନ ଗୌଡ,କବିରାଜ ପରମେଶ୍ୱର ପାତ୍ର, କ୍ଷେତ୍ରବାସୀ ପଣ୍ଡା, ସତ୍ୟ ନାରୟଣ ପରିଛା, ଭବାନୀ ଚରଣ ଆଚାର୍ଯ୍ୟ, ଶ୍ରୀରାମ ଗୌଡ, ଜନିଆ ରାଣୀ ମହାଙ୍କୁଡ, ମନୋଜ କୁମାର ବିଶ୍ୱାଳ, ପ୍ରଶାନ୍ତ କୁମାର ପ୍ରଧାନ, ସଂଯୋଗ ଶ୍ରୀ ଆନନ୍ତ, ବିନୋଦ ବିହାରୀ ରଥ ପ୍ରମୁଖ ଉପସ୍ଥିତ ରହି ଚିକିତ୍ସା କରି ମାଗଣା ଔଷଧ ବଣ୍ଟନ କରିଥିଲେ ।

## ଦୁଇଦିନ ବ୍ୟାପି ଦୋଳ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗିର ,୨୧/୨ (ନି.ପ୍ର): ସ୍ଥାନୀୟ ଯାଦବ ଭବନ ପରିସରରେ ଚଳିତ ବର୍ଷ ପାଇଁ ଆୟୋଜନ ହେବାକୁ ଥିବା ଦୋଳ ମହୋତ୍ସବ ପାଇଁ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଯାଦବ ସମାଜର ପୌରାଞ୍ଚଳ ସଭାପତି ପଙ୍କଜ ସେଲମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଅରକ୍ଷିତ ଜୁଏଡ,ଜିଲା ମୁଖ୍ୟ ଉପଦେଷ୍ଟା ଅଧାପକ ଛବିଳ ବଗର୍ତ୍ତୀ, ପୂର୍ବତନ ଜିଲା ଉପ ସଭାପତି ବସୁଦେବ ନାଗ,କାର୍ଯ୍ୟକାରୀ ସଭାପତି ଦୃତିବାହନ ଚନ୍ଦନ,ସାଂସ୍କୃତିକ ଶୋଭାଯାତ୍ରା ସଭାପତି ବରୁଣ ହେର୍ଣ୍ଣା, ଦୋଳମହୋତ୍ସବ କାର୍ଯ୍ୟକ୍ରମ ସଂଯୋଜକ ପ୍ରଶାନ୍ତ ମହାକୁର ମଞ୍ଚାସିନ ହୋଇଥିଲେ । ଗତ ବର୍ଷର ଆୟବ୍ୟୟର ବିବରଣୀ ସହ ସମ୍ପାଦକ ଅଷ୍ଟମୀ ବଗର୍ତ୍ତୀ ପ୍ରଦାନ କରିଥିଲେ । ଗତ ଦୁଇ ବର୍ଷ ହେଲା କୋଭିଡ୍ ଯୋଗୁଁ ଦୋଳମହୋତ୍ସବ ସିମୀତ ଲୋକଙ୍କ ମଧ୍ୟରେ ଆୟୋଜନ ହୋଇଥିଲା । ଚଳିତ ବର୍ଷ ୨୫ ବର୍ଷ ପୂରଣ ହୋଇଥିବା ବେଳେ ୨୬ ବର୍ଷ ପାଳନ ହେବାକୁ ଯାଉଛି । ତେଣୁ ଏହି ରୌପ୍ୟ ଜୟନ୍ତୀ ଅବସରରେ ଏହାକୁ ଧୁମଧୁମାରେ ପାଳନ କରିବାକୁ ଯାଦବ ସମାଜର ବୈଠକରେ ମତପ୍ରକାଶ ପାଇଥିଲା । ରୌପ୍ୟ ଜୟନ୍ତୀ ପାଇଁ ଏକ ସ୍ମରଣିକା ପ୍ରକାଶ କରିବାକୁ ସର୍ବସମ୍ମିତିକ୍ରମେ ନିଷ୍ପତ୍ତି ହୋଇଥିଲା । ଏହି ଉତ୍ସବ ସହ ଭାବାବେଗ ରହିଥିବା ବେଳେ ଦୋଳମହୋତ୍ସବ ପରେ ହେଉଥିବା ରଙ୍ଗ ଖେଳ ସମ୍ପର୍କ ରହିଥିବା ଯୋଗୁଁ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସବୁବର୍ଗର ଲୋକେ ସ୍ମରଣିକାରେ ଲେଖା ଦେଇପାରିବେ ବୋଲି ଯାଦବ ସମାଜ ପକ୍ଷରୁ କୁହାଯାଇଛି । ଏହା ସହ ଦୋଳମହୋତ୍ସବ, ଯାଦବଙ୍କ ଗୌଉଡ଼ ବାଡି ତଥା ହୋଲି ଖେଳ ସମ୍ପର୍କିତ ଲେଖା ଆସନ୍ତା ମାର୍ଚ୍ଚ ୫ ତାରିଖ ସୁଦ୍ଧା ଦେବାକୁ ଆହ୍ୱାନ କରାଯାଇଛି । ତେବେ ଆସନ୍ତା ମାର୍ଚ୍ଚ ୧୭ ତାରିଖରେ ଦେବ ନିମନ୍ତ୍ରଣ,କଳସ ଶୋଭାଯାତ୍ରା ହେବାକୁ ଥିବା ବେଳେ ଉକ୍ତ ଦିନ ବ୍ୟଙ୍ଗ କବିତା ଆସର ସହ ଦୋଳମହୋତ୍ସବ ପାଇଁ ପ୍ରସ୍ତୁତ ହୋଇଥିବା ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ମାର୍ଚ୍ଚ ୧୮ ତାରିଖ ଦିନ ସାଂସ୍କୃତିକ ଶୋଭାଯାତ୍ରା ସହ ସହରର ମଧ୍ୟସ୍ଥଳରେ ଗୌଉଡ଼ ବାଡିଖେଳର ଆୟୋଜନ କରାଯିବାକୁ ଥିବା ବେଳେ ବୀଣାକାଳିଆ ଦଳ,ଶଙ୍ଖ ଦଳ,ଘଣ୍ଟ ଦଳ ଶୋଭାଯାତ୍ରାରେ ସାମିଲ ହେବେ । ଏହି ପ୍ରସ୍ତୁତି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦୟାସାଗର ବଗର୍ତ୍ତୀ, କାଳିନ୍ଦ୍ରୀ ହାତୀ, ବିରେନ୍ଦ୍ର ବନଛୋର, ଖରତମଲ ରାଉତ, ଦିଗାମ୍ବର ମାଝୀ, ଜୟଦେବ ଜାଲ, ଜୟଦେବ ଜାଲ, ରତ୍ନାକର ଗହୀର, ଈଶ୍ୱର ବାଗ, ଶଙ୍କର ପୋଢ, କିଶୋର ଜାଲ,ଆକୁଳ ବଗର୍ତ୍ତୀ,ହୃଷିକେଶ ବନଛୋର, ଘାସିରାମ ଦୀପ,ଫଗୁ ଜାଲ, ରବୀନ୍ଦ୍ର ଠେଟୁଆଲ, ହରିଶଙ୍କର ଛତ୍ରିଆ, ଦିବାକର ପୋଢ, କବିରାଜ ଭୋଇ, ବିନୋଦ କାଲସାଏ ପ୍ରମୁଖ ଉପସ୍ଥିତ ଥିଲେ ।

## ଉଦୀୟମାନ ଭଲିବଲ ତାରକା ଶିବାନୀଙ୍କୁ ଅତନୁଙ୍କ ଶୁଭେଚ୍ଛା

କେନ୍ଦ୍ରାପଡ଼ା,୨୧/୨ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମହାକାଳପଡା ବ୍ଲକ ବଉଳକଣୀ ପଂଚାୟତର ଉଦ୍ୟମାନ ଯୁବ ଭଲି ତାରକା ଶିବାନୀ ପ୍ରିୟଦର୍ଶିନୀଙ୍କୁ ଆନ୍ତର୍ଜାତିକ କ୍ରୀଡା ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତୋରତର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ମହାକାଳପଡା ବ୍ଲକ କେନ୍ଦ୍ରାପଡା ଜିଲ୍ଲା ତଥା ଓଡିଶା ପାଇଁ ଗୌରବ ଆଣିଥିବା କୃଷକ ପରିବାର ର ଝିଅ ଶିବାନୀଙ୍କ ସଫଳତା ଯୁବ କ୍ରୀଡାବିତ୍ ମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ବାର୍ତାରେ କହିଛନ୍ତି । ସୂଚନା ଯୋଗ୍ୟ ପବିତ୍ର ପରିଡା ଓ ରୀନାରାଣୀ ପରିଡାଙ୍କ କନ୍ୟା ଶିବାନୀ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୩୪ତମ ଫେଡେରସନ କପ ଭଲି ବଲ ଟୁର୍ଣ୍ଣାମେଣ୍ଟରେ ଓଡିଶା ଦଳର ପ୍ରତିନିଧିତ୍ୱ କରି ହିମାଂଚଳ ପ୍ରଦେଶକୁ ୩-୦ରେ ହରାଇ ପ୍ରଥମ ଜାତୀୟ କାଂସ୍ୟ ପଦକ ହାସଲ କରିଛି । ଓଡିଶା ଭଲି ବଲ ଆସୋସିଏସନ୍ ଓ ରାଜ୍ୟ କ୍ରୀଡା ଯୁବ ସେବା ବିଭାଗ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ଶିବାନୀ ଅଲ ରାଉଣ୍ଡ କ୍ରୀଡା ପ୍ରଦର୍ଶନ କରି ଓଡିଶା ଦଳକୁ ବ୍ରୋଜ ପଦକ ଜିତାଇବାରେ କୃତୀତ୍ୱ ଅର୍ଜନ କରିଥିଲେ । ବର୍ତମାନ ସେ ଭୁବନେଶ୍ୱର ଷ୍ଟୋଡସ୍ ହଷ୍ଟେଲରେ ରହି ଅଧ୍ୟୟନ କରୁଥିବା ଜଣାପଡିଛି । ତାଙ୍କର ଏହି ସଫଳତା ଜିଲ୍ଲାର କ୍ରୀଡା ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳାଇ ଦେଇଛି ।

## ୩୬ ନଂ ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀନୀଙ୍କ ପାଇଁ ନେତାଙ୍କ ନିର୍ବାଚନୀ ସଭା

ଧର୍ମଶାଳା,୨୧/୨ (ନି.ପ୍ର): ଚଳିତ ବର୍ଷ ତ୍ରିସ୍ତରୀୟ ନିର୍ବାଚନ ସମୟ ସରି ଆସୁଛି । ହେବି ୱେଟ୍ ନେତାଙ୍କ ପ୍ରଚାର ଜୋରଦାର ରହିଛି । ନିଜ ସମର୍ଥକ ପ୍ରାର୍ଥୀନୀଙ୍କ ପାଇଁ ବାଇକ ସୋ ଓ ନିର୍ବାଚନୀ ସଭା ମାଧ୍ୟମରେ ଭୋଟ ଭିକ୍ଷା କରୁଛନ୍ତି । ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ୩୬ ନଂ ଜୋନ ପ୍ରତି ସମସ୍ତଙ୍କ ନଜର ରହିଛି । ଏହି ଜୋନରେ ଶାସକ ଦଳ ହାତରୁ ୩ ଥର ଜିଲା ପରିଷଦ ଆସନ ଖସି ଯାଇଛି । ଯାହାକି ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି । ପ୍ରାର୍ଥୀନୀଙ୍କୁ ଜିତାଇବା ପାଇଁ ଜୋରଦାର ଉଦ୍ୟମ ଜାରି ରହିଛି । ୭ ଗୋଟି ପଂଚାୟତକୁ ନେଇ ଗଠିତ ହୋଇଛି ୩୬ ନଂ ଜୋନ । ସାମରାପୁର, ରାଉତରାପୁର, ଅର୍ଥଙ୍ଗା, ମଙ୍ଗରାଜପୁର, ମହେଶ୍ୱରପୁର, ବ୍ରହ୍ମବରଦା ଓ ବନ୍ଧଡିହ ଆଦି ପଂଚାୟତକୁ ନେଇ ୩୬ ନଂ ଜୋନ ଜିଲାପରିଷଦ ଜୋନ ଗଠିତ । ତେବେ ଏଠାରେ ଜିଲା ପରିଷଦ ପ୍ରାର୍ଥୀନୀ ହୋଇଛନ୍ତି ଭାରତୀ ବିଶ୍ୱାଳ । ତାଙ୍କ ପାଇଁ ଆଜି ହେବି ୱେଟ୍ ନେତା ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । ନିର୍ବାଚନୀ ସଭା ମାଧ୍ୟମରେ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି । ଆଜି ଅପରାହ୍ନରେ ଏକ ନିର୍ବାଚନୀ ସଭଶା ବ୍ରହ୍ମବରଦା ଦୂର୍ଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ତଥା ରାଜ୍ୟ ଯୁବ ଛାତ୍ର ବ୍ୟାପାର ସଂଗଠନ ସମ୍ପାଦକ ପ୍ରଣବ କୁମାର ବଳବନ୍ତରାୟ ,ବରୀ ବିଧାୟିକା ସୁନନ୍ଦା ଦାସ ଓ ଯାଜପୁର ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସେମାନଙ୍କୁ ବ୍ରହ୍ମବରଦା ବ୍ରାହ୍ମଣୀ ସେତୁଠାରୁ ମହେଶ୍ୱରପୁର, ବ୍ୟାଙ୍କଛକ,ଚଣ୍ଡି ମନ୍ଦିର ଛକ ଓ ତାରିଣୀଛକଠାରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଏହି ସଭାରେ ଯୋଗ ଦେଇ ୩୬ ନଂ ଜୋନ ଜିଲା ପରିଷଦ ପ୍ରାର୍ଥୀନୀ ଭାରତୀ ବିଶ୍ୱାଳଙ୍କୁ ବିପୁଳ ସଂଖ୍ୟାରେ ଶଙ୍ଖ ଚହ୍ନରେ ଜିତାଇବାକୁ ସାଂସଦ ଶ୍ରୀମତି ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବରୀ ବିଧାୟିକା ସୁନନ୍ଦା ଦାସ ଓ ଜିଲା ପରିଷଦ ଅଧ୍ୟକ୍ଷ ନରେଶ ମହାନ୍ତି ପ୍ରମୁଖ ଅନୁରୋଧ କରିଥିଲେ । ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ଦାସ ଏହି ସଭାରେ ସଭାପତିତ୍ୱ କରିଥିବା ବେଳେ ଯୁବ ନେତା ଚତୃଭୂଜ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇଥିଲେ ।

## କେନ୍ଦୁଝରେ ପୁଣି ଦନ୍ତାହାତୀର ଉପଦ୍ରବ: ଅଳ୍ପକେ ବର୍ତ୍ତିଲେ ଏକ ପରିବାର

କେନ୍ଦୁଝର ,୨୧/୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ପୁଣି ଆରମ୍ଭ ହୋଇଛି ଦନ୍ତାହାତୀ ର ଉପଦ୍ରବ । କେନ୍ଦୁଝର ଜିଲ୍ଲାରେ ବଣୁଆ ହାତୀଙ୍କର ଉପଦ୍ରବ ଥମିବାର ଯେପରି ନାମ ନେଉନାହିଁ । ଏହି ଉପଦ୍ରବ ରେ ତେଲକୋଇବାସୀ ବେଶି ପ୍ରଭାବିତ ହେବାର ଦେଖାଯାଉଛି । ସବୁଠାରୁ ପରିତାପର ବିଷୟ ହେଉଛି ଯେ ହାତୀଙ୍କର କବଳରୁ ସେହି ଅଂଚଳର ଲୋକଙ୍କର ଧନ ଜୀବନ କୁ ସୁରକ୍ଷା ଦେବାରେ ବନ ବିଭାଗ ଯେତିକି ଉଦ୍ୟମ କରିବା କଥା ସେ ଅନୁଶାରେ ଆଗ୍ରହ ଦେଖାଉ ନଥିବା ତେଲକୋଇ ଅଂଚଳବାସୀଙ୍କର ସବୁଦିନର ଅସନ୍ତୋଷ । ଯେଉଁଥିପାଇଁ ବଣୁଆ ହାତୀ କେତେବେଳେ ଲୋକଙ୍କର ଘର ଭାଙ୍ଗି ସଂଚିତ ଧାନ ଚାଉଳ ଖାଇ ଯାଉଥିବା ବେଳେ ପୁଣି କେତେବେଳେ ଲୋକଙ୍କର କ୍ଷେତରେ ପଶି ଧାନ ଫସଲ ତ କେତେବେଳେ ପନିପରିବା ନଷ୍ଟ କରିବା ସହ ଖାଇ ଯାଉଛନ୍ତି । ଏବେ ପୁଣି ମାତ୍ର କିଛି ଦିନର ନୀରବତା ପରେ ଏକ ଦନ୍ତାହାତୀ ତାର ଉପଦ୍ରବ ଆରମ୍ଭ କରିଥିବାର ଦେଖା ଯାଇଛି । ଯାହା କି ଅଂଚଳବାସୀଙ୍କ ଆଖିର ନିଦ ହଜାଇ ଦେଇଛି । ଇତି ମଧ୍ୟରେ ଶୁକ୍ରବାର ବିଳମ୍ବିତ ରାତ୍ରୀରେ ଏକ ଗୋଠଛଡା ଦନ୍ତାହାତୀ କେନ୍ଦୁଝର ଜିଲ୍ଲାର ତେଲକୋଇ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ନୂଆଗଡ ଗ୍ରାମର ମଣ୍ଡେଇସାହୀରେ ପଶି ଗୁରୁବାରୀ ମୁଣ୍ଡାଙ୍କର ଘରଟିକୁ ଭାଙ୍ଗି ଦେବା ସହ ଘର ଭିତରେ ଥିବା ୧୦ ବସ୍ତାରୁ ଉର୍ଦ୍ଧ ଖାଇବା ସହ ନଷ୍ଟ କରିଦେଇଛନ୍ତି । ଗୁରୁବାରୀ ମୁଣ୍ଡା ପରିବାର ସହ ରାତ୍ରୀରେ ଘରେ ଶୋଇଥିବା ବେଳେ ହଠାତ୍ ଦନ୍ତା ହାତୀଟି ଅତର୍କିତ ଭାବେ ଘର ଉପରେ ଆକ୍ରମଣ କରିଥିଲା । ଦାନ୍ତା ଘର ଭାଙ୍ଗିବା ଦେଖି ଘର ଭିତରେ ଶୋଇଥିବା ପରିବାର ଲୋକମାନେ ଭୟରେ ସନ୍ତର୍ପଣରେ ଘର ଭିତରୁ ବାହାରି ଦୌଡି ପଳାଇଯାଇଥିଲେ । ଯେଉଁଥିପାଇଁ ସେମାନେ ଅଳ୍ପକେ ହାତୀ କବଳରୁ ରକ୍ଷା ପାଇ ଯାଇଥିଲେ । ପରେ ପରେ ସାହୀ ଲୋକମାନେ ଏକତ୍ରିତ ହୋଇ ଦନ୍ତାକୁ ଘଉଡାଇ ଦେଇଥିଲେ । ଗୁରବାରୀ ମୁଣ୍ଡା ଜଣେ ଅତି ଗରୀବ ଶ୍ରେଣୀର । ଗୁରୁବାରୀ ଗାଇ ଚରାଇ ପେଟ ପୋଷନ୍ତି । ତାଙ୍କୁ ସହାୟତା ଯୋଗାଇ ଦେବାର ଆ ବଶ୍ୟକତା ରହିଛି ବୋଲି ଗ୍ରାମବାସୀ ମାନେ ମତ ଦେଇଥିବା ବେଳେ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବୀ କରିଛନ୍ତି ।

## ବଲାଙ୍ଗିର ଷ୍ଟେଟ୍ ବ୍ୟାଙ୍କ୍ କର୍ମଚାରୀ ସଂଘର ଆଂଚଳିକ ସମ୍ମିଳନୀ

ବଲାଙ୍ଗିର ,୨୧/୨ (ନି.ପ୍ର): ଦେଶର ହିତ ଦୃଷ୍ଟିରୁ ବ୍ୟାଙ୍କଗୁଡ଼ିକୁ ସରକାରଙ୍କ ଘରୋଇକରଣ ଉଦ୍ୟମ ପ୍ରତ୍ୟାହାର କରିବାକୁ ଆଜି ବଲାଙ୍ଗିରଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କର୍ମଚାରୀ ସଂଘର ଆଂଚଳିକ ସମ୍ମିଳନୀରେ ତୀବ୍ର ମତ ପ୍ରକାଶ ପାଇଛି । ସାମ୍ବାଦିକ ଭବନଠାରେ ଆୟୋଜିତ ଏହି ଆଂଚଳିକ ସମ୍ମିଳନୀରେ ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘ ଭୁବନେଶ୍ୱର ମଣ୍ଡଳର ସଭାପତି କମ୍ରେଡ୍ ନିତ୍ୟାନନ୍ଦ ବେହେରା, ସାଧାରଣ ସଂପାଦକ ସୁରେଶ କୁମାର ଦାଶ, ଆଂଚଳିକ ବ୍ୟବସାୟ କାର୍ଯ୍ୟାଳୟର କମ୍ରେଡ୍ ଭରତ ଚନ୍ଦ୍ର ସାହୁ, ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘ ସମବାୟ ସମିତି ଲିମିଟେଡ଼ର କମ୍ରେଡ୍ ଗଙ୍ଗା ପ୍ରସାଦ ପଟ୍ଟନାୟକ, ଭୁବନେଶ୍ୱର ମୋଡ଼େଲର ସହକାରୀ ସାଧାରଣ ସମ୍ପାଦକ କମ୍ରେଡ୍ ଚିଂତରଂଜନ ପଣ୍ଡା, ପୂର୍ବତନ ସହକାରୀ ସାଧାରଣ ସମ୍ପାଦକ ସମ୍ବଲପୁର ମୋଡୁଲ କମ୍ରେଡ୍ ଉପେନ୍ଦ୍ର ପ୍ରସାଦ ପଣ୍ଡା, ପୂର୍ବତନ ସହ ସାଧାରଣ ସମ୍ପାଦକ ସମ୍ବଲପୁର ମୋଡୁଲ ଅଶୋକ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦେବୀ ସମଲେଶ୍ୱରୀଙ୍କ ଫଟୋରେ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କର କର୍ମଚାରୀ ସଂଘ ନେତା ସ୍ୱର୍ଗତ ଓଁଙ୍କାର ପାଣିଗ୍ରାହୀଙ୍କ ଫଟୋରେ ଦୀପ ପ୍ରଜ୍ୱଳନ କରି ଅଧିବେଶନକୁ ଆରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ତଥ୍ୟ ବିସିସିଆଇର ମନୋନୀତ ସଦସ୍ୟ ହରିନାରାୟଣ ପୁଜାରୀଙ୍କୁ ଅଙ୍ଗବସ୍ତ୍ର ଓ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା । କାର୍ଯ୍ୟକ୍ରମକୁ ସମ୍ବଲପୁର ମୋଡୁଲର ସହରକାରୀ ସମ୍ପାଦକ ଭୋଳାନାଥ ମେହେର, ସହ ସାଧାରଣ ସମ୍ପାଦକ ରୋହିତ କୁମାର ଶତପଥି, ଓ ଜୋନାଲ ସମ୍ପାଦକ ରୂପେଶ ଦଲାଇ କାର୍ଯ୍ୟକୁ ପରିଚାଳନା କରିଥିଲେ ।



# ବୁଲିଯାନ୍ତୁ ରାଣୀକ୍ଷେତ



ଉତ୍ତରାଖଣ୍ଡର ଅନ୍ୟ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ରାଣୀ କ୍ଷେତ୍ରରେ ଲେକପ୍ରିୟତା ରହିଛି । କେବଳ ଗ୍ରୀଷ୍ମ ଦିନେ ନୁହେଁ, ବରଂ ବର୍ଷର ଅନ୍ୟ ସମୟରେ ମଧ୍ୟ ଏଠାରେ ପର୍ଯ୍ୟଟକଙ୍କ ଭିଡ୍ ଜମିଥାଏ । ନେଦରଲ୍ୟାଣ୍ଡ ରାଜପରିବାର ଅନେକ ବର୍ଷ ତଳେ ଭାରତ ଭ୍ରମଣରେ ଆସିଥିଲେ । ରାଣୀକ୍ଷେତର ସୌନ୍ଦର୍ଯ୍ୟ ଦେଖିବା ପରେ ରାଜା କହିଥିଲେ, ପୃଥିବୀର ଏହି ସ୍ଥାନଟି ହେଲା ଭୂ-ସ୍ୱର୍ଗ । ସ୍ଥାନଟିର ନାମକରଣ ପଛରେ ଏକ ଲୋକକଥା ମଧ୍ୟ ରହିଛି । ପ୍ରାୟ ୧୨୦୦ ଶତାବ୍ଦୀର ଘଟଣା । ସିମଲାର ରାଣୀ ଗ୍ରୀଷ୍ମ ଅବକାଶ ନିମନ୍ତେ ଏଇ ଅଞ୍ଚଳକୁ ବୁଲିବାକୁ ଆସିଥିଲେ । ସ୍ଥାନଟି ତାଙ୍କୁ ଏତେ ପସନ୍ଦ ଆସିଲା ଯେ ଶେଷରେ ସେ ଏହି ଠାରେ ରହିବାକୁ ମନସ୍ଥ କଲେ । ସେ ସମୟରେ ସେଇ ଅଞ୍ଚଳରେ ସଂଖ୍ୟାଧିକ ଛୋଟ ଛୋଟ କ୍ଷେତ ଥିବାରୁ ସ୍ଥାନଟିର ନାମ 'ରାଣୀକ୍ଷେତ' କରାଯାଇଥିବା ସ୍ଥାନୀୟ ଲୋକ ପଥ୍ରକାଶ କରିଛନ୍ତି । ସମୁଦ୍ର ପତ୍ତନରୁ ୧୮୨୪ମିଟର ଉଚ୍ଚତାରେ ଥିବା ଏଇ ରାଣୀକ୍ଷେତର ଚତୁର୍ଦ୍ଦିଗ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଭାରତରେ ଯେଉଁ ସମୟରେ ଇଂରେଜଶାସନ ଚାଲିଥିଲା, ସେତେବେଳେ ଗ୍ରୀଷ୍ମଦିନେ ଭାରତର ବିଭିନ୍ନ



ପ୍ରାନ୍ତରେ ଅସହ୍ୟ ଗରମ ଅନୁଭୂତ ହେଉଥିଲା । ଇଂରେଜ ଶାସକମାନେ ଏଇ ଗରମର ପ୍ରକୋପରୁ ରକ୍ଷା ପାଇବା ପାଇଁ ଭାରତର ଶୀତଳ ସ୍ଥାନ ଗୁଡ଼ିକୁ ଠାବ କରିବାକୁ ଆରମ୍ଭ କଲେ । ତନ୍ମଧ୍ୟରୁ ଅନ୍ୟତମ ସ୍ଥାନ ଥିଲା 'ରାଣୀକ୍ଷେତ' । ଏବେ ମଧ୍ୟ ରାଣୀକ୍ଷେତର ମୁଖ୍ୟ ବଜାରରେ ସଂଖ୍ୟାଧିକ ବ୍ରିଟିଶ୍ ଢ଼ାଞ୍ଚାର ଘର ଓ ହୋଟେଲ ରହିଛି । ସହରର ଧାଁଧୁଡ଼, ଗାଡ଼ିମଟର ତଥା ବ୍ୟସ୍ତବହୁଳ ଜୀବନଶୈଳୀରୁ କିଛି ସମୟ ପାଇଁ ବିରତି ନେଇ ଏଭଳି ଶାନ୍ତ ବାତାବରଣ ଥିବା ସ୍ଥାନକୁ ବୁଲିଯିବା ମାନସିକ ଶାନ୍ତି ଦେଇଥାଏ । ରାଣୀ କ୍ଷେତରେ ପ୍ରଅମୁଖ ପର୍ଯ୍ୟଟନସ୍ଥଳଗୁଡ଼ିକ ହେଲା ହରବେରିୟମ୍, ଶୀତଳାଖେତ, ମଜଖଲି, ସୁରଇଖେତ, ହେଡ଼ାକାନ ମନ୍ଦିର, ଭାଲୁ ଖେତ ଇତ୍ୟାଦି । ଏହାର ନିକଟତମ ବିମାନ ବନ୍ଦର ପନ୍ତନଗର ବିମାନ ବନ୍ଦର ଅଟେ, ଯାହା ରାଣୀକ୍ଷେତଠାରୁ ୧୧୯ କିମି ଦୂରରେ ଅବସ୍ଥିତ । ରେଳମାର୍ଗରେ ଯିବାକୁ ଚାହୁଁଥିଲେ କାଠଗୋଦାମ ରେଳଷ୍ଟେସନ ଏହାର ନିକଟତମ ରେଳଷ୍ଟେସନ ଅଟେ ।

# ବିରକ୍ତିର କାରଣ କ'ଣ ?

ଯୁବପିଢ଼ି ହୁଅନ୍ତୁ ଅବା ବୟସ୍କ ବର୍ଗ, ଯଦି କେହି ସାମାନ୍ୟ କଥାରେ ବିରକ୍ତି କିମ୍ବା ଚିଡ଼ଚିଡ଼ା ହେଉଛନ୍ତି, ଏହାକୁ ସାମାନ୍ୟ ଭାବେ ଗ୍ରହଣ ନ କରି ବରଂ ସମାଧାନ ବାହାର କରିବା ଉଚିତ। ଦିଲ୍ଲୀର ମନସ୍ତତ୍ତ୍ୱବିତ ଏମ କାଭେରିଙ୍କ ମତରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ବିରକ୍ତି ହେଉଥିବାର ସଂଖ୍ୟାଧିକ କେସ ତାଙ୍କ ପାଖକୁ ନିୟମିତ ଆସୁଛି ।



ବିଭିନ୍ନ ପ୍ରକାର କେସ୍‌କୁ ଅନୁଧ୍ୟାନ କରିବା ପରେ ବିଶେଷଜ୍ଞ କହିଛନ୍ତି, ସାଧାରଣତଃ କାମର ଚାପ ଅଧିକ ପଡ଼ିଲେ ହିଁ ଜଣେ ବିରକ୍ତି ପ୍ରକାଶ କରିଥାଏ । ଏଭଳି ଅନେକ କ୍ଷେତ୍ରରେ ଲକ୍ଷ୍ୟ କରାଯାଉଛି ଯେ, ଜଣେ ବ୍ୟକ୍ତିକୁ ଅଧିକରୁ ଅଧିକ ଚାପ ଦିଆଯାଉଥିବାରୁ ଏଇ ଅସୁବିଧା ଉପୁଜେ ।

କାମର ଚାପ ବଢ଼ିବା କାରଣରୁ ଏମାନଙ୍କ ଜୀବନ ଶୈଳୀ ଦ୍ରୁତ ଭାବେ ପରିବର୍ତ୍ତନ ହୁଏ । ହସିବା, ବୁଲିବା ଅଦି ଏମାନେ ଭୁଲିଯାନ୍ତି । ସାମାନ୍ୟ କଥାରେ ଏଭଳି ବର୍ଗର ଲୋକେ ରାଜିଯାନ୍ତି । ଏସବୁ ଲକ୍ଷଣ ଅନ୍ୟମାନଙ୍କ ଦଷ୍ଟିଗୋଚର ହେବା ସତ୍ତ୍ୱେ ପରିବାରର ସଦସ୍ୟମାନେ କୌଣସି ସହାୟତା କରିନଥାନ୍ତି । ଏହି କାରଣରୁ ପରିସ୍ଥିତି ବେଳୁବେଳ ଅସହ୍ୟ ହୋଇଥାଏ ।

ଯଦି ଆପଣ ନିଜେ ଏଭଳି ପରିସ୍ଥିତିର ଭୁକ୍ତଭୋଗୀ, ତେବେ ସମାଧାନ ନିଜେ ହିଁ ବାହାର କରନ୍ତୁ। ଅନ୍ୟମାନଙ୍କ ସୁଖସୁବିଧା ପାଇଁ ନିଜକୁ ଉତ୍ସର୍ଗ ନକରି ବରଂ ନିଜକୁ ଖୁସି ଦେଲା ଭଳି ପ୍ରତ୍ୟେକ କାମ କରନ୍ତୁ । ଘରର ଅନ୍ୟ ସଦନନସ୍ୟଙ୍କୁ ଭଲଭାବେ ବୁଝାନ୍ତୁ ଯେ ଆପଣ କ'ଣ କରିବାକୁ ଚାହୁଁଛନ୍ତି ? ଦୈନିକ ନିଜ ପାଇଁ ଅତିକମ୍‌ରେ ୩୦ ମିନିଟରୁ ୧ଘଣ୍ଟା ପର୍ଯ୍ୟନ୍ତ ସମୟ ଦିଅନ୍ତୁ । ସେଇ ସମୟରେ ଗୀତ ଶୁଣିପାରିବେ କିମ୍ବା ବିଶ୍ରାମ ନେଇ ପାରିବେ । ନଚେତ ନିଜ ମନ ପସନ୍ଦର ଯେ କୌଣସି କାମ ମଧ୍ୟ କରିପାରିବେ ।

## ବାସ୍ତୁ ବିଧାନ

- ଗୃହ ତିଆରି କରିବା ସମୟରେ ଭୂମିର ଦକ୍ଷିଣ-ପଶ୍ଚିମ ଦିଗ ଉଚ୍ଚ ଥିଲେ ଶୁଭ ହୋଇଥାଏ ।
- ଗୃହ ପୂର୍ବ- ଉତ୍ତର ଦିଗ ଖୋଲା ରଖିଲେ ସ୍ୱାସ୍ଥ୍ୟ ଓ ସମ୍ପଦ ପ୍ରାପ୍ତି ହୁଏ ।
- ଗୃହର ପୂର୍ବ ଭାଗ ଓ ବାରଣ୍ଡା ଉଚ୍ଚ ଥିଲେ ସଦାସର୍ବଦା ଅର୍ଥାଭାବ ଦେଖା ଦେବ ।
- ଗୃହର ଉତ୍ତର-ପୂର୍ବ ଦିଗକୁ ଖୋଲା ସ୍ଥାନ ନ ରଖିଲେ ସନ୍ତାନହୀନତା ବା ସନ୍ତାନ ବିକଳାଙ୍ଗ ଭଳି ଫଳ ମିଳିଥାଏ ।
- ଐଶାନ୍ୟ କୋଣ ପରିଷ୍କାର ନ କଲେ ଅନ୍ନ ଓ ସନ୍ତାନ ଆଦି କ୍ଷତି ହୋଇଥାଏ ।

## ପିରାମିଡ୍‌ର ଇତିହାସ

ପ୍ରାଚୀନ କାଳରେ ରାଜାମାନେ ତାଙ୍କର ଜୀବନ କାଳରେ ବିଶାଳ ଓ ଭବ୍ୟ ପିରାମିଡ୍ ନିର୍ମାଣ କରୁଥିଲେ । କାରଣ ତାଙ୍କର ମୃତ୍ୟୁ ପରେ ତାଙ୍କୁ ସେଥିରେ କବର ଦିଆଯାଇଥାଏ । ପିରାମିଡ୍ ପଥର କାଟି ତିଆରି କରାଯାଉଥିଲା । ଏହି ପିରାମିଡରେ କେବଳ ରାଜା ନୁହେଁ, ରାଣୀଙ୍କର ଶବକୁ ମଧ୍ୟ କବର ଦିଆଯାଉଥିଲା । କବର ଦିଆଯିବା ପୂର୍ବରୁ ସେମାନଙ୍କର ମୃତ ଦେହକୁ ଗୋଟେ ପ୍ରକାରର ଲେପ ଲଗେଇ ସଂରକ୍ଷିତ କରାଯାଉଥିଲା ତାଙ୍କର ମୂଲ୍ୟବାନ ବସ୍ତୁକୁ ଚୋରି ନକରିପାରିବା ନିମନ୍ତେ ଏହି ପିରାମିଡ୍ ସବୁ ତ୍ରିଜକାର ଅକାରରେ ନିର୍ମିତ ହେଉଥିଲା । ମିସ୍ରରେ ୧୩୮ଟଟି ପିରାମିଡ୍ ଅଛି । କାହିରାର ଉପନଗରରେ ଥିବା 'ଗ୍ରେଟ୍ ପିରାମିଡ୍' ପ୍ରାଚୀନ ବିଶ୍ୱର ସପ୍ତମ ଆଶ୍ଚର୍ଯ୍ୟ ସୁଚାଉ ଅଛି । ଏହି ଆଶ୍ଚର୍ଯ୍ୟ ଏକ ମାତ୍ର ଏମିତି ସ୍ମାରକ ଯାହାକୁ କାଳ ପ୍ରବାହ ମଧ୍ୟ ନଷ୍ଟ କରି ପାରିବ ନାହିଁ ।



# ନିଦ୍ରାହୀନତାର ଉପଚାର



ଆଜିକାଲି ନିଦ ନ ହେବା ଏକ ବୃହତ୍ ସମସ୍ୟା ରୂପେ ଦେଖାଯାଉଛି । ମାନସିକ ଚାପ, କାର୍ଯ୍ୟ, ଭାର, ଦୁଶ୍ଚିନ୍ତା, କୋଳାହଳଯୁକ୍ତ ପରିବେଶ ଆଦି ପାଇଁ ଏଭଳି ସମସ୍ୟା ଉପୁଜୁଥିବା ନାନା ଗବେଷଣାରୁ ଜଣା ଯାଇଛି । ସାଧାରଣତଃ ଆମେ ଜାଣିଛୁ ୬୫ ବର୍ଷରୁ ଉର୍ଦ୍ଧ୍ୱ, ବୟସ୍କ ବ୍ୟକ୍ତିଙ୍କୁ ଏହି ସମସ୍ୟା ଦେଖାଯାଉଥିବାର ଦେଖାଯାଏ । କିନ୍ତୁ ଏହି ସମସ୍ୟା ଯୁବ ବର୍ଗ କ୍ଷେତ୍ରରେ ମଧ୍ୟ ପରିଲକ୍ଷିତ ହେଲାଣି । ଆସନ୍ତୁ ଜାଣିବା ଏହି ସମସ୍ୟାକୁ କେମିତି ନିରାକରଣ କରାଯାଇ ପାରିବ । ପ୍ରତ୍ୟେକ ଦିନ ଆପଣ ଠିକ୍ ସମୟରେ ଶୋଇବା ଉଚିତ୍ । ଠିକ୍ ସମୟରେ ମଧ୍ୟ ଉଠିବା ଉଚିତ୍ । ନିଦ୍ରା ହେବାକୁ ହେଲେ ଆପଣଙ୍କୁ ଏକ ଉପଯୁକ୍ତ ସ୍ଥାନର ଆବଶ୍ୟକତା ଥାଏ । ଯାହାକି ଆପଣ ଆରାମଦାୟକ ରୂପେ ଶୟନ କରି ପାରିବେ । ଶେଇବା କିମ୍ବା ପିଇବା ପରେ ସଙ୍ଗେସଙ୍ଗେ ବିଛଣାକୁ ଗଲେ ନିଦ ହୋଇ ନଥାଏ । ଆପଣ ଯଦି କିଛି ମାଦକ ଦ୍ରବ୍ୟ ସେବନ କରୁଛନ୍ତି ତେବେ ଏହାକୁ ପରିତ୍ୟାଗ କରିବା ଉଚିତ୍ କାରଣ ନିଶା ନିଦର ପରମ ଶତ୍ରୁ ଭଳି କାର୍ଯ୍ୟ କରିଥାଏ । ବୋଧ ଶକ୍ତି ଚିକିତ୍ସା କିଛି ଲୋକଙ୍କ କ୍ଷେତ୍ରରେ ନିଦ୍ରାହୀନତାର ସମସ୍ୟା ହୋଇଥାଏ । ଶୋଇବା ପୂର୍ବରୁ ଆସନ୍ତାକାଲି ପାଇଁ ବିଧିବଦ୍ଧ ଯୋଜନା ପରିକଳ୍ପନା କରିବା ଅନୁଚିତ୍ । କୌଣସି ଫୋନ କଲ, ଟିଭି, ରେଡ଼ିଓ ଶୋଇବା ପୂର୍ବରୁ ବାରଣ କଲେ ଭଲ । କାହିଁକି ନା ଏସବୁ ମନକୁ ଚଳଚଞ୍ଚଳ କରିଥାଏ । ମନ ଅସ୍ଥିର ରହିଲେ ନିଦ ହୋଇ ନଥାଏ । ନିୟମିତ ଭାବେ ଯୋଗ କଲେ ଭଲ । କାରଣ ଯୋଗ ମନକୁ ଶାନ୍ତ ରଖିବା ସଙ୍ଗେସଙ୍ଗେ ଭଲ ନିଦ ମଧ୍ୟ କରିଥାଏ ।

# ଗୋଲାପ ଫୁଲ

ଗୋଲାପଫୁଲର ବୈଜ୍ଞାନିକ ନାମ ହେଲା ରୋଜା । ଗୋଲାପର ଶହେରୁ ଅଧିକ ପ୍ରକାର ଜାତି ଅଛି । ସବୁଠାରୁ ସୁନ୍ଦର ଗୋଲାପ ଏସିଆର ବୋଲି ମାନ୍ୟତା ରହିଛି । ଏହା ବହୁତ ରଙ୍ଗର ଅଛି । ବହୁତ ସ୍ଥାନରେ ସବୁଜ ଓ କଳା ରଙ୍ଗର ଗୋଲାପ ମଧ୍ୟ ରହିଛି । ଋତୁ ଅନୁସାରେ ଦୁଇ ପ୍ରକାରର ଗୋଲାପ ଭାରତବର୍ଷରେ ହୁଏ ଯଥା ସଦା, ଗୋଲାପ, ଚୈତୀ ଗୋଲାପ । ସଦା ଗୋଲାପ ପ୍ରତ୍ୟେକ ଋତୁରେ ହୁଏ । ଚୈତୀ ଗୋଲାକ କେବଳ ବସନ୍ତ ଋତୁରେ ହୁଏ । ଏହା ଔଷଧ ଓ ଅତରର କାମରେ ଆସେ । ଗୋଲାପ ଫୁଲରେ ତିଆରି ହେଉଥିବା ଅତରର ଆବିଷ୍କାର ପ୍ରଥମେ ନୁରଜାହାଁ କରିଥିଲେ ସେ ତାଙ୍କ ବିବାହର ଅବସରରେ ୧୬୧୨ରେ ଏହାକୁ ପ୍ରଥମେ ବାହାର କରିଥିଲେ । ଭାରତର ରାଜସ୍ଥାନ ପ୍ରଦେଶର ରାଜଧାନୀ ଜୟପୁରକୁ 'ଗୋଲାପୀ ସହର' କୁହାଯାଏ । ଗୋଲାପ ଫୁଲର ଉଚ୍ଚତା, ଆକାରକୁ ନେଇ ଏହାକୁ ପାଞ୍ଚଟି ଶ୍ରେଣୀରେ ବିଭକ୍ତ କରାଯାଇଛି ଯଥା- ହାଇବ୍ରିଡ୍ ଟି, ଫ୍ଲୋରୀ ବଣ୍ଡା, ପୋଲିଏନ୍ଥା, ମିନିଏଚର ଓ ଲତା । ଏହି ଫୁଲର ଔଷଧୀୟ ଗୁଣ ଅନେକ । ବହୁତ ପ୍ରକାରର ଔଷଧରେ ଏହି ଫୁଲକୁ ବ୍ୟବହାର କରାଯାଏ । ଗୋଲାପ ଜଳ ଓ ଗୋଲାପର ଅତରର କୁଟୀର ଶିଳ୍ପ ଅଛି । ଗୋଲାପ ଜଳକୁ ଆଖିରେ ପକାଇଲେ ଆଖିରୁ କ୍ଳାନ୍ତି ଦୂର ହୁଏ । ଦକ୍ଷିଣ ଭାରତରେ ଫୁଲର ଚାହିଦା ଅଧିକ । ତେଣୁ ସେଠାରେ ଏହାର ବ୍ୟବସାୟ ଭଲ ହୋଇଥାଏ । ଭାରତର ଅନ୍ୟ କ୍ଷେତ୍ରରେ ଯଥା ଉତ୍ତରପ୍ରଦେଶର ଏଟା, କାନପୁର, ଗାଜିପୁର, ବଲିଆ ଓ ରାଜସ୍ଥାନର ଉଦୟପୁର ଓ ଚିତୋର । ଜମ୍ମୁ କାଶ୍ମୀରର ହିମାଚଳ ଓ ଅନ୍ୟ ରାଜ୍ୟରେ ମଧ୍ୟ ଗୋଲାପ ଚାଷ କରାଯାଏ । ଶିବ ପୁରାଣରେ ଗୋଲାପକୁ 'ଦେବପୁଷ୍ପ' ବୋଲି କୁହାଯାଏ । ୟୁରୋପରେ କେତେକ ଦେଶ ଗୋଲାପକୁ ତାଙ୍କର ରାଷ୍ଟ୍ରୀୟ ପୁଷ୍ପ ଭାବରେ ଘୋଷିତ କରିଛନ୍ତି ।



# ସୁସ୍ଥ ହୃଦୟ ପାଇଁ ଅର୍ଦ୍ଧ ମତ୍ସ୍ୟେନ୍ଦ୍ରାସନ



ପ୍ରଥମେ ଦୁଇ ପାଦକୁ ଲମ୍ବାଇ ବସନ୍ତୁ । ବାମ ପାଦ ମୋଡ଼ି ତାର ଗୋଇଠିକୁ ଜନନେନ୍ଦ୍ରିୟ ମଧ୍ୟଭାଗରେ ରଖନ୍ତୁ । ଡାହାଣ ପାଦ ବାମ ପାଦର ଜଙ୍ଘ ପାଖରେ ଭୂମି ଉପରେ ସିଧା ଭାବେ ରଖନ୍ତୁ । ଡାହାଣ ଆଣ୍ଠୁ ପଛକୁ ମୋଡ଼ନ୍ତୁ । ଯେପରି ଆଣ୍ଠୁ ବାମ ହାତ କାଖ ତଳେ ରହିବ । ବାମ ହାତରେ ବାମ ଗୋଡ଼ର ଆଣ୍ଠୁକୁ ଧରନ୍ତୁ। ଶରୀରକୁ ଯେତେ ସମ୍ଭବ ଡାହାଣକୁ ମୋଡ଼ି ରଖନ୍ତୁ । ଡାହାଣ ହାତ ପଛ ଆଡ଼କୁ ଧୀରେ ଧୀରେ ବୁଲାଇ ଡାହାଣ ଗୋଡ଼ର ଗୋଇଠିକୁ ଧରନ୍ତୁ । ମୁହଁ ଡାହାଣକୁ ରଖନ୍ତୁ । ସିଧା ହୋଇ ବସନ୍ତୁ । ଏଇ ଅବସ୍ଥାରେ ୫ / ୧୦ ସେକେଣ୍ଡ ବସିବା ପରେ ବିଶ୍ରାମ କରି ପୁଣି ବିପରୀତ ଦିଗରେ ଏହି ଆସନଟିକୁ କରନ୍ତୁ । ମେରୁଦଣ୍ଡ ସିଧାରଖି ଓ ଶ୍ୱାସ କ୍ରିୟା ସ୍ୱାଭାବିକ କରନ୍ତୁ । ମୁଖମଣ୍ଡଳ ପୂର୍ବ ଦିଗକୁ ରହିବ । ନିୟମିତ ଆସନ କରିବା ଦ୍ୱାରା ମେରୁଦଣ୍ଡ ସିଧା ଓ ମଜଭୁତ ରହିବ । କୁଣ୍ଡଳିନୀକୁ ଶକ୍ତି ଜାଗ୍ରତ ହୁଏ । ଫୁସଫୁସ ଓ ହୃଦୟ ସବଳ ହୁଏ । ଯକୃତ ଦୋଷ ଦୂରହୁଏ । ରକ୍ତ ସଞ୍ଚାଳନ ଠିକ୍ ହୁଏ ।

# ଭାରତର ଉଚ୍ଚତମ ବୃକ୍ଷ

ଭାରତର କୋଲକାତା ନିକଟର ହାଓ୍ୱାର ଆଚାର୍ଯ୍ୟ ଜଗଦୀଶ୍ ଚନ୍ଦ୍ର ବୋଷ ଭାରତୀୟ ବଟାନିକାଲ ଗାର୍ଡେନରେ ଏକ ବିଶାଳକାୟ ବୃକ୍ଷ ରହିଛି । ଯାହାର ନାମ ଗ୍ରେଟ୍ ବାନୟନ । ଏହି ଗ୍ରେଟ୍ ବାନୟନ ଗ୍ରନ୍ଥକୁ ବହୁ ପର୍ଯ୍ୟଟକ ଦେଖିବାକୁ ଆସିଥାନ୍ତି । ଏହାର ମୁଖ୍ୟ ଗଣ୍ଡି ରୋଗାକ୍ରାନ୍ତ ହୋଇଯାଇଥିଲା । ୧୯୨୫ ମସିହାରେ ଏହାର ମୁଖ୍ୟ ଗଣ୍ଡିକୁ ଛେଦନ କରାଯାଇଥିଲା । ଏହାର ବାମ ପାର୍ଶ୍ୱରେ କ୍ଲୋନାଲ କଲୋନୀ । ସେତେବେଳେ ଏଇ ଗୋଟିଏ ଗଛ ଥିଲା । ଯାହାର ଲମ୍ବ ଥିଲା ୩୩୦ ମିଟର । ଏହି ବୃକ୍ଷର ପରିଧି ଦେଇ ରାସ୍ତା ନିର୍ମାଣ କରାଯାଇଥିଲା କିନ୍ତୁ ଏହି ଗଛଟି ବିସ୍ତୃତରେ ପରିଣତ ହେଲା । ଇତିହାସରୁ ଜଣାଯାଏ ବାନୟନ ଗଛ ୨୫୦ବର୍ଷତଳର । ଅନେକ ଭ୍ରମଣ ଗ୍ରନ୍ଥର ମଧ୍ୟ ପ୍ରସଙ୍ଗ ହୋଇ ପାରିଛି ଏଇ ବୃକ୍ଷଟି । ଉନବିଂଶ ଶତାବ୍ଦୀକୁ ଫେରିଗଲେ ଜଣାଯାଏ । ପ୍ରତି ଭ୍ରମଣରେ ଲେଖକ ପାଉଥିଲେ ଉଲ୍ଲେଖଯୋଗ୍ୟ ତଥ୍ୟ । ଏହାର ବିଶାଳକାୟ ଆକାର ଓ ଅସାଧାରଣ ସଂଖ୍ୟାରେ ଶାଖା ଢ଼ିରା ନେଇଥିବା ଦେଖାଯାଏ । ଦୁଇ ଦୁଇଟି ବିଶାଳକାୟ ବାତ୍ୟାକୁ ସାମ୍ନା କରିଛି ଏଇ ଗଛ । ୧୮୬୪ ମସିହା ଓ ୧୮୬୭ ମସିହାରେ । ବର୍ତ୍ତମାନ ଏହା ଶୀର୍ଷ ପରିଧିର ବୃକ୍ଷ ଭାବେ ୪୮୬ ମିଟର ଯାଏ ଅଛି । ଏହାର ବିଶାଳ ଶାଖାର ଉଚ୍ଚତା ୨୪.୫ ମିଟର । ୩୭୭୨ ବାୟବୀୟ ଯାଏ ଚେଜର ପହଞ୍ଚି ପାରିଛି । ଏହାରୀ ଚେର ତଳେ ଢ଼ିରା ନେବା ଭଳି ରହିଛି । ଏହା ଉଚ୍ଚତମ ବୃକ୍ଷ ଭାବେ ସମତୁଲ୍ୟ ଭାରତର ପ୍ରବେଶପଥ ଭଳି ରହିଛି ।








# ଓଜନ କମାଇବା ପାଇଁ ଖାଇନଥିଲେ ୩୮୨ ଦିନ



ସାଧାରଣତଃ ଲୋକେ କିଛି ନିର୍ଦ୍ଦିଷ୍ଟ ଦିନମାନଙ୍କରେ ଉପବାସ ରଖିଥାନ୍ତି । ହେଲେ ଜଣେ ବ୍ୟକ୍ତି ୩୮୨ ଦିନ ଉପବାସ ରହିବା ସହଜରେ ବିଶ୍ୱାସ କରିହେଉନାହିଁ । ଘଟଣାଟି ବହୁ ପୁରୁଣା ହେଲେ ମଧ୍ୟ ସତ । ଏହି ବ୍ୟକ୍ତି ଜଣଙ୍କ ନିଜ ଓଜନ କମାଇବା ପାଇଁ ଉପବାସ ରହିବାକୁ ନିଷ୍ପତ୍ତି ନେଇଥିଲେ । ସ୍କଟଲାଣ୍ଡର ଅଙ୍ଗସ ବାରବେରି ନାମକ ଏହି ବ୍ୟକ୍ତିଙ୍କୁ ଯେତେବେଳେ ୨୭ ବର୍ଷ ହୋଇଥିଲା ସେତେବେଳେ ସେ ନିଜ ଓଜନକୁ ନେଇ ବଡ଼ ଚିନ୍ତାରେ ଥିଲେ । ପରେ ସେ ଓଜନ କମାଇବା ପାଇଁ ବଡ଼ ନିଷ୍ପତ୍ତି ନେଇଥିଲେ । ୧୯୭୩ ମସିହା ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ ଡକ୍ୟୁମେଣ୍ଟରେ ପ୍ରକାଶିତ ରିପୋର୍ଟ ଅନୁସାରେ ଅଙ୍ଗସଦ ୩୮୨ ଦିନ ଧରି କୌଣସି କଠିନ ଖାଦ୍ୟ ଖାଇନଥିଲେ । ଶରୀରକୁ ଶକ୍ତି ପ୍ରଦାନ ପାଇଁ ସେ କେବଳ ପଟାସିୟମ, ସୋଡ଼ିଏମର ଲିକ୍ୟୁଇଡ୍ ସପ୍ଲିମେଣ୍ଟ ନେଉଥିଲେ । ନିୟମିତ ସେ ଡାକ୍ତରଙ୍କ ନିକଟକୁ ଯାଇ ନିଜ ଶରୀରର ପରୀକ୍ଷା ନୀରିକ୍ଷା ମଧ୍ୟ କରୁଥିଲେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶକ୍ତିର ଅଧିକାରୀ...

ଗତ ସପ୍ତାହରେ ବୁଧବାର ଦିନ ବିଶ୍ୱ ପରିବେଷଣୀୟ ବିକାଶ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଆସନ୍ତା ୨୦ ବର୍ଷ ଭିତରେ ଭାରତର ଶକ୍ତି ଆବଶ୍ୟକତା ବର୍ତ୍ତମାନ ଆବଶ୍ୟକତାର ଦୁଇଗୁଣ ଅଧିକ ହେବା ଆଶା କରାଯାଉଛି ଏବଂ ଲୋକମାନଙ୍କୁ ଏହି ଶକ୍ତିର ବ୍ୟବହାରକୁ ମନା କରାଯିବାର ଅର୍ଥ ଲକ୍ଷ ଲକ୍ଷ ଲୋକଙ୍କୁ ଜୀବନ ବଂଚିବାକୁ ମନା କରିବା ସହିତ ସମାନ ହେବ। ଏହି ଅବସରରେ ସେ ବିକଶିତ ରାଷ୍ଟ୍ରମାନଙ୍କୁ ଆର୍ଥିକ ସହାୟତା ଏବଂ ବୈଷୟିକ ଜ୍ଞାନକୌଶଳର ହସ୍ତାନ୍ତରଣ ସମ୍ପର୍କିତ ପ୍ରତିଶ୍ରୁତିକୁ ସ୍ମରଣ କରାଇ ଦେଇଥିଲେ। ଫେବୃଆରୁ ୨୮ରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଜଳବାୟୁ ସଙ୍କଟ ସହିତ ଖାପ ଖୁଆଇ ଚଳିବା ସମ୍ବନ୍ଧିତ ଆନ୍ତଃ ସରକାରୀ କମିଟିର ରିପୋର୍ଟ ଆସିବାର ମାତ୍ର ଅଳ୍ପ କେଦେଦିନ ଆଗରୁ ସେ ଏହି ମନ୍ତବ୍ୟ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ନଭେମ୍ବର ୨୦୨୧ର ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ ସମ୍ମିଳନୀ କନଫରେନ୍ସ ଅଫ୍ ଦ ପାର୍ଟିଜଠାରୁ ଆରମ୍ଭ କରି ସାମ୍ପ୍ରତିକ ସମ୍ମିଳନୀ ପର୍ଯ୍ୟନ୍ତ ସବୁଠାରେ ଭାରତ ନିରବଛିନ୍ନ ଭାବରେ ଜଳବାୟୁ ଆର୍ଥିକ ସହାୟତା ପ୍ରସଙ୍ଗକୁ ଉଠାଇ ଆସୁଛି। ବର୍ତ୍ତମାନ ସୁଦ୍ଧା ଚଳିତ ବର୍ଷର ସମ୍ଭବତଃ ପ୍ରଥମ ଥର ପାଇଁ ନିଜର ଉଦବୋଧନରେ ପ୍ରଧାନମନ୍ତ୍ରୀ ପରିବେଶ ସମ୍ବନ୍ଧିତ ବିଷୟବସ୍ତୁ ଉପରେ ମନ୍ତବ୍ୟ ପ୍ରଦାନ କରିଛନ୍ତି ଯେ ଆମର ଏଇ ପୃଥିବୀ ନାମ ଗ୍ରହ 'କ୍ଷଣଭଙ୍ଗୁର' ନୁହେଁ, ବରଂ ଲୋକମାନେ ଏବଂ ପ୍ରକୃତିକ ସଂରକ୍ଷିତ କରି ରଖିବା ପ୍ରତି ସେମାନଙ୍କର ପ୍ରତିବଦ୍ଧତା ହିଁ କ୍ଷଣଭଙ୍ଗୁର ସାବ୍ୟସ୍ତ ହୋଇ ଆସିଛି। ପୃଥିବୀ/ପ୍ରକୃତି ଏବଂ ପରିବେଶ ଓ ଜଳବାୟୁ ଇତ୍ୟାଦି ଶବ୍ଦ ସାମ୍ପ୍ରତିକ ସମୟରେ ନିୟମିତ ବ୍ୟବଧାନରେ ଚର୍ଚ୍ଚାର ପରିସରକୁ ଆସିଛି। ପ୍ରକୃତି ଓ ପରିବେଶପ୍ରେମୀମାନେ ପୃଥିବୀ ପୃଷ୍ଠରେ ମାନବ ସମାଜର ଜୀବନ ଦିନକୁ ଦିନ ସଙ୍କଟପୂର୍ଣ୍ଣ ହେବାକୁ ଯାଉଥିବା କହୁଥିବାବେଳେ ମାନବୀୟ କାର୍ଯ୍ୟକଳାପ ହିଁ ଏଥିପାଇଁ ଦାୟୀ ବୋଲି ଦର୍ଶାଇ ଆସୁଛନ୍ତି। ଏଥିପାଇଁ ବେଳହୁଁ ମାନବ ସମାଜ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ସେମାନଙ୍କର ଚେତାବନୀକୁ ଆଉ କେତେକ ବିଶେଷଜ୍ଞ ହେୟଜ୍ଞାନ ମଧ୍ୟ କରୁଛନ୍ତି। ତେବେ ଏକ ଦୋଦୁଲ୍ୟମାନ ସ୍ଥିତିରେ ପ୍ରାକୃତିକ ପରିବେଶର ସଂରକ୍ଷଣ ଯେ ଜରୁରୀ, ଏହା ସପକ୍ଷରେ ସ୍ୱର ଅଧିକ ଓ ଶାଣିତ। ଆଦିମ ସଭ୍ୟତାରୁ ବାହାରି ମଣିଷ ଯେବେଠାରୁ ଜୀବନ ନିର୍ବାହ କରିବା ନିମନ୍ତେ କୃଷି ଉପରେ ନିର୍ଭରଶୀଳ ହେଲା ଏବଂ ଜଙ୍ଗଲ ସଫା କରି ଧାନ, ଗହମ ଇତ୍ୟାଦି ଭଳି ଖାଦ୍ୟଶସ୍ୟଗୁଡ଼ିକର ଉତ୍ପାଦନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କଲା, ବସ୍ତୁତଃ ସେବେଠାରୁ ହିଁ ଏସବୁର ପ୍ରଭାବ ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନର କାରଣ ପାଲଟିଲା, ଯଦିଓ ଏହିସବୁ କାର୍ଯ୍ୟର ପ୍ରଭାବଗୁଡ଼ିକ ସ୍ପଷ୍ଟ ଭାବରେ ଅନୁଭୂତ ହେଲା ଶହ ଶହ ବର୍ଷ ପରେ। ସଭ୍ୟତାର ବିକାଶ ସହିତ ଆସିଲା ଶିଳ୍ପ ଯୁଗ ଏବଂ ସମୟକ୍ରମେ ମାନବ ଜୀବନକୁ ଅଧିକ ସୁଖ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ କରିବା ନିମନ୍ତେ ବ୍ୟବହାର କରାଗଲା ଜୀବାଶ୍ମ ଜାଳେଣିର। ଆଉ ଏହା ସହିତ ବାୟୁମଣ୍ଡଳରେ ଘଟିଲା ପରିବର୍ତ୍ତନ। ଏ ଦୁଇ ଯୁଗ ମଧ୍ୟରେ ସାଧାରଣ କଥାଟି ଯାହା ଥିଲା, ତାହା ହେଉଛି- ଯେଉଁମାନେ ସର୍ବାଧିକ ଦୁଃଖ କଷ୍ଟର ଶିକାର ହେଲେ, ସେମାନେ ହେଲେ ଗରିବ ଶ୍ରେଣୀର ବା ସମାଜର ନିମ୍ନ ବର୍ଗର ଲୋକମାନେ, ଯାହାଙ୍କୁ ଏମିତି ମଧ୍ୟ କୁହାଯାଇପାରେ ଯେ ପ୍ରକୃତିର ଦାଉ ଧକ୍କାକୁ ସମ୍ଭାଳିବା ନିମନ୍ତେ ପର୍ଯ୍ୟାପ୍ତ ସାମର୍ଥ୍ୟହୀନମାନେ। ଉଦାହରଣ ଭାବରେ ନିଆଯାଇପାରେ ଗତ ବର୍ଷର ଉତ୍ତରାଖଣ୍ଡର ହି ସ୍ଖଳନକୁ ଯାହାର ବରଫ ଦୁଇଗୋଟି ଜଳବିଦ୍ୟୁତ୍ ପ୍ରକଳ୍ପକୁ ଧ୍ୱଂସ କରିଦେବା ସହିତ ବେଶ୍ କେତେ ସଂଖ୍ୟକ ଲୋକଙ୍କ ଜୀବନ ହାନି ଘଟାଇଲା। ତେବେ ଏହାର ବହୁ ପୂର୍ବରୁ ବୈଜ୍ଞାନିକମାନେ ସତର୍କ କରାଇ ଚାଲିଛନ୍ତି ଯେ ହିମାଳୟ ପର୍ବତମାଳାର ଏହି ଅଂଶ ବଡ଼ ଧରଣର ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ସହ୍ୟ କରିବାର କ୍ଷମତା ରଖେନାହିଁ, ଯାହାର ପ୍ରମାଣ ଭାବରେ ଏ ଅଂଚଳରେ ବାରମ୍ବାର ବନ୍ୟା, ଭୂସ୍ଖଳନ, ଭୂମିକମ୍ପ ଇତ୍ୟାଦି ସଂଘଟିତ ହୋଇ ଚାଲିଛି। ପୃଥିବୀର ନିଜ କ୍ଷତକୁ ନିଜେ ଆରୋଗ୍ୟ କରିଦେବାର ଶକ୍ତି ରହିଛି ବୋଲି ମଧ୍ୟ ବିଶେଷଜ୍ଞତମାନେ ମତ ଦେଇଥାନ୍ତି, ଅର୍ଥା ବିଗାଡ଼ି ହୋଇ ଯାଇଥିବା ବ୍ୟବସ୍ଥାକୁ ପ୍ରକୃତି ନିଜେ ନିଜେ ସଜାଡ଼ି ଦେଇଥାଏ। କିନ୍ତୁ ଏହା ଯେଉଁଭଳି ଭାବରେ ଏହି କାର୍ଯ୍ୟ କରିଥାଏ, ତାହା ଅନେକ ସମୟରେ ଏପରି ଧ୍ୱଂସାବହ ଓ ବିପଜ୍ଜନକ ହୋଇତାଏ ଯେ ତାହାଦ୍ୱାରା କ୍ଷତିଗ୍ରସ୍ତ ହୋଇପାରନ୍ତି ପ୍ରକୃତିର ସନ୍ତୁଳନ ବିଗିଡ଼ିବା ପାଇଁ ଦାୟୀ ହୋଇନଥିବା ଲୋକମାନେ।

# ଅଭିବ୍ୟକ୍ତିର ସ୍ୱାଧୀନତା ଓ ଭାରତୀୟ ଦୃଷ୍ଟିଭଙ୍ଗୀ



ଗୋପାଳ ମହାପାତ୍ର

ସଂ ଗଛଧ୍ୱଂ ସଂ ବଦଧ୍ୱଂ
ସଂବୋ ମନାଂସି ଜାନତାମ୍।
ଦେବା ଭାଗଂ ଯଥା ପୂର୍ବେ
ସଂଜାନାନା ଉପାସତେ।।୨।।
ସମାନୋ ମନ୍ତ୍ରଃ ସମିତି, ସମାନି
ସମାନଂ ମନଃ ସହ ଚିତ୍ତମେଷାମ୍
ସମାନ ମନ୍ତ୍ରମଭି ମନ୍ତ୍ରୟେବଃ
ସମାନେନ୍ ବୋହବିଷା ଜୁହୋମି।।୩।।
ସମାନି ବ ଆକୃତି :
ସମାନା ହୃଦୟାନିବଃ।
ସମାନ ମସ୍ତୁ ବୋ ମନୋ ଯଥାବଃ
ସୁସହାସତି।।୪।।

ରୁଗବେଦର ୧୦ମଣ୍ଡଳର ଏ ହେଉଛି ୧୯୧ତମ ସୁକ୍ତ ଓ ରୁଗବେଦର ଅନ୍ତିମ ସୁକ୍ତ। ଏହି ସୁକ୍ତରେ ସମସ୍ତଙ୍କ ଅଭିଳାଷ ପୂରଣ ପାଇଁ ଅଗ୍ନିଦେବଙ୍କୁ ପ୍ରାର୍ଥନା କରାଯାଇଛି, ଯାହା ପରସ୍ପର ମଧ୍ୟରେ ଥିବା ମତଭେଦକୁ ଭୁଲିଯାଇ ସୁସଂଗଠିତ ହୋଇ ରହିବା ପାଇଁ କୁହାଯାଇଛି ପରସ୍ପର ଏକ ହୋଇ ରହିବା, ପରସ୍ପର ମିଳିମିଶି ପ୍ରେମରେ ବାର୍ତ୍ତାଳାପ କରିବା, ସମାନ ମନ ହୋଇ ଜ୍ଞାନ ପ୍ରାପ୍ତି କରିବା କଥା କହୁଛି ଏହି ସୁକ୍ତ। ଶ୍ରେଷ୍ଠ ଜନମାନେ ଯେପରି ଏକମନ ହୋଇ ଜ୍ଞାନାର୍ଜନ କରି ଈଶ୍ୱରଙ୍କ ଉପାସନା କରିଥାନ୍ତି ସେହି ପ୍ରକାରରେ ସମସ୍ତେ ଏକମତ ହୋଇ ବିରୋଧ ତ୍ୟାଗ କରି କାର୍ଯ୍ୟ କରିବା ଉଚିତ୍। ସମସ୍ତଙ୍କ ପ୍ରାର୍ଥନା ଏକସମାନ ହେଉ, ବିଭେଦଭାବ ନକରି ପରସ୍ପର ମିଳିମିଶି ରହିବା, ଅନ୍ତଃକରଣ ମନ-ଚିତ୍ତର ବିଚାର ସମାନ ହେଉ। ମୁଁ ସମସ୍ତଙ୍କ ହିତ ପାଇଁ ସମାନ ସମାନ ମନ୍ତ୍ରକୁ ଅଭିମନ୍ତ୍ରିତ କରି ପ୍ରାର୍ଥନା କରୁଛି। ସମସ୍ତଙ୍କର ସଂକଳ୍ପ ଏକାଭଳି ହେଉ। ସମସ୍ତଙ୍କର ହୃଦୟ ଏକ ସମାନ ହେଉ ଏବଂ ମନ ମଧ ଏକ ସମାନ ହେଉ ଯାହାଫଳରେ ସମସ୍ତଙ୍କ କାର୍ଯ୍ୟ ପରସ୍ପର ପୂର୍ଣ୍ଣ ରୂପେର ସଂଗଠିତ ହୋଇପାରିବ। ଏହା ହେଉଛି ରୁଗବେଦର ଏହି ଅନ୍ତିମ ମୁକ୍ତର ଅର୍ଥ ବା ଉଦ୍ଦେଶ୍ୟ।

କୁହାଯାଏ ଯେ, ସଭ୍ୟତା, ସଂସ୍କୃତି, ଦର୍ଶନର ବିକାଶରେ ସମ୍ବାଦର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶ୍ୱର ସବୁଠାରୁ ଉଚ୍ଚତର ଓ ଅନୁକରଣୀୟ ସଂସ୍କୃତିର ବିକାଶ ସମ୍ବାଦର ଆଧାରରେ ହିଁ ହୋଇଛି। ଆମ ପରମ୍ପରାରେ ସମ୍ବାଦର ସ୍ୱରାଜ କଥା ରହିଛି। ଏହି ସମ୍ବାଦ ତ ସମାଜକୁ ଦିଗଦର୍ଶନ ଦେଇଥାଏ। ଆମର ଗ୍ରନ୍ଥ (ଗୀତା) କ'ଣ? ସମ୍ବାଦରୁ ମିଳିଥବା ଦର୍ଶନ। ଜଣେ ପ୍ରଶ୍ନ ପଚାରୁଛି ଏବଂ ଅନ୍ୟ ଜଣେ ଉତ୍ତର ଦେଉଛି ଏବଂ ସେଥିରୁ ଉତ୍ପନ୍ନ ହେଉଛି ଏକ ଦର୍ଶନ। ଅର୍ଜୁନ ପ୍ରଶ୍ନ ପଚାରୁଛନ୍ତି ଶ୍ରୀକୃଷ୍ଣ ଉତ୍ତର ଦେଉଛନ୍ତି ସେଥିରୁ ଗୀତା ମହାତ୍ମ୍ୟ ଆମକୁ ପ୍ରାପ୍ତ ହୋଇଛି। ଯକ୍ଷ ପ୍ରଶ୍ନ ପଚାରିଲା, ଧର୍ମରାଜ ଯୁଧିଷ୍ଠିର ଉତ୍ତର ଦେଲେ, ଆମକୁ ଜୀବନର ସାରକଥା ପ୍ରାପ୍ତ ହେଲା। ଆମେ ସମସ୍ତେ ସଂଚାର କ୍ଷେତ୍ର ଅଧିଷ୍ଠାତା ବୋଲି ଯାହାକୁ ମାନୁଛେ ସେହି ଦେବର୍ଷି ନାରଦ ଯୁଧିଷ୍ଠିରଙ୍କୁ ପ୍ରଶ୍ନ କରିଥିଲେ ଓ ଯୁଧିଷ୍ଠିର ସୁଶାସନର ସୂତ୍ର ବତାଇଥିଲେ। ବାଳକ ନଚିକେତା ଯମରାଜଙ୍କୁ ପ୍ରଶ୍ନ ପଚାରିଥିଲା ଓ ଉତ୍ତରରେ ଯମରାଜ ଜୀବନ ଏବଂ ମୃତ୍ୟୁର ରହସ୍ୟ କହିଥିଲେ। ଜନକଙ୍କ ସଭାରେ ବ୍ରହ୍ମଜ୍ଞାନୀ ଯାଜ୍ଞବଲ୍କଙ୍କୁ ଗାର୍ଗୀ ପ୍ରଶ୍ନ କରିଥିଲେ ଓ ଶେଷରେ ଗାର୍ଗୀ ମଧ ପରାଜୟ ସ୍ୱୀକାର କରିଥିଲେ ସେତେବେଳେ ପ୍ରଶ୍ନ ପଚାରିବାର ମହତ୍ୱ ବୁଝାଇ ଯାଜ୍ଞବଲ୍କ କହିକଥିଲେ ଯେ, ଗାର୍ଗୀ ତୁମେ ପ୍ରଶ୍ନ ପଚାରିବାରେ ସଙ୍କୋଚ କରନାହିଁ। କାରଣ ପ୍ରଶ୍ନ ପଚାରିଲେ ଉତ୍ତର ମିଳିଥାଏ ଓ ଏହି ଉତ୍ତରରୁ ସଂସାର ଲାଭାନ୍ୱିତ ହୋଇଥାଏ। ଏହା ହେଉଛି ସମ୍ବାଦ ପ୍ରତି ଭାରତୀୟ ଦୃଷ୍ଟିଭଙ୍ଗୀ। ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ହେଉଛି ଭାରତୀୟ ଦୃଷ୍ଟିଭଙ୍ଗୀ। ଆମେ ସମସ୍ତ ଏଇ ନିକଟରେ ଶେଷହୋଇଥିବା ଖଣ୍ଡଗିରି ମେଳା ଦେଖିଛେ, ଏହି ମେଳକରୁ ଦେଖିଲେ ଆମକୁ ସମ୍ବାଦର ସ୍ୱରାଜ କଥା ସ୍ପଷ୍ଟ ଦେଖାଯିବ। ବର୍ଷ ସାରା ଦେଶର ବିଭିନ୍ନ ପ୍ରାନ୍ତ ଭ୍ରମଣ କରି ସମାଜର ରୀତି-କୁରୀତିକୁ ଅନୁଭବ କରିଥିବା ବିଭିନ୍ନ ମତ ସମ୍ପ୍ରଦାୟର ବିଦ୍ୱାନ ଜନମାନେ ମେଳାରେ ଏକତ୍ର ହୋଇଥାନ୍ତି ଓ ପରସ୍ପର ମଧରେ ନିଜର ଅନୁଭବକୁ ବାଣ୍ଟିତାନ୍ତି। ଦେଶରେ କୁମ୍ଭମେଳା ଭଳି ଅନେକ ମେଳା ମଧ ହେଉଛି ଯେଉଁ ସ୍ଥାନକୁ ହଜାର ହଜାର ସଂଖ୍ୟାରେ ଏଭଳି ବିଦ୍ୱାନ ଜନ (ସାଧୁସନ୍ଥ) ମାନେ ଯାଇଥାନ୍ତି। ଏମାନଙ୍କ ମଧରେ ଥିବା ବିଭିନ୍ନ ବିଚାର / ଅନୁଭବର ଆଧାରରେ ସମାଜ ପାଇଁ ମାର୍ଗ ମଧ ପ୍ରଶସ୍ତ କରିଥାନ୍ତି। ସମ୍ବାଦର ଉଦ୍ଦେଶ୍ୟ ସମାଧାନ ହେବା ଉଚିତ୍। ଲୋକ ହିତ ପାଇଁ ହେବା ଉଚିତ୍। କିନ୍ତୁ ଏବେ ଏସବୁ ଠାରୁ ଦୂରେଇ ଯାଇଛି ସମ୍ବାଦ, ଉଦ୍ଦେଶ୍ୟବିହୀନ ହୋଇଯାଇଛି। ସମାଧାନ ପାଇଁ ସମ୍ବାଦ ଆଉ ନାହିଁ ବରଂ ନିଜକୁ ସିଦ୍ଧ କରିବା ପାଇଁ କୁତର୍କ କରାଯାଉଛି। ନିଜ ନିଜ ଭିତରେ ଅହଂକାରର ଲଢେଇ ଚାଲିଛି, ସମ୍ବାଦର ମହାନ୍ ପରମ୍ପରା ହଜିଯିବାକୁ ବସିଲାଣି। ଆଲୋଚନା ଏବେ ଜିତିବା ଉଦ୍ଦେଶ୍ୟରେ ହେଉଛି। ଯେତେବେଳେ ସମ୍ବାଦ ନିଜର ଅର୍ଥକୁ ଭୁଲିଯାଇଛି ସେତେବେଳେ ଆଲୋଚନା ସାର୍ଥକ ହେବ କେମିତି? ଏଥିରୁ କିଛି ନିଷ୍କର୍ଷ ବାହାରି ପାରୁନାହିଁ। ଅଭିବ୍ୟକ୍ତିର ସ୍ୱାଧୀନତା ନୁହେଁ ଦେଶ ବିରୋଧୀ ସ୍ଲୋଗାନ ଦେବା ସାମଜକୁ ସାମ୍ପ୍ରଦାୟିକ ଏବଂ ଜାତି ଆଧାରରେ ବିଭାଜିତ କରୁଥିବା ସ୍ୱରକୁ ଅଭିବ୍ୟକ୍ତିର ସ୍ୱାଧୀନତା କୁହାଯାଇପାରିବ ନାହିଁ। ଅଭିବ୍ୟକ୍ତିର ସ୍ୱାଧୀନତା ହେଉଛି ସମାଜକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା। ଏବେ ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି। ଆମେ ଭାବିବା ଉଚିତ୍ ନୁହେଁ କି ଆମ ପାଇଁ ସ୍ୱାଧୀତନାର ଅର୍ଥ କ'ଣ? ସ୍ୱାଧୀନତା ପାଇଁ ଲଢେଇ କରିଥିବା ମହାନ୍ ବ୍ୟକ୍ତିମାନଙ୍କର ଉଦ୍ଦେଶ୍ୟ ଥିଲା ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ନିର୍ମାଣ କରିବା। ତେବେ ଅଭିବ୍ୟକ୍ତିର ସ୍ୱାଧୀନତାର ଅର୍ଥ ବା ଲକ୍ଷ୍ୟ କ'ଣ ହେବା ଉଚିତ୍। ଏବେ ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଭାରତୀୟ ଦୃଷ୍ଟିଭଙ୍ଗୀ ଉପରେ ଅଧିକ ତର୍ଜମା କରାଯିବା ଆବଶ୍ୟକ ହୋଇପଡିଛି। ଦେଶରେ ସମ୍ବାଦର ଭାରତୀୟ ପରମ୍ପରା ଉପରେ ମଧ ବିମର୍ଷ ହେବା ଉଚିତ୍।

+ରାମଚନ୍ଦ୍ରପୁର,
ରଣପୁର
ମୋ: ୯୪୩୮୪୮୫୦୯୪

# ସୁଖୋଇ ଉପରେ ଭାରତର ଦୃଷ୍ଟି

ସୌମେନ୍ଦ୍ର ଜେନା

ଭାରତୀୟ ସେନାବାହିନୀର ଆଧୁନିକୀକରଣ କାର୍ଯ୍ୟକ୍ରମରେ ବାୟୁସେନାର ଆବଶ୍ୟକତା ପୂରଣ କରିବା ସରକାରଙ୍କ ପାଇଁ ପ୍ରାଥମିକତା ହୋଇଛି। ଦିନାକେତେ ଧରି ରାଫେଲ ମାଧ୍ୟମରେ କ୍ଷମତା ବୃଦ୍ଧି କରିବାକୁ ବାୟୁସେନା ପ୍ରୟାସ କରି ଆସିଥିଲେ ମଧ ମୂଲ୍ୟ ଦୃଷ୍ଟିରୁ ପୁନର୍ବାର ରାଫେଲ ପାଇବା ଏବେ ଆଉ ସହଜ ହେବନାହିଁ। କାରଣ ଏବେ ଇଣ୍ଡୋନେସିଆ, ଇଜିପ୍ଟର ଯେଉଁ ଅର୍ଡର ଦାସଲ୍ଟ କମ୍ପାନୀ ପାଇଛି ତାହା ଯୋଗାଇବାକୁ ଅତିକମ୍‌ରେ ୭ ରୁ ୮ ବର୍ଷ ସମୟ ଲାଗିଯିବ। ଭାରତ ଯଦି ରାଫେଲକୁ ପସନ୍ଦ କରେ ତେବେ ଏହା ପୂର୍ବରୁ ଯୋଗାଣ ସମ୍ଭବପର ହେବନାହିଁ। ୧୧୪ ଯୁଦ୍ଧବିମାନ ସରକାର ବାୟୁସେନା ପାଇଁ କିଣିବାକୁ ଲକ୍ଷ୍ୟ ରଖିଥିଲା ବେଳେ ସୁଖୋଇ-୩୫ ଉପରେ ପ୍ରତିରକ୍ଷା ବିଶେଷଜ୍ଞମାନେ ଅଧିକ ଦୃଷ୍ଟି କେନ୍ଦ୍ରୀଭୂତ କରିଛନ୍ତି। ୧.୩ ଟ୍ରିଲିଅନ ଭାରତୀୟ ମୁଦ୍ରା ଖର୍ଚ୍ଚ କରିବାକୁ ପ୍ରତିରକ୍ଷା ବିଭାଗ ବଜେଟ ରଖିଥିଲା ବେଳେ ଏହି ଅର୍ଥରେ ଆବଶ୍ୟକ ସଂଖ୍ୟକ ରାଫେଲ ପାଇବା ସମ୍ଭବପର ହେବନାହିଁ। କିନ୍ତୁ ଇଣ୍ଡୋନେସିଆ ଏବଂ ଇଜିପ୍ଟରେ ଧକ୍କା ଖାଇବା ପରେ ଋଷିଆର ପ୍ରତିରକ୍ଷା ଶିଳ୍ପ ଏବେ ଭାରତ ଉପରେ ଦୃଷ୍ଟି ରଖିଛି। ରୁଷିଆ ପକ୍ଷରୁ ଭାରତକୁ ମିଗ୍-୩୫ ଏବଂ ସୁଖୋଇ -୩୫ ଦେବାଲାଗି କୁହାଯାଉଥିଲେ ମଧ ଭାରତ ମିଗ୍ -୩୫ର ସେବା ନେଇ ଭାରତ ସନ୍ତୁଷ୍ଟ ନାହିଁ। ଗତବର୍ଷ ରୁଷିଆ ପକ୍ଷରୁ ପରବର୍ତ୍ତୀ ପିଢୀର ନୂଆ ଯୁଦ୍ଧ ବିମାନ ଚେକ୍‌ମେଟ ଭାରତକୁ ଦେବାଲାଗି ପ୍ରସ୍ତାବ ଦିଆଯାଇଥିଲେ ହେଁ ଏହି ବିମାନଟିର ଏ ପର୍ଯ୍ୟନ୍ତ ନିର୍ମାଣ ଓ ଗବେଷଣା ଶେଷ ହୋଇନାହିଁ। ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବା ଯୁଦ୍ଧ ବିମାନ କ୍ରୟ କରିବାକୁ ଭାରତ ଆଦୌ ଆଗ୍ରହ ପ୍ରକାଶ କରିବ ନାହିଁ। କିନ୍ତୁ ଚତୁର୍ଥ ପିଢୀର ଯୁଦ୍ଧ ବିମାନ ସୁଖୋଇ -୩୫ ଫ୍ଲାଙ୍କର ଭାରତ ପାଇଁ ଏଫ-୧୫ ଇଏକ୍ସଜେଟ ଶ୍ରେଣୀ ସହ ତୁଳନୀୟ। ଏହାଛଡା ଦୀର୍ଘ ବର୍ଷ ଧରି ଭାରତୀୟ ବାୟୁସେନା ରୁଷିଆର ବିମାନ ମିଗ-୨୧ ଏବଂ ସୁଖୋଇ-୩୦ ଏମ୍‌କେଆଇ ବ୍ୟବହାର କରିଆସିଛି। ବିଗତ ଦିନମାନଙ୍କରେ ଭାରତକୁ ରୁଷିଆର ପ୍ରତିରକ୍ଷା ଯୋଗାଣ ହ୍ରାସ ପାଇବାରେ ଲାଗିଛି ସତ, କିନ୍ତୁ ରୁଷିଆର ମିଲିଟାରୀ ହାର୍ଡୱେର ଆଗାମୀ ଦିନରେ ମଧ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ। କାରଣ ଯୁଦ୍ଧ ବିମାନ ବଦଳିବା ବେଳେ ତାର ବ୍ୟବହାର ପାଇଁ ଯେଉଁ ପ୍ରଶିକ୍ଷଣ ଆବଶ୍ୟକ ହୋଇଥାଏ ସେ କ୍ଷେତ୍ରରେ ସୁଖୋଇ -୩୫ ବହୁମୁଖୀ ଯୁଦ୍ଧ ବିମାନ କିମ୍ବା ସୁଖୋଇ -୩୪ ସୁପର ସୋନିକ ବୋମାବର୍ଷକ ଭାରତର ବାୟୁସେନା ପାଇଁ ସହଜ ହେବ। ସୁଖୋଇର ଟେକ୍‌ନୋଲୋଜି ସହ ବାୟୁସେନାର ପୁରୁଣା ସଂପର୍କ ଏଥିପାଇଁ ସହାୟକ ହେବ। ଏହାଛଡା ଯଦି ମୂଲ୍ୟ ଦୃଷ୍ଟିରୁ ବିଚାର କରାଯାଏ ତେବେ ପ୍ରତି ସୁଖୋଇ -୩୦ ଯୁଦ୍ଧ ବିମାନ ପାଇଁ ୪୩୦ କୋଟି ଟଙ୍କା ଦେବାକୁ ହେଉଥିଲା ବେଳେ ପ୍ରତି ରାଫେଲ ବିମାନ ପାଇଁ ୧୦୦୦କୋଟିରୁ ଅଧିକ ଦେବାକୁ ହେବ। ଏବେ ଅଧିକ ବିକ୍ରି ଆଦେଶ ପାଇଥିବା ଯୋଗୁ ଦାସଲ୍ଟ କମ୍ପାନୀ ହୁଏତ ମୂଲ୍ୟ ବଢାଇପାରେ। ଅପରପକ୍ଷେ ହାତରୁ ସୁଯୋଗ ହରାଇଥିବା ରୁଷିଆ ଭାରତ ପରି ପୁରୁଣା ଗ୍ରାହକ ପାଇଁ ବିମାନର ମୂଲ୍ୟକୁ ନେଇ ଅଧିକ ବୁଝାମଣା କରିପାରେ। ସୁଖୋଇ ଶ୍ରେଣୀର ଯୁଦ୍ଧ ବିମାନ ନିର୍ମାଣ ସହ ଭାରତର ପ୍ରତିରକ୍ଷା ଶିଳ୍ପ ପୂର୍ବରୁ ପରିଚିତ ଥିବାରୁ ଦେଶରେ ନିର୍ମାଣ ପାଇଁ ସରକାର କହିଲେ ରୁଷିଆର କମ୍ପାନୀ ପାଇଁ କିଛି ଅସୁବିଧା ହେବନାହିଁ। କାରଣ ଦଶନ୍ଧି ଦଶନ୍ଧି ଧରି ହାଲ୍ ସହ ମିଶି ସେମାନେ ଏହି କାର୍ଯ୍ୟ ପୂର୍ବରୁ କରିଆସିଛନ୍ତି। ରୁଷିଆର ଫେଡେରାଲ ସର୍ଭିସ ଫର ମିଲିଟାରୀ ଟେକ୍‌ନିକାଲ କୋଅପରେସନ ପକ୍ଷରୁ ୨୦୧୯ରେ ଘୋଷଣା କରାଯାଇଥିଲା ଯେ ଭାରତ ଯଦି ରୁଷିଆରୁ ମିଗ-୩୫ କିମ୍ବା ସୁଖୋଇ -୩୩ କ୍ରୟ ପାଇଁ ସ୍ଥିର କରେ ତେବେ ସେମାନେ ହାଲକୁ ରଣନୀତିକ ସହଯୋଗୀ ଭାବେ ବାଛିବା ଲାଗି ପ୍ରସ୍ତୁତ ରହିଛନ୍ତି। ଏଜେନ୍ସୀର ସହ ନିର୍ଦ୍ଦେଶକ ଆନାଟୋଲି ଜି ପୁନ୍‌ଚୁକ୍ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ନିଜ ମତରଖି କହିଥିଲେ "ହାଲ୍ ଆମର ପୁରୁଣା ସହଯୋଗୀ ରହିଆସିଛି"। ପୃଥିବୀରେ ରୁଷିଆ ବାହାରେ ଭାରତ ହିଁ ସବୁଠୁ ଅଧିକ ସୁଖୋଇ ଯୁଦ୍ଧବିମାନ ଏବେ ବ୍ୟବହାର କରୁଛି। ଯଦି ସୁଖୋଇ -୩୫ର କ୍ରୟାଦେଶ ରୁଷିଆକୁ ମିଳେ ତେବେ ସୁଖୋଇ -୩୦ର ଆଧୁନିକୀକରଣ କରି ଯୁଦ୍ଧ ବିମାନର ମାରକ କ୍ଷମତାର ବୃଦ୍ଧି କରାଯାଇପାରିବ। ସେସବୁର ନିର୍ମାଣ ଭାରତରେ ସମ୍ଭବ ହେବ। ଅତୀତରେ ଯେପରି ଭାରତର ପ୍ରତିରକ୍ଷା ଶିଳ୍ପ ସୁଖୋଇ ସହ ଯୋଡି ହୋଇକାର୍ଯ୍ୟ କରିଛନ୍ତି, ଆଗାମୀ ଦିନରେ ସେମାନଙ୍କ ଦକ୍ଷତା ବୃଦ୍ଧି ଲାଗି ଏହା ସହାୟକ ହୋଇପାରିବ। ସୁଖୋଇ-୩୫ରେ ଲାଗିଥିବା ରାଡାରକୁ ସୁଖୋଇ-୩୦ରେ ଲଗାଇଲେ ସେସବୁ ବିମାନର ଦକ୍ଷତା ବୃଦ୍ଧି ହେବ। ଯାହାଫଳରେ ଦୁଇ ପ୍ରକାର ଯୁଦ୍ଧ ବିମାନ ଗୋଟିଏ ସ୍ତରକୁ ଆସିପାରିବେ। ଏସବୁର ରକ୍ଷଣାବେକ୍ଷଣ, ପରିଚାଳନାରେ ମୋଟାମୋଟି ବ୍ୟୟ ହ୍ରାସ ପାଇବ। ଏହାଛଡା ବଡ କଥା ହେଉଛି ଯୁଦ୍ଧ ବିମାନରେ ଆଣବିକ ଅସ୍ତ୍ର ଖଞ୍ଜିବା। କେବଳ ଫ୍ରାନ୍ସ ଓ ରୁଷିଆ ଭାରତକୁ ଏ କ୍ଷେତ୍ରରେ ମିଳିତ ଉତ୍ପାଦନର ସୁଯୋଗ ଦେବାକୁ ସକ୍ଷମ ହେବେ ସିନା ଅନ୍ୟ ରାଷ୍ଟ୍ରମାନେ ସେମାନଙ୍କ ଘରୋଇ ଆଇନ ଦୃଷ୍ଟିରୁ ଭାରତ ସହ ମିଳିତ ଉତ୍ପାଦନ ପାଇଁ ରାଜି ହେବେନାହିଁ। ନଭେମ୍ବର ୨୦୧୭ରେ ସୁଖୋଇ-୩୦ରୁ ସଫଳତାର ସହ ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଥିଲା। ତେଣୁ ଭାରତ ଯେଉଁ ଯୁଦ୍ଧବିମାନ କିଣିବାକୁ ନିଷ୍ପତ୍ତି ନେବ ସେଥିରେ ବ୍ରହ୍ମୋସର ପ୍ଲାଟଫର୍ମ ରହିବା ନିହାତି ଆବଶ୍ୟକ ହେବ। ବ୍ରହ୍ମୋସ ଏରୋସ୍ପେସ ପକ୍ଷରୁ ମିଳିତ ପ୍ରକଳ୍ପର କ୍ଷେପଣାସ୍ତ୍ର ସୁଖୋଇ-୩୫ରେ ବ୍ରହ୍ମୋସ ଖଞ୍ଜିବା ସହଜ ହେବ। ୨୦୦୪ରୁ ୨୭୨ଟି ସୁଖୋଇ-୩୦ ଯୁଦ୍ଧବିମାନ ରୁଷିଆଠାରୁ ଭାରତ ସମୟକ୍ରମେ କିଣିଛି। ତନ୍ମଧ୍ୟରୁ ୨୨୨ଟି ବିମାନ ମହାରାଷ୍ଟ୍ରର ନାସିକସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ସ (ହାଲ୍) କାରଖାନାରେ ଟେକ୍‌ନୋଲୋଜି ହସ୍ତାନ୍ତରଣ ବୁଝାମଣା ପ୍ରକ୍ରିୟାରେ ନିର୍ମିତ ହୋଇଥିଲା। ପ୍ରାୟ ୪୦ଟି ସୁଖୋଇ -୩୦ ଯୁଦ୍ଧବିମାନରେ ବ୍ରହ୍ମୋସ ସୁପରସୋନିକ କ୍ରୁଜ କ୍ଷେପଣାସ୍ତ୍ର ଖଞ୍ଜିବା ପାଇଁ ଆଧୁନିକୀକରଣ କାର୍ଯ୍ୟ ଶେଷ ହୋଇଛି। ହାଲ୍‌ର ନିର୍ଦ୍ଦେଶକ ଟି ସୁବର୍ଣ୍ଣରାଜୁଙ୍କର ଭିନ୍ନମତ ରହିଛି। ସେ କହିବାନୁସାରେ ପୁରୁଣା ଯୁଦ୍ଧ ବିମାନଗୁଡିକର ଆଧୁନିକିକରଣ କରିବା ଅପେକ୍ଷା ଆମେ ତିନୋଟି ସୁଖୋଇର ସ୍କ୍ୱାଡ୍ରନ ଗଢିବା ଦରକାର ଯାହାର ବ୍ରହ୍ମୋସ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ଥିବ। କାରଣ ପୁରୁଣା ବିମାନଗୁଡ଼ିକର କାର୍ଯ୍ୟକାଳ ଅଧିକ ରହିନାହିଁ। ଏହା ହେଲେ ନୂଆ ବିମାନଗୁଡିକ ବ୍ରହ୍ମୋସ୍ ବହନ କରି ଅଧିକ ଦିନ ପାଇଁ କାର୍ଯ୍ୟ କରିବା ସହ ଆଗାମୀ ଦିନରେ ଆଧୁନିକୀକରଣ ଲାଗି ସୁବିଧା ରହିବ। ସୁଖୋଇ-୩୫ ଅନ୍ୟ ଯୁଦ୍ଧବିମାନ ତୁଳନାରେ ଅଧିକ ଉଚ୍ଚରେ ଉଡିବା ସହ ଅଧିକ ଓଜନର କ୍ଷେପଣାସ୍ତ୍ର ବହନ କରିପାରିବ। ମାରକଦକ୍ଷତା ସହ ଏଥିରେ ଉପକରଣର ଶକ୍ତି ରହିଛି। ଏହାଛଡା ଏକମାତ୍ର ସୁଖୋଇ-୩୫ ଯୁଦ୍ଧ ବିମାନରେ ଆକାଶରୁ ଆକାଶକୁ ମାଡ କଲାପରି ହାଇପରସୋନିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ରହିଛି। ହାଇପରସୋନିକ କ୍ଷେପଣାସ୍ତ୍ର ଭାରତ ଏବେ ରୁଷିଆ ସହ ମିଳିତ ଭାବେ ନିର୍ମାଣ କରୁଥିବାରୁ ସୁଖୋଇ- ୩୫ରେ ଏସବୁ କ୍ଷେପଣାସ୍ତ୍ରକୁ ଖଞ୍ଜିବା ସହଜ ହେବ। ଯାହା ଫଳରେ ମାରକ କ୍ଷମତା, ଶତ୍ରୁ ପକ୍ଷର ରଣନୀତିକ ଠିକଣାକୁ ନଷ୍ଟ କରିବା ସହ ସାମରିକ କାର୍ଯ୍ୟାନୁଷ୍ଠାନ ପରିଚାଳନା ଦୃଷ୍ଟିରୁ ସୁବିଧାଜନକ ହେବ। କହିବାରୁ ଗଲେ ୧୧୪ ଯୁଦ୍ଧବିମାନ ବିକ୍ରିପାଇଁ ବିଶେଷତଃ ଆମେରିକା ଓ ରୁଷିଆର ବିମାନ-କମ୍ପାନୀ ଭାରତ ପଛରେ ପଡିଛନ୍ତି। ଟେକ୍‌ନୋଲୋଜି ହସ୍ତାନ୍ତରଣ ଏବଂ ବିମାନର ରକ୍ଷଣାବେକ୍ଷଣ ପାଇଁ ଅନ୍ୟସବୁ ବିମାନ ତୁଳନାରେ ସୁଖୋଇ--୩୫ ଭାରତ ପାଇଁ ସହଜ ହେବ। କାରଣ ବିଗତ ଦିନରେ ଫ୍ରାନ୍ସର କମ୍ପାନୀ ଟେକ୍‌ନୋଲୋଜି ହସ୍ତାନ୍ତରଣ କରୁନଥିବା ହେତୁ ଭାରତ ସରକାର ଜୋରିମାନା ଲଗାଇ ଥିଲେ। ବୁଝାମଣା ଅନୁଯାୟୀ ଫ୍ରାନ୍ସ କମ୍ପାନୀ ଭାରତୀୟ କମ୍ପାନୀକୁ ସହଯୋଗ କରୁନଥିବା ସଂକ୍ରାନ୍ତରେ ଅଭିଯୋଗ ଆସିଥିଲା। ହେଲେ ଏଭଳି ସମସ୍ୟା ରୁଷିଆ ସହ ରହିବ ନାହିଁ। ଏସବୁ ଦୃଷ୍ଟିରୁ ବାୟୁସେନାର ୧୧୪ ଯୁଦ୍ଧବିମାନ କ୍ରୟ ବେଳେ ରୁଷିଆର ସୁଖୋଇ-୩୫ ଉପରେ ଭାରତର ଦୃଷ୍ଟି ନିଶ୍ଚୟ ରହିବ। ସଂଖ୍ୟାଧିକ ପୁରୁଣା ବିମାନ ଯୋଗୁ ପ୍ରତିବର୍ଷ ଅନେକ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଭାରତୀୟ ବାୟୁସେନାର ଯଥେଷ୍ଟ କ୍ଷତି ହେବା ସହ ଯୁବ ଅଧିକାରୀମାନଙ୍କୁ ହରାଇବାକୁ ପଡୁଛି। ଏହି ସମସ୍ୟାର ଆଶୁ ସମାଧାନ ପାଇଁ ନୂତନ ଯୁଦ୍ଧବିମାନକୁ ବାୟୁସେନାରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି।

+ଭାରତୀୟ ସମ୍ବାଦ ସେବା
(ଭାସ୍)
ଭୁବନେଶ୍ୱର-୭୫୧୦୦୩




## ସତ୍‌ସଙ୍ଗର ମହିମା

କୃପାସିନ୍ଧୁ ମୁନି



ପାହିଲା ଅନ୍ଧାର ରଜନୀ (ବୃତ୍ତେ)
ସତସଙ୍ଗ କର ଭାଇରେ ନିସଙ୍ଗତରେ ରହି
ଲୋଭ ମୋହ ମାୟା ବନ୍ଧନ ସବୁ ଦେବୁ ଏଡ଼ାଇ।
ଦୁର୍ଜନ ସଙ୍ଗର ମିଳନେ ହୁଏ ଅକାଳ ମୃତ୍ୟୁ
ତେଣୁ ଦୁର୍ଜନ ସଙ୍ଗ ତେଜି କର ସଜ୍ଜନ ସଙ୍ଗକୁ।
କ୍ଷଣ ମୋହ ସଜ୍ଜନ ସଙ୍ଗତୀ କରିଣ ତୁହି ରେଖା
ଭବତି ଭବାନ୍ନବ ପାଇଁ ଏହା ତରଣୀ ନୌକା।
ବିନୋ ସତ ସଙ୍ଗୋ ବିବେକ କେବେ ଉଦୟ ନୋହି
ସାଧୁ ସଙ୍ଗରେ ହିଁ ଏଜୀବ ସଦ୍‌ଗତି ଲଭଇ।
ସଦଗୁରୁଙ୍କର ବଚନ ନିତ୍ୟ ସାଧନ ବଳେ
ଯମ ନିୟମ ପ୍ରାଣାୟାମ ଲଭେ ଏହି ଶୟଳେ।
ହୃଦୟରେ ଧରି ମନକୁ ଶବ୍ଦ ବ୍ରହ୍ମେ ନିରେଖ
ତ୍ରିକୁଟୀ ଓଁକାର ବିନ୍ଦୁକୁ ଧ୍ୟାନେ ଦେଖ ସ୍ୱରୂପ।
ଯୋଗୀ କୃପାସିନ୍ଧୁ ଭାଇ ଯେ ଅନୁଭବେ କହଇ
ଆତ୍ମ ଜ୍ଞାନାମୃତ ଅମୃତ ସାଧୁ ସଙ୍ଗରେ ପାଇ।

କୁଣବଳଦା, ଗୋଡ଼ିଖାଳ
ଆଶ୍ରମ, ବାଲେଶ୍ୱର

## ପହିଲି ଚୁମ୍ବନ

ରୋହିତ ସେଠୀ

ତୋ ପ୍ରଥମ ଚୁମ୍ବନ ସାରା ଶରୀରରେ
ଶିହରଣ ଭରିଥିଲା
ଫୁଲଠୁ କୋମଳ ମାଂସ ପିଣ୍ଡୁଳାରେ
ପରାଣ ଜାଗି ଉଠିଲା।

କପୋଳ ପ୍ରଦେଶେ ଆଙ୍କିଥିଲୁ ମୋର
ଚୁମ୍ବନର ପ୍ରୀତିଲେଖା
ସେହି ଦିନଠାରୁ ବଦଳି ଯାଇଛି
ଏ ଜୀବନ ଭାଗ୍ୟ ରେଖା।

ମମତାରେ ବୋଳା ପହିଲି ଚୁମ୍ବନ
କେମିତି ଭୁଲିବି କହ
ଭାରି ମନେ ପଡ଼େ ଭବ୍ୟ ପ୍ରତିଛବି,
ଆନନ୍ଦରେ ଝରେ ଲୁହ।

ତୋ ଚୁମ୍ବନ ପରଶ ପାଇବାକୁ ଆଜି
ଆତୁର ହୁଅଇ ମନ
ହେଲେ ଏ ସମୟ ବଇରୀ ସାଜିକି
ମୋ' ଆଗେ ଦଣ୍ଡାୟମାନ।

+ଦୁତୀମେଣ୍ଡି,ଖଜୁରୀପଡ଼ା,କନ୍ଧମାଳ
ମୋ: ୭୭୩୫୨୧୪୩୭୯

## କେଜାଣି କାହିଁକି

ରମାକାନ୍ତ ଦାସ

କେଜାଣି କାହିଁକି ତମ କଥା
ବହୁତ ମନେପଡେ
ମୋ ମନ ଦାର୍ପଣରେ ତମ ପ୍ରତିଛବି
ଆପେ ଆପେ ଆଙ୍କି ହୋଇଯାଏ
ଜାଣେନା କାହିଁକି !!
ତମେ ଏତେ ଆପଣାର ଲାଗ
ଯଦି କେତେବେଳେ
ଦେଖା ହୁଏ ଥରେ
ସ୍ମିତହାସ୍ୟ ଟିଏ ଓଠରେ
ମୋ ଫୁଟିଉଠେ
ପୁଲକ ଲହରୀ ଲହଡା ଭାଙ୍ଗେ
ମୋ ଛାତିତଳ ସମୁଦ୍ରରେ ।।
କେଜାଣି କାହିଁକି !!
ଭୟ ଲାଗେ ମତେ
ମୋର ନିଜର ଭାବନାକୁ
ତୁମ ଆଗରେ ଉନ୍ମୁକ୍ତ କରିବାକୁ
କାଳେ ତୁମେ ମନା କରିଦେବ
ସେ ଭୟ ମତେ ବାରମ୍ବାର ଡରାଏ।
ସବୁଦିନ ତୁମେ ଆସ
ମୋ ଭାବନା ସହରକୁ
ତୁମ କଥା ଭାବିଦେଲେ
ମୋ ମନରେ ଏକ ଅଜଣା
ଶିହରଣ ଖେଳିଯାଏ
ତୁମ ସହିତ ବିତେଇ ଥିବା
ସବୁ ମୁହୂର୍ତ୍ତ ଗୁଡିକ
ସତରେ ଖୁବ୍ ନିଆରା
ନିଶବ୍ଦ ନିସଙ୍ଗ ରାତ୍ରିରେ ଆସ ତୁମେ
ସ୍ୱପ୍ନର ରାଗ ରଚିବାକୁ
ବିକ୍ଷିପ୍ତ ଅତୀତକୁ ସାଉଁଟି ପୁଣି
କଳ୍ପନାର କୋଣାର୍କ ଗଢିବାକୁ
ସ୍ୱପ୍ନରେ ଗଢିଥିବା ପ୍ରେମର କୋଣାର୍କ
ବାସ୍ତବତାରେ ଆପେ ଆପେ ଭାଙ୍ଗିଯାଏ।
କଣ ଯାଦୁ କଲ ତୁମେ..... ?
ଏତେ ଶୀଘ୍ର ନିଜର ହୋଇଗଲ
ଆଉ ମୋତେ ବି ନିଜର କରିଦେଲ
ତୁମ ସହ ରହିବା ବି କଷ୍ଟ
ଆଉ ତୁମଠୁ ଦୂରେଇବା ସତଗୁଣ କଷ୍ଟ
ମୁଁ କଣ କରିବି...... ?
ଆଜି ମୁଁ ବୁଝିପାରୁନି କିଛି
ବେସାହାରା ପାଲଟି ଯାଇ
ଜୀବନରେ ପ୍ରଥମ ଥର
ନା ଆଗକୁ ଯାଇ ପାରୁଛି
ନା ପଛକୁ ଫେରି ପାରୁଛି
ଏ ସବୁ ମୋ ସହ ହିଁ ହେଉଛି
କେଜାଣି କାହିଁକି............ ??

+ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ -୯୬୬୮୮୧୫୩୬୯

## ପ୍ରେମ

ସୁଦର୍ଶନ ମହାପାତ୍ର

ପ୍ରେମର ମୋହରେ ପ୍ରସ୍ତର ଦେହରେ ସ୍ନିଗ୍ଧ ଶିହରଣ ଜାଗେ
ଯୋଗୀ ପରି ଭୋଗୀ ଚାହିଁବା ପଣରେ ପ୍ରୀତି ଆଞ୍ଜୁଳାଏ ମାଗେ
ପାମର ଭାବଇ ପବିତ୍ର ନିଜକୁ ନେଇ କେବେ ପ୍ରେମ ନାମ
ମରୁଭୂମି ହୁଏ ଉଜାଣି ଯମୁନା କୁହୁଡି ବି କୁଞ୍ଜବନ।

ପ୍ରେମ ଏମିତିକା ପକ୍ଷୀଟିଏ ଯା'ର କାକଳି ହିଁ ବେଦପାଠ
ପ୍ରେମ ବି ଏମିତି ନଦୀଟିଏ ଯା'ର ପ୍ରତି ତୁଠ ମହାତୀର୍ଥ
ଅଡୁଆ ସୂତାକୁ ସଜାଡି ଆକାଶେ ପ୍ରେମ ବି ପାରଇ ଉଡ଼ି
ଭଲ ପାଇବାର ଗଣ୍ଡୁଷେ ଜଳରେ ପାହାଡ ବି ଯାଏ ବୁଡି।

ପ୍ରେମପଥ କେବେ ପାନିପଥ ପୁଣି କେତେବେଳେ ପୁଷ୍ପପଥ
ପ୍ରେମଗୀତ କେବେ ସମର ସଙ୍ଗୀତ କେବେ ଭ୍ରମରର ଗୀତ
ଆତତାୟୀ କୁ ସେ ଅନୁଭବ ଦିଏ ଅନୁରାଗ ଆବେଗର
ବାସ୍ତୁହରା ପାଇଁ ତୋଳି ଦେଇପାରେ ସ୍ନେହ ସୋହାଗର ଘର।

ପ୍ରେମ ନୁହେଁ ସଦା ପ୍ରାପ୍ତିର ପୁଲକ ପ୍ରେମ ତିତିକ୍ଷା ବା ତ୍ୟାଗ
ପ୍ରେମ ସଞ୍ଚରଣେ ହୃଦୟ କନ୍ଦରେ ଅନୁଭୂତ ହୁଏ ସ୍ୱର୍ଗ।

+କୁଞ୍ଜବିହାରୀ ଲେନ, କଟକ



## ବିନ୍ଦୁଏ ନାଲି ସିନ୍ଦୂର
### ଶରତ କୁମାର ଦାସ



ବିନ୍ଦୁଏ ନାଲି ସିନ୍ଦୂରର କୋମଳ ଛୁଆଁରେ
ଦାଉ ଦାଉ ଝଲସି ଉଠେ
ଶୂନ୍ୟ କପାଳର ରେଖା,
ଝଲମଲ ହୁଏ ସିନ୍ଥିର ମାଧୁରିମା
ଲାଖିଯାଏ ହାତ ପାହାନ୍ତାରେ
ସୌଭାଗ୍ୟର ପ୍ରଲମ୍ବିତ ରୂପଚିତ୍ର ।

ଚକ୍ ମକ୍ ହୁଏ ଦୂର ନୀଳିମାରେ
ବିଶ୍ୱାସର କୋଟି ପୁଣ୍ୟ ଫଳ
ନାରୀ ହୁଏ ସୌଭାଗ୍ୟବତୀ
ହସ ଛୁଟେ ଶୁଖିଲା ଓଠରେ
ଶେଷଦୃଶ୍ୟ ଯାଏ,
ହେଉ ପଛେ ଡାହାଣିଆ ଖାରବେଳ
ଅବା ବହଳ ଅନ୍ଧାର ।

ବିନ୍ଦୁଏ ନାଲି ସିନ୍ଦୂରର ଦାଗ ହୋଇପାରେ
କାହାପାଇଁ କିଛି ନାଲି ଅବିରର ଛିଟା
ହୋଇପାରେ ମୂଲ୍ୟହୀନ କିଛି
ଆଖୋଜା ଅଲୋଡା ପଦାର୍ଥ,
ମାତ୍ର ଥରେ ଜାଗାଟିଏ ନେଲେ
ନାଲି ଫରୁଆରେ
ବଦଳିଯାଏ ସଜ୍ଞା ତା' ରୂପ ଓ ରଙ୍ଗର ।

ବିନ୍ଦୁଏ ନାଲି ସିନ୍ଦୂର ଟୋପା
ମଧ୍ୟାହ୍ନ ସୂର୍ଯ୍ୟ ଭଳି ଲାଲ୍ ଟହଟହ
କପୋତିର ପଂଝାଠାରୁ ଆହୁରି ଲାଲ୍,
ନିଃଶ୍ୱାସକୁ ଦିଏ ଦୃଢତା
ମନ ଓ ପ୍ରାଣକୁ କରେ ଶକ୍ତ ।

ରକ୍ତଠୁ ଆହୁରି ନିଜର ନାଲି ସିନ୍ଦୂରର ସ୍ପର୍ଶ
ମିଠା ମିଠା ତା' ସ୍ନିଗ୍ଧ ଆସ୍ତରଣ
ଅମୂଲ୍ୟ, ପବିତ୍ର, ଅତି ଆପଣାର,
ଆକାଶକୁ ଛୁଇଁଯାଏ ମନ ସଧବା ନାରୀର
ବଦଳିଯାଏ ପାପୁଲିର ରେଖା ।

ବିନ୍ଦୁଏ ସିନ୍ଦୂର ବଦଳାଇ ଦିଏ ପରିଚୟ
କୁମାରୀରୁ ସୀମନ୍ତିନୀ
କମିଯାଏ ଦୂରତ୍ୱ ନିଃଶବ୍ଦ ରାତିର
ମୃଦୁ କୋଳାହଳ ଧସେଇ ପଶେ ପ୍ରଭାତର ।

ଲମ୍ୱିଯାଏ ସମ୍ଭାବନାର ସୀମାରେଖା
ଐଶ୍ୱର୍ଯ୍ୟାର ଇନ୍ଦ୍ରପ୍ରସ୍ଥ
ରୁଣୁଝୁଣୁ ହେଉଥାଏ ପାଦର ପାଉଁଜି
ବଜ୍ର ହୁଏ ହାତର ଦୁଇପଟ ଶଙ୍ଖା
ଚିରକାଳ ଯାଏ ।

ବିନ୍ଦୁଏ ନାଲି ସିନ୍ଦୂର ଯୋଡିଦିଏ
ଚଟାଣରେ ବିଛାଡି ହୋଇ ପଡିଥିବା
ଟୁକୁରା କାଚଖଣ୍ଡସବୁ ଯୁଗ ଯୁଗ ପାଇଁ
ରଜନୀଗନ୍ଧାର ବାସ ଛୁଟେ
ମରୁର ଉତ୍ତପ୍ତ ବାଲିରେ ।

ବାନ୍ଧି ହୋଇଯାଏ ଦୁଇ ମନ ଦୁଇ ପ୍ରାଣ
ଅନାବିଳ ପ୍ରୀତିର ଡୋରରେ
ଝଲମଲ ହୁଏ ମଧୁର ସମ୍ପର୍କ
ଗୋଲାପର ନୀଳ ଆକର୍ଷଣରେ ।

କେବେ ଯଦି ଫିକା ଲାଗେ
ସେହି ବିନ୍ଦୁଏ ନାଲି ସିନ୍ଦୂରର ରଙ୍ଗ
ଭାଙ୍ଗିଯାଏ ସୁଖର ସାମ୍ରାଜ୍ୟ
ଦୋହଲିଯାଏ ସମୃଦ୍ଧିର ଆର୍ଯ୍ୟାବର୍ତ୍ତ ।

ଅଦିନରେ ଝଡ ଆସେ
ଆଉ ଚୂରମାର ହୁଏ ଫୁଲର ସହର
ମେଘମାନଙ୍କ କୋଳାହଳ ଶୁଭେ ନିଶାର୍ଦ୍ଧରେ
ନିର୍ମଳ ଆକାଶର ପ୍ରଶସ୍ତ ଛାତିରେ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
(ମୋ) ୮୨୪୯୧୩୭୦୯୧

## ଡକ୍ଟର ଦାସ ଚାଲିଗଲେ
### ରତ୍ନାକର ରାଉତ



ସକାଳେ ଖବର କାଗଜ ଖୋଲିଲା ବେଳକୁ
ଜଣାପଡ଼ିଲା ଡକ୍ଟର ଦାସ ଆଉ ନାହାଁନ୍ତି ।
ଗତ କିଛିଦିନ ଧରି ପୀଡ଼ିତ ଥିଲେ,
ହୃଦଘାତରୁ କାଲି ତାଙ୍କର ନିଧନ ହେଲା ।

ନନ୍ଦଦାସର ମନେପଡ଼ିଲା ଦୁଇବର୍ଷ ତଳର
ଏକ ଅଙ୍ଗେନିଭା ଦୁଃଖଦ ଘଟଣା ।
ଅସୁସ୍ଥ ମାଆଙ୍କୁ ନେଇ ଯାଇଥିଲା ତାଙ୍କ ଘରକୁ,
ସଭିଏଁ କହିଲେ ସେ ଧନ୍ୱନ୍ତରୀ । ତାଙ୍କ
ହାତ ନ ବାଜିଲେ ବୁଢ଼ୀର ଏ ଯେଉଁ ଜଟିଳବ୍ୟାଧି
ଉପଶମ ହେବନି ।

ଆଉ କି ଉପାୟ ଥିଲା ତା' ପାଖରେ ?
ସକାଳୁ ଯାଇଥିଲେ ଯେ ମାଆ ପୁଅ
ରାତି ଦି' ଘଡ଼ି ଯାଏଁ ଆଉ କେତେକେତେ
ବେମାରିଆ ଲୋକଙ୍କ ମେଳରେ ବସିଲେ
ଗେଟ୍ ବାହାରେ ରାସ୍ତାରେ ସେମିତି ଅଖିଆ ଅପିଆ ।
ଦରୱାନ୍ ଗେଟ୍ ଖୋଲିଲା ବେଳକୁ
ସଂଧ୍ୟା ତରା ମୁଣ୍ଡ ଉପରେ ।
ଲାଗିଲା ଠେଲାପେଲା, ବଂଚିବା ପାଇଁ ଯୁଦ୍ଧ,
କାହାର ଆଗ ନମ୍ବର ହେବ ।
ତିରିଶ ନମ୍ବର ପର୍ଯ୍ୟନ୍ତ ରହିବେ ଆଉସବୁ ଯିବେ,
ପୁଣି କାଲି ଆସିବେ ।

ଠେଲାପେଲାରେ ପଶିପାରିଲା ନାହିଁ ସେ ।
ନମ୍ବର ସରିଗଲା । କାହାକୁ କିଛି ନକହି
ବସିରହିଲା ରାତି ଅଧଯାଏଁ । କାଳେ
ଡାକ୍ତର ବାବୁଙ୍କର ଦୟାହେବ ।

ମାଆର ଦେହ ବେଳକୁ ବେଳ ବିଗିଡ଼ି ଚାଲିଲା ।
ରାତି ଦିଇଟାରେ ଦରୱାନ୍ ଯେତେବେଳେ
ଗେଟ୍ ବାହାରକୁ ବାହାର କଲା ମାଆପୁଅଙ୍କୁ,
ସେ ନିରାଶ ହେଲା ଏବଂ ଅନ୍ୟ ଉପାୟ ନପାଇ
ସରକାରୀ ହାସପାତାଳରେ ଭର୍ତ୍ତି କଲା ମାଆକୁ ।

ରାତି ପାହୁ ପାହୁ ବୁଢ଼ୀ ନିଃଶ୍ୱାସ ଛାଡ଼ିଲା ।
ତାର ଅବସୋସ ରହିଲା, ଏତେ ଚେଷ୍ଟା କରି ମଧ
ମାଆକୁ ଦେଖେଇ ପାରିଲା ନାହିଁ ଡକ୍ଟର ଦାସଙ୍କୁ ।

ମାଆ ଶେଷରେ ଆଖି ବୁଜିଦେଲା,
ରୋଗ ଚିହ୍ନା ପଡ଼ିଲା ନାହିଁ ।
ଜମିବାଡ଼ି ଦି'ଖଣ୍ଡ ବିକି,
କେଉଁଠୁ ଧାର କରଜ କରି
ଔଷଧପତ୍ର ଦେଇଥିଲେ ତାର ମନ ବୁଝି ଥାଆନ୍ତା ।
ମାଆ ପାଇଁ କିଛି କରିପାରିଲା ନାହିଁ
ଅଯୋଗ୍ୟ ପୁଅ ।
ତା' ଆଖିରୁ ଧାରଧାର ଲୁହ ଛୁଟିଲା ।

ରାଜନଅର ପରି ଘର କରିଥିଲେ ଡକ୍ଟର ଦାସ ।
ଗେଟ୍ ଆଗରେ ଚବିଶ ଘଣ୍ଟା ପହରା ଦେଉଥିଲା
ଦରୱାନ୍ । ଉଆସ ଭିତରକୁ ପଶିଗଲା ବେଳକୁ
ଛାତି ଥରୁଥିଲା । ହେଲେ ଯମ କଣ ଡରିଲା ?
ସେ ମୁଛବାଲା ଦରୱାନ୍ ତ' କାହିଁ
ଅଟକେଇ ପାରିଲା ନାହିଁ ଯମକୁ ?
ଏତେ ସଂପଦ କେଉଁଠି
ବାଂଧି ରଖି ପାରିଲା ଜୀବନ ?
ଦେଖୁ ଦେଖୁ ଦିନ କେଇଟାରେ କେମିତି
ଖସି ଚାଲିଗଲା କେଉଁ ବାଟରେ ?

ଯମର ଦରବାରରେ କାହାକୁ ଛାଡ଼ ମିଳିଲା,
ତା ମାଆକୁ ନା ଡକ୍ଟର ଦାସଙ୍କୁ, କାହାକୁ ?
ଅବା ମିଳିବ ଛାଡ଼ ଅନ୍ୟ କାହାକୁ
ଯେତେ ଯିଏ ଯେଉଁଠି ଅଛନ୍ତି
ଅନ୍ଦି, କନ୍ଦି, ସନ୍ଧିରେ ଅବା ଅନ୍ତଃପୁରକି
ରାଜ ଉଆସରେ ?

ଏମାଟି ସେମିତି ପଡ଼ିଥିବ ।
ପାଦ ଚିହ୍ନସବୁ ପଡୁଥିବ ଏ ମାଟିରେ
ପୁଣି କୁଆଡ଼େ ହଜି ଯାଉଥିବ
ଦିନ ହଜିଗଲା ପରି ରାତିର କୋଳରେ
ଏବଂ ତାରାମାନେ ହଜିଗଲା ପରି
ଦିନର ଆକାଶରେ ।

♥ ପ୍ଲଟ୍ ନମ୍ବର: ୭୬୭ (ପି)
ଜୟଦୁର୍ଗାନଗର, ଲକ୍ଷ୍ମୀସାଗର
ଭୁବନେଶ୍ୱର-୭୫୧୦୦୬

## ସମୟର ସୁଅ
### ବାବାଜୀ ଚରଣ ଜେନା



ସମୟର ସୁଅ ଅପେକ୍ଷା କରେନା
କେବେ ହେଲେ କାହା ପାଇଁ
ଆଗକୁ ଆଗକୁ ଗଡି ଯାଏ ସିଏ
ପଛକୁ ତ ଚାହେଁ ନାହିଁ ।

ଦୁଃଖ ଅବସାଦ ବୁଝେ ନାହିଁ ସିଏ
ବୁଝେନା ମମତା ମୂଲ
ଜୀବନ ଯନ୍ତ୍ରଣା ବୁଝେ ନାହିଁ ସିଏ
କରେ ନାହିଁ ମୂଲ ଚାଲ
ତା ସାଥିରେ ଯିଏ ଚାଲି ନପାରଇ
ପଛରେ ସେ ଯାଏ ରହି,
ସମୟର ସୁଅ ଅପେକ୍ଷା କରେନା...

ହସ ଖୁସି ପାଇଁ ସମୟ ନାହିଁ ତା
ନାହିଁ ଜଞ୍ଜାଳର ମୋହ
ବାନ୍ଧି ହୁଏ ନାହିଁ କାହା ମାୟାରେ ସେ
ଥାଉ ଯେତେ ପରିଚୟ
ନିରିଦୟ ବୋଲି କହିଲେ କିଏ ବି
ମନେ ତା ଅସୂୟା ନାହିଁ
ସମୟର ସୁଅ ଅପେକ୍ଷା କରନା...

♥ ଅହଲ୍ୟା ନିବାସ
ପୋପରଡା, ନୂଆବଜାର, କଟକ-୪
ମୋ: ୯୪୩୭୮୩୪୭୧୯

## ଧୋ'ରେ ବାଇଆ ଧୋ'
### ଜିନାତମାମ୍ ଦର୍ଜୀ



ଧୋ'ରେ ବାଇଆ ଧୋ'
ଯେଉଁ ନେତାଙ୍କ ମିଛ ପ୍ରତିଶ୍ରୁତି
ସେଇ ନେତାଙ୍କୁ ଭୋଟ ଦୋ....
ହଁ ରେ ବାପୁଡ଼ା !!!!
ଗାନ୍ଧିଜୀଙ୍କ ତିନି ମାଙ୍କଡ଼ଙ୍କ ପାରି
ବନ୍ଦ କରିଦେ ଆଖି, କାନ, ପାଟି.....
ଦେଶର ଭଲ ହେବା ଦେଖିବି ନାଇଁ,
ଭଲ ଲୋକଙ୍କ କଥା ଶୁଣିବି ନାଇଁ,
ଭୁଲ ବିରୋଧରେ କିଛି କହିବି ନାଇଁ
ଏଇଆ ଆମ ଜନତାଙ୍କ ନିତି
ବନ୍ଦ କରିଦେ ଆଖି, କାନ, ପାଟି
ଆଉ ତା ସହ ନିଜ ବିବେକଶକ୍ତି

ଧୋ'ରେ ବାଇଆ ଧୋ'
କମ୍ବଳ ଓଢ଼ୀକି ଶୋ
ଚେଇଁଲେ ସିନା ଶୁଣିଥାନ୍ତୁ
ତାଙ୍କ ଗୁପ୍ତ ମନ୍ତ୍ରଣା
ମାଆ ରାଣ, ମିଛ କହୁନି ମ
ଶୁଣିଛି ନିଜ କାନରେ
କହୁଥିଲେ, ମାଙ୍କଡ଼ ଖାଇଲା କାଙ୍କଡ କଷି
ଜନତାଙ୍କୁ ଭଣ୍ଡେଇ ଆମେ
ତାଙ୍କୁ ଲୁଟିବା ମିଶି....

ଧୋ'ରେ ବାଇଆ ଧୋ'
ଯେଉଁ ନେତା ଦେବ
ମଦ ପିଇବାକୁ ଅଧକ ଟଙ୍କା
ସେଇ ନେତାଙ୍କୁ ଭୋଟ ଦୋ......
ଡାମରା କଉରେ ଡାମରା କାଉ
ଭୋଟ ଦେଲା ବେଳେ ନହଉ ସଜାଗ
ଭୋଟ ସରିଲେ ପସ୍ତାଉ ଥାଉ

ପଇଡ଼ ବଡ଼ ମଧୁର
ଏଇ ନେତା ଗଣ ବଡ଼ ଚତୁର
ପ୍ରସ୍ତୁତ ରୁହ ହେ ଅଲାଜୁକି ଜନତା
ନିର୍ବାଚନ ସରିଲେ ଶୁଣିବ
ଏ କଥାନି ସରିଲା,
ପାଞ୍ଚ ବର୍ଷ ଯାଏଁ ସବୁ ପ୍ରତିଶ୍ରୁତି ମରିଲା
ଧୋ ରେ ବାଇଆ ଧୋ
ଟଙ୍କିକିଆ ଚାଉଳ ଖାଇ
ପାଞ୍ଚ ବର୍ଷ ଯାଏ ଶୋ.....

♥ ମୋ -୮୦୧୮୮୦୭୧୫୩

## ଋତୁରାଜର ଆଗମନେ
### ଜୟଶ୍ରୀ ପଟ୍ଟନାୟକ



ତୁମ ଆଗମନରେ ଧରଣୀଟା ଦିଶୁଛି ବର୍ଣ୍ଣାଢ଼୍ୟ
କୋକିଳ କଣ୍ଠେ ସ୍ୱାଗତ ସଙ୍ଗୀତ
ଦକ୍ଷିଣା ମଳୟ ବହିଲେ ଶୁଭୁଥାଏ
ବାଉଁଶବଣରୁ ସାହାନାଇ
ନବ କିଶଳୟ ପାଲଟିଛନ୍ତି ବିଚିତ୍ରବର୍ଣ୍ଣା
ସବୁଜିମାର ରୂପରେଖ ଆଙ୍କି ହୋଇପଡିଛି
ପ୍ରକୃତିର ରଙ୍ଗତୂଳୀରେ
ଫୁଲେ ଫୁଲେ ବସନ୍ତର ସମ୍ଭାର,
ନବପଲ୍ଲବିତ ତରୁଗଣ
ପଳାଶ, କୃଷ୍ଣଚୂଡା ଓଠରେ
ଲେସି ହୋଇଯାଇଛି ଲାଲିମା
ପ୍ରକୃତିର ଶ୍ୟାମଳ ପଣତରେ ମହକି ଉଠୁଛି
ନିମ୍ବ, ଅଶୋକ, ଚମ୍ପା,
କାଂଚନ ଫୁଲଙ୍କର ହାଟ
ମଦମତ ଭ୍ରମରର ମୃଦୁଗୁଞ୍ଜନ
ଶୁଭିଯାଏ ଧରଣୀର କୋଣ ଅନୁକୋଣ
ମନ୍ଦ ମଳୟରୁ ଭାସିଆସେ
ବଉଳର ଭୁରୁ ଭୁରୁ ବାସ୍ନା
ପ୍ରଜାପତି ଆଉ ହଳଦୀବସନ୍ତ ଡେଣାରେ
ଫଗୁଣର ନବ ଉନ୍ମାଦନା
ଧରାପୃଷ୍ଠରେ ଏବେ ସୌନ୍ଦର୍ଯ୍ୟର ଅପୂର୍ବ ଲହରୀ
ସାତରଙ୍ଗ ଅବିରରେ
ସଜେଇ ହେଉଥାଏ ବୃନ୍ଦାବନ
ଅଜଣା ଶିହରଣରେ ଭରିଯାଏ
ଗୋପାଙ୍ଗନା ମନ
ବସନ୍ତୋତ୍ସବ ପାଇଁ ମଗ୍ନ ଶିରିକ୍ଷେତ୍ର
ପ୍ରତୀକ୍ଷାରେ ଦୋଳବିମାନର ମହାମେଳନ
ସବୁକିଛି ତ ଘଟେ ଋତୁରାଜର
ଆଦ୍ୟ ଆଗମନେ
ସେ ଆସିଲେ ଭରିଯାଏ ମନତନ୍ତ୍ରୀରେ
ନୂଆ ଶିହରଣ, ଅବ୍ୟକ୍ତ,
ଅପ୍ରକାଶ୍ୟ ଉନ୍ମାଦନା
ନୂଆ ଉତ୍ସାହ ଆଉ ନୂଆ କିଛି ପ୍ରେରଣା ।

♥ ଗଙ୍ଗନଗର, ଭୁବନେଶ୍ୱର,
(ମୋ)୭୯୭୮୧୧୦୪୭୪

## ଯେବେ ଭେଟିଥିଲି...
### ଅମ୍ବିକା ସ୍ୱାଇଁ



ମନେ ଅଛି ମୋର ସେଦିନର କଥା
ଦିନେ ଯାଇଥିଲି ତୁମ ନିକଟକୁ...
ତୁମକୁ ଭେଟିଥିଲି ତୁମ ଘରେ ନୁହଁ
ତୁମ ମାଉସୀର ଦାଣ୍ଡ ଅଗଣାରେ...!!

ଦୂରରୁ ତୁମକୁ ଦେଖି ବିସ୍ମିତ ହୋଇଥିଲି
ସତରେ ! କେତେ ସୁନ୍ଦର ଦିଶୁଥିଲ ତୁମେ
ସବୁଜ ଅତରରେ ମହକୁଥିଲା ତୁମ ଶରୀର
ଖଣ୍ଡେ ଦୂରରୁ
ବାସ୍ନାୟିତ ହେଉଥିଲା ଚର୍ତୁପାର୍ଶ୍ୱ !!
ବିକଳରେ ତୁମ ପାଖକୁ ଦୌଡ଼ି ଯାଇଥିଲି
ଜୋରରେ ତୁମକୁ ଜାବୁଡ଼ି ଧରିଥିଲି....

ମୋ'ହୃଦୟରେ ସ୍ପନ୍ଦନ ସୃଷ୍ଟି ହେଉଥିଲା
ଭାବାବେଗର ଛଳ ଛଳ ଅଶ୍ରୁଧାର
ତୁମ ଶରୀରକୁ ଭିଜାଉଥିଲା
ମୁଁ ଆବେଗରେ ଆନନ୍ଦିତ ହେଉଥିଲି
ଜୀବନର ସବୁ ଦୁଃଖ ଯନ୍ତ୍ରଣାକୁ
କ୍ଷଣକରେ ପାସୋରି ଯାଇଥିଲି ।

ତୁମେ କିନ୍ତୁ ସେମିତି ଶବ୍ଦହୀନ ନିରବ ଥିଲ
ନା ମୋତେ ପଦୁଟିଏ କହିଥିଲ
ନା ମୋତେ ସ୍ନେହରେ କୋଳେଇ ନେଇଥିଲ ?
ମୁଁ କିନ୍ତୁ ତୁମ କୋଳର
ନିବିଡ଼ତାକୁ ଖୁବ ଅନୁଭବ କରୁଥିଲି
ତୁମକୁ ଆବେଗରେ ଜାବୁଡି ଧରିଥିଲି
କୋଟିଜନ୍ମର ପୁଣ୍ୟଫଳରେ ଏମିତି
ସୁଯୋଗଟିଏ ଆସେ ବୋଲି
ନିଜକୁ ଧନ୍ୟ ମଣିଥିଲି, କୃତକୃତ୍ୟ ହୋଇଥିଲି ।

ତା' ପରଠୁ ଆଜିଯାଏ ଅନେକ ବାର୍ ଯାଇଛି
ତୁମକୁ ଦେଖା କରିବାକୁ
ଖୁବ୍ ନିକଟରୁ ଦେଖେ
ତୁମ ଆଖିରେ ମୋ ଆଖି ମିଶାଏ
ବ୍ୟାକୁଳତା ପଣରେ ତୁମକୁ ଚାହିଁରହେ
କେତେ ମନର କଥା କହିବାକୁ ଭାବେ

କିନ୍ତୁ କହିପାରେନି, କେବଳ ତୁମର
ଦର୍ଶନରେ ହିଁ ବିଭୋର ହୋଇଯାଏ
ଆତ୍ମିକ ତୃପ୍ତି ପାଏ
ସେହି ମୁହୂର୍ତ୍ତରେ ମୁଁ ଦୁନିଆର ସବୁ ଦୁଃଖକୁ
ଭୁଲିଯାଏ....!!

ଏବେ ତୁମେ କେଉଁଠି ଲୁଚି ରହିଛ ଯେ
ତୁମର ଆଉ ଦେଖା ବି ମିଳୁନି....

ବର୍ତ୍ତମାନ ସମୟର ସନ୍ଧିକ୍ଷଣରେ
ସାରା ପୃଥିବୀର ଘରେ ପଡିଛି ତାଲା
ତୁମ ଘରେ ବି ପଡିଛି ତାଲା....
ତୁମେ ବା ଦେଖା ଦିଅନ୍ତ କିପରି..?
ତୁମେ ସିନା କାହାକୁ ଦେଖା ଦେଉନା
ହେଲେ ତୁମ ସୁନ୍ଦର ଚକା ଚକା ଆଖିରେ
ଦେଖି ପାରୁଛ ସାରା ବିଶ୍ୱ ବ୍ରହ୍ମାଣ୍ଡଙ୍କୁ
ଭଲମନ୍ଦ ପାପ ପୁଣ୍ୟର ନିକିତିରେ
ତଉଲୁଚ ସାରା ସଂସାରକୁ....
ତୁମେ ଉପରେ ଅଭିମାନ କରି
ଲାଭ କ'ଣ ଯେ...!!

♥ ଭୁବନେଶ୍ୱର
(ମୋ)୯୭୭୭୫୯୯୬୯୫

## ମୁଖା
### ଗୌରୀ ମେହେର



ଏଇ ଜଗତରେ କାହାକୁ କରିବି ବିଶ୍ୱାସ,
ସଭିଏଁ ତ ଅଛନ୍ତି ମୁଖାରେ!!!
ଅସଲି ଚେହେରା ଆଉ ଦିଶୁନାହିଁ,
ଜୀବନ ଛନ୍ଦି ହୁଏ ଧୋକାରେ ।

ମିଠା ମିଠା କଥା ନିଶ୍ଚେ କହୁଥିବେ,
ହେଲେ ଅନ୍ତରୁ କରୁଥିବେ କୋପ!!!
ଭାବୁଥିବ ତୁମେ ହଁ ଇଏ ଭଲ ଲୋକ,
ହେଲେ ଲୁଟିନେବେ ସର୍ବସ୍ୱ ।

ସାହାଯ୍ୟ କରୁଛି ବୋଲି, ବିଶ୍ୱାସ ଯୋଗେଇ
କ୍ଷଣେ ହୁଅନ୍ତି ଯେ ଛନଛନ!!!
ଦରକାର ବେଳେ ଆଉ ପାଖ ମାଡିବେନି
କାହିଁ ହୋଇଯିବେ ଅନ୍ତର୍ଦ୍ଧାନ ।

ମୁଖା ପିନ୍ଧା ଏଇ ମାନବ ସମାଜକୁ
ଆଉ କରିହେଉନି ଭରଷା!!!
ନଇଁ ପଡିଥିଲେ ବିଧାଏ ମାରିବେ,
ତାଙ୍କୁ ଚିନ୍ତା ଖାଲି ନିଜ କଥା ।

କିଏ ସାଧୁ ମୁଖା, କିଏ ଭଦ୍ର ମୁଖା,
କିଏ ସତ୍ୟବାଦୀ ମୁଖା ପିନ୍ଧି!!!
କାର୍ଯ୍ୟ ନିବାରନ୍ତି, ଧନର ଲାଳସେ,
ଅନ୍ୟକୁ ଦେଇଥାନ୍ତି ଦୁଃଖ ଲଦି ।

ସେଇ ମୁଖା ତଳେ ଲୁଚିରହିଥାଏ,
ରାକ୍ଷସତା, କପଟତା!!!
ଅସଲି ଚେହେରା ମୁଖା ରେ ଘୋଡେଇ,
କେତେ ରଚିଥାନ୍ତି ବର୍ବରତା ।

ମୁଖା ପିନ୍ଧା ସେଇ ମାୟାବି ମାନବେ
ଯେ କରେ ଭାବ ବିଶ୍ୱାସ!!!!
ଦୁଃଖର ବହ୍ନିରେ ଜଳି ଜଳି ସିନା
ଜୀବନ ହୁଅଇ ଯେ ଅସ୍ତବ୍ୟସ୍ତ ।

♥ ଗମ୍ଭାରୀଗୁଡା, ନୂଆପଡା

## ସେହି ନାରୀ
### ଜନ୍ମଜୟ ନାୟକ

ନାମ ସିନା ତା' ଦୁହିତା ଦୁଇକୁଳକୁ ସେ ହିତା
ଧରାରେ ଜନମ ଲଭେ ସହିବା ପାଇଁ ,
ବାପାଙ୍କର ଅଲିଅଳି ଭାଇ ସାଥେ କରେ କଳି
କିଛି ନ ପାଶୋରି ଯାଏ ଏରୁଣ୍ଡି ଡେଇଁ,
କାହାର ସେ ଅରି ନୁହଁଇ
ମମତାମୟୀ ମାଆ ସେ ସେନେହମୟୀ ।

ଦେବୀ ମମତା ମନ୍ଦିରେ ଲୁହ ପୋଛେ ପଣତରେ
ଦୁନିଆରେ କେହି ବି ନୁହଁଇ ତା' ସମ,
ଲୁଚାଇ କୋହକୁ ହୃଦେ
ସେନେହ ଡୋରିରେ ବାନ୍ଧେ
ପରକୁ ଆପଣାର କରିବା ତା' କାମ,
ନିଜ ଖୁସିକୁ ଭୁଲିଥାଇ
ବାଣ୍ଟି ଚାଲିଥାଏ ପ୍ରେମ ସନ୍ତାନ ପାଇଁ ।

କେବେ ସେ ଦ୍ରୌପଦୀ ସାଜି
ସଭାସ୍ଥଳେ ଲାଗେ ବାଜି
ସମ୍ପର୍କ ପଶାପାଲିରେ ହୁଏ ନିଲାମ,
କେବେ ସେ ସୀତା ସାଜଇ ଅଗ୍ନିପରୀକ୍ଷା ଦିଅଇ
ସତୀତ୍ୱ ତା' ହୁଅଇ କେବେ ବଦନାମ ,
ସବୁ ସହେ ସେ ସର୍ବଂସହା
ଅପନିନ୍ଦାର ମୁକୁଟ ପିନ୍ଧଇ ଯାହା ।

କେବେ ପାଏ ନିର୍ଯ୍ୟାତନା
କେବେ ପାଏ ପ୍ରତାରଣା
ଛଳନା ଛୁରୀକାଘାତେ କ୍ଷତାକ୍ତ ମନ ,
କେବେ ହୁଏ ସେ ଲୁଣ୍ଠିତା କେବେ ହୁଏ ଅପହୃତା
ନାରୀ ମାଂସଲୋଭୀ ହଜାଏ ତା' ସପନ,
କେବେ ଦଶଭୂଜା ସାଜଇ
ପାପୀ ମହିଷାସୁରକୁ ବଧିବା ପାଇଁ ।

♥ ଗଣିତ ଶିକ୍ଷକ
ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ମୋ: ୯୩୩୭୮୦୦୫୬୫

## ପରାଜିତ ନାୟକ
### ଦିବାକର ନାୟକ



ତୁମ ପୃଥିବୀରେ ସବୁଜିମା ହସେ
ମୋ' ପୃଥିବୀରେ ହାହାକାର
ଆହୁରି ସେ ହସୁ ଏତିକି କାମନା
ପରାଜିତ ଜଣେ ନାୟକର ।

ଜୀବନେ ଆସିନି ମଧୁରାତି ସିନା
ମଞ୍ଚରେ କରିଛି ଅଭିନୟ
ଦେଖଣାହାରୀଙ୍କୁ ଶିହରିତ କରି
ନୀରବେ ବରିଛି ପରାଜୟ ।

ତୁମ ଆକାଶର ସେପଟେ ପୂନେଇଁ
ଏପଟେ ମୋ ଅମା ଅନ୍ଧକାର..
ତୁମ ପୃଥିବୀରେ ସବୁଜିମା ହସେ
ମୋ' ପୃଥିବୀରେ ହାହାକାର ।

ଜାଣି ନ ଥିଲି ମୁଁ ଝରା ଶେଫାଳୀର
ଆୟୁଷ ପରିକା ଚୋରା ପ୍ରୀତି
ମୋ ହୃଦୟରେ ଜୁଇ ନିତି ଜାଳେ
ତୁମ ଚଉରାର ସଞ୍ଜବତୀ ।

ନୀଳ ଆଲୋକର ପଲଙ୍କରେ ତୁମେ
ସ୍ମୃତି-ସହରେ ମୁଁ ଉଜାଗର..
ତୁମ ପୃଥିବୀରେ ସବୁଜିମା ହସେ
ମୋ' ପୃଥିବୀରେ ହାହାକାର ।

♥ ପାଟପୁର, କନିସି-୭୬୧ ୦୦୮
ଗୋଳନ୍ଥା, ଗଞ୍ଜାମ
(ମୋ)୯୯୩୮୬୧୯୯୮୧

## ହାଉଲେ ପାଖକୁ ଆସ
### ତାରାପ୍ରସାଦ ଜେନା



ଖୁରୁ ଖୁରୁ କରି ପାଉଁଜି ବଜେଇ
ହାଉଲେ ପାଖକୁ ଆସ
ସୁରୁ ସୁରୁ କରି ଗୀତକୁ ମଜେଇ
ହାଉଲେ ପାଖକୁ ଆସ ।

ଭୁରୁ ଭୁରୁ କରି ଫୁଲକୁ ସଜେଇ
ଆଉଜି କାନ୍ଧକୁ ମିଶ
କୁରୁ କୁରୁ କରି ହସକୁ ଲାଜେଇ
ହାଉଲେ ପାଖକୁ ଆସ ।

ଥୁରୁ ଥୁରୁ କରି ଶୀତକୁ ହଟେଇ
ଜାବୁଡ଼ି ଟିକିଏ ବସ
ଗାରୁ ଗାରୁ କରି ମାନକୁ ତୁଟେଇ
ହାଉଲେ ପାଖକୁ ଆସ ।

ଫୁରୁ ଫୁରୁ କରି କାନିକୁ ଉଡ଼େଇ
ତେରିଛି ଯାଅନା ବେଶ
ଘୂରୁ ଘୂରୁ କରି ମନକୁ ବୁଝେଇ
ହାଉଲେ ପାଖକୁ ଆସ ।

ଦୂରୁ ଦୂରୁ କରି 'ତାରା'କୁ ଭୁଲେଇ
ମିଛରେ ଦିଅନା ଦୋଷ
ଗୁରୁ ଗୁରୁ କରି ପ୍ରେମକୁ ଗେଲେଇ
ହାଉଲେ ପାଖକୁ ଆସ ।

♥ ସା- ରଣପୁର (ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର, ଜିଲ୍ଲା- ନୟାଗଡ଼,
ପିନ୍- ୭୫୨୦୨୬
(ମୋ)୯୩୪୮୦୫୪୩୦୦

## ଏମିତି ଋତୁ
### ଅନ୍ତର୍ଯାମୀ ମହାରଣା

ଏଇ ସେହି ଛକ !
ହଁ, ଏଇଠୁ ହିଁ ବଦଳିଯାଇଥିଲା
ମୋ ଜୀବନର ଗତିଚିତ୍ର ।
ମୋ ଆକାଶରେ ଜହ୍ନ ଉଠିଥିଲା;
ପୁନ୍ନେଇ ଜହ୍ନ....
ଆଉ, ସମୁଦ୍ରରେ ଖୁବ ବଡ଼ ଲଘୁଚାପ।
ଗୋଟିଏ ପଟେ ଅନ୍ଧାରର ରାଜୁତି ତ
ଆର ପଟେ ଆଲୁଅର ବର୍ଣ୍ଣିଳ ଉତ୍ସବ।
ହଁ, ଏଇଠୁଁ ତ ମୁଁ
ନାରାୟଣରୁ ନାରାୟଣୀ ହେଉଥିଲି
କୃଷ୍ଣ ଯେମିତି ରାଧା ହେଉଥିଲେ ଧୀରେ ଧୀରେ।

ଏଣିକି ମୁଁ ଥିଲି କେବେ କେବେ ସପ୍ତମ ଋତୁରେ
କେବେ କେବେ ସପ୍ତମ ସ୍ୱର୍ଗରେ।

ତୁ ମୋର ବାନ୍ଧବୀ
ତୁ ମୋର ପ୍ରେମିକା
.........କଣ ଥିଲୁ ଜାଣେନି;
କିନ୍ତୁ ତୋ ଆସିବାରେ
ବଦଳିଥିଲା ମୋ ଋତୁ
ଥୁଣ୍ଟା ଗଛରେ ପତ୍ର ଆସିଥିଲା
ମୋ ଗାଁ ଝଲିଆ ନଈ
ଫୁଲେଇ ଝିଅ ପରି ଗୀତ ଗାଉଥିଲା
ମୋ ପାଦ ତଳର ମାଟି ମୋତେ
ଈଶ୍ୱର ମନେ ହେଉଥିଲା।

ଏଇ ସେହି ଛକ
ଏଇଠୁଁ ହିଁ ଖୋଜିଥିଲି ତୋତେ,
ଆଉ ଅଜଣା ଈଶ୍ୱରକୁ।

ଏଣିକି ମନ୍ଦିର ଯାଉନଥିଲି
ନିଜେ ପାଲଟିଥିଲି ଗୋଟେ ମନ୍ଦିର
ମେଳା ଓ ଯାତ୍ରା ଯାଉନଥିଲି
ମୁଁ ନିଜେ ପାଲଟିଥିଲି ଗୋଟେ ବାଲିଯାତ୍ରା ।

ହଁ, ଏହି ସେହି ଛକ
ଯେଉଁଠୁ ତୁ ଚାଲିଗଲୁ ତୋ ରାସ୍ତାରେ
ଆଉ ମୁଁ ଫେରିଆସିଲି
ସ୍ମୃତିର ପାଉଁଶ ବୋଲି
ଭୋଳାନାଥ ପରି ଏକା ଏକା
ସଂସାରୀ ହେଲି
ବୈରାଗୀ ବି ହେଲି
ସଂସାରର ବିଷ ପି ପି
ମୁଁ ଆଜି ନୀଳକଣ୍ଠ ।

♥ ସାନକୃଷ୍ଣପୁର, ବାସୁଦେବପୁର,
ଭଦ୍ରକ-୭୫୬୧୨୫
(ମୋ) ୭୦୦୮୨୮୧୯୫୫

# ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ୨୨ରୁ ୨୮ ଯାଏଁ ବିଜ୍ଞାନ ସର୍ବତ୍ର ପୂଜ୍ୟତେ ଅଭିଯାନ

ଭୁବନେଶ୍ୱର,୨୧/୨ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ 'ଆଜାଦୀ କା ଅମୃତ ମହୋତ୍ସବ' ଅନ୍ତର୍ଭୁକ୍ତ 'ବିଜ୍ଞାନ ସର୍ବତ୍ର ପୂଜ୍ୟତେ' ଅଭିଯାନ ସାରା ଦେଶର ୭୫ଟି ସ୍ଥାନରେ ପାଳିତ ହେଉଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ମଧ୍ୟ ଚଳିତ ମାସ ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ପାଳିତ ହେବ । ଏହି ଅବସରରେ ବିଜ୍ଞାନ ଓ କାରିଗରୀ ବିଭାଗ, ଓଡ଼ିଶା ବିଜ୍ଞାନ ଏକାଡେମୀ, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର, ଆଂଚଳିକ ବିଜ୍ଞାନ କେନ୍ଦ୍ର ଓ 'କିଟ୍'ର ମିଳିତ ଆନୁକୂଲ୍ୟରେ ବହୁବିଧ କାର୍ଯ୍ୟକ୍ରମର ସଂରଚନା ଆୟୋଜିତ ହୋଇଛି । କାର୍ଯ୍ୟକ୍ରମମାନଙ୍କରେ ବିଶ୍ୱ ପ୍ରସିଦ୍ଧ ଗବେଷକ, ବିଜ୍ଞାନୀ, ଉଦ୍ୟୋଗୀ ଓ ଚିନ୍ତାନାୟକମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ବକ୍ତୃତା, ଦଳଗତ ଆଲୋଚନା, ପ୍ରଦର୍ଶନ ଇତ୍ୟାଦିରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଓ କାରିଗରୀ ଶିକ୍ଷଣ ବାବଦରେ ସାମାଜିକ ଓ ଶୈକ୍ଷିକ ବିକାଶକୁ ଦୃଷ୍ଟିରେ ରଖି ମତବିନିମୟ, ପ୍ରକଳ୍ପ ପ୍ରଦର୍ଶନ ଓ ଅଭିନବ ଚିନ୍ତାଧାରା ସଂପର୍କିତ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗଦେବା ପାଇଁ ବୃହତର ସୁଯୋଗ ପ୍ରଦାନର ବ୍ୟବସ୍ଥା ରହିଛି । ରାଜ୍ୟରେ ସପ୍ତାହବ୍ୟାପୀ ପାଳିତ ହେବାକୁ ଯାଉଥିବା 'ବିଜ୍ଞାନ ସର୍ବତ୍ର ପୂଜ୍ୟତେ' ଅଭିଯାନ କ୍ରମରେ ଆଇଟିଆର ,ଡିଆରଡିଓ, ଇସ୍‌ରୋ ଓ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଂଟର ତଥା ନ୍ୟାସନାଲ୍ ଇନୋଭେସନ୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ ବିଭିନ୍ନ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ଭ୍ରାମ୍ୟମାଣ ବସ୍ ରେ ପ୍ରଦର୍ଶନୀ 'ସ୍ପେସ୍ ଅନ୍ ହୁଇଲସ୍'ମାଧ୍ୟମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମହାକାଶ ଗବେଷଣା ଉପରେ ସଫଳ କାହାଣୀ ଉପସ୍ଥାପିତ ହେବ । ଏଥିରେ ଇସ୍‌ରୋ ଦ୍ୱାରା ଉତ୍‌କ୍ଷେପିତ ବିଭିନ୍ନ ଯାନ, ମହାକାଶଯାନ ତଥା ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ, ଫଳରେ ଛାତ୍ରଛାତ୍ରୀମାନେ ନୂତନ ଜ୍ଞାନକୌଶଳ ଏବଂ ବୈଜ୍ଞାନିକ ଭାବଧାରାର ସୁଯୋଗ ଆହରଣ କରିପାରିବେ । ଏହା ବ୍ୟତୀତ ବାୟୋମଲିକୁଲାର ଓ ଏମ୍ବ୍ରିଓ ଉପରେ ପରୀକ୍ଷାମୂଳକ ଶିକ୍ଷଣ କେନ୍ଦ୍ରର ଯୋଜନା ରହିଛି । ଏହିସବୁ କାର୍ଯ୍ୟକ୍ରମ ଚଳିତ ମାସ ୨୨ ତାରିଖ ଅପରାହ୍ନଅରୁ ୨୮ ତାରିଖ ପୂର୍ବାହ୍ନ ପର୍ଯ୍ୟନ୍ତ 'କିଟ୍ ଇଂଟରନ୍ୟାସନାଲ୍ ସ୍କୁଲ' ପରିସରରେ ଅନୁଷ୍ଠିତ ହେବ । ସପ୍ତାହବ୍ୟାପୀ ଅଭିଯାନରେ ପ୍ରସିଦ୍ଧ ବ୍ୟକ୍ତିତ୍ୱମାନଙ୍କର ବିଜ୍ଞାନ ଓ କାରିଗରୀ ସଂପର୍କିତ ବକ୍ତବ୍ୟ ଶୁଣିବା ସହିତ ପ୍ରଦର୍ଶନୀ ଉପଭୋଗ କରିବା ନିମନ୍ତେ ବିଦ୍ୟାର୍ଥୀମାନଙ୍କୁ ସୁଯୋଗ ମିଳିବ । ରାଜ୍ୟରେ ବିଜ୍ଞାନ ଶିକ୍ଷାର ଲୋକପ୍ରିୟତା ଓ ମହତ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀମାନେ ଏସବୁ କାର୍ଯ୍ୟକ୍ରମରେ ବ୍ୟାପକ ଭାବରେ ଅଂଶଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ଏହା ଫଳରେ ବିଜ୍ଞାନ ଓ କାରିଗରୀ ବିଭାଗରେ ସଂଘଟିତ ବ୍ୟାପକ ସମୃଦ୍ଧିର ଚିତ୍ର ଉପଲବ୍ଧ ହୋଇପାରିବ ବୋଲି କୁହାଯାଇଛି ।

# ଅସରାଏ ବର୍ଷାରେ ବେହାଲ : ରାସ୍ତାରେ ବନ୍ୟା

ଭୁବନେଶ୍ୱର,୨୧/୨ (ନି.ପ୍ର): ଆଜି ଅପରାହ୍‌ଣରେ ରାଜଧାନୀରେ ସୃଷ୍ଟି ହେଲା ଅଭାବନୀୟ ପରିସ୍ଥିତି । ଅଦିନିଆ ଅସରାଏ ବର୍ଷାରେ ଆଜି ଉବୁଟୁବୁ ହୋଇଗଲା ସ୍ମାର୍ଟସିଟି । ମାତ୍ର ୨୦ ମିନିଟ୍ ଅବଧି ଭିତରେ ହୋଇଥିବା ୩୨.୨ ମିମି ବର୍ଷାରେ ରାଜଧାନୀରେ ସୃଷ୍ଟି ହେଲା କୃତ୍ରିମ ବନ୍ୟା । ଖାଲୁଆ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯିବା ବେଳେ ରାସ୍ତାରେ ସୁଅ ଛୁଟିଲା । ରାସ୍ତା ଉପରେ ଜମି ରହିଥିବା ପାଣିରେ ଗାଡ଼ିମୋଟର ଫସି ଅଟକି ରହିଥିଲା । ସବୁଥର ଭଳି ନୂଆପଲ୍ଲୀ ଇସ୍କନ ମନ୍ଦିର ସାମ୍ନାରେ ଆଜି ବୃହତ୍ ଜଳାଶୟର ଭ୍ରମ ସୃଷ୍ଟି ହୋଇଥିଲା । ତେବେ ଅଚାନକ ଏହି ପରିସ୍ଥିତି ପାଇଁ ଆଦୌ ପ୍ରସ୍ତୁତ ନଥିବା ବିଏମ୍‌ସି ବାଧ୍ୟ ହୋଇ ହାତ ଟେକି ଦେଇଥିଲା ଓ ରାଜଧାନୀବାସୀ ବହୁ ହନ୍ତସନ୍ତ ହୋଇଥିଲେ । କିନ୍ତୁ ଆଜିର ସମସ୍ୟା ଆଗାମୀ ବର୍ଷା ଋତୁ ପାଇଁ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଚେତାଇ ଦେଇଛି ବୋଲି ଚର୍ଚ୍ଚା ହେଉଛି ।

ପାଣିପାଗ ସୂଚନାନୁସାରେ ଆଜି ରାଜଧାନୀରେ ଖୁବ୍ କମ୍ ପରିମାଣର ବର୍ଷା ହେବାର ସମ୍ଭାବନା ଥିଲା । ଦିନ ସାରା ପାଗ ବି ମେଘୁଆ ରହିଥିଲା । ହଠାତ୍ ଅପରାହ୍‌ଣରେ ରାଜଧାନୀ ଆକାଶରେ କଳାହାଣ୍ଡିଆ ମେଘ ଘୋଟିଗଲା । ବିଜୁଳି, ଘଡ଼ଘଡ଼ି ନଥିଲା, କିନ୍ତୁ ବର୍ଷା ଦିନ ଭଳି ଗାଳିଲା । ମାତ୍ର ୨୦ ମିନିଟ୍‌ରେ ୩୨ ମିମିରୁ ଅଧିକ ବର୍ଷା ହେଲା । ଅପ୍ରସ୍ତୁତ ଥିବା ରାଜଧାନୀବାସୀ ବର୍ଷାର ଅତର୍କିତ ତାଣ୍ଡବର ମୁକାବିଲା କରିପାରି ନଥିଲେ । ରାସ୍ତାଘାଟରେ ସମସ୍ତେ ଭିଜିଲେ । ବର୍ଷାରୁ ବର୍ତ୍ତିବା ପାଇଁ ନିରାପଦ ସ୍ଥାନରେ ମୁଣ୍ଡ ଗୁଞ୍ଜିବାକୁ ଲୋକେ ଧାଁ ଧଉଡ଼ କଲେ । ବହୁ ମହିଳା ଓଦା ହୋଇ ବସ୍ ଓ ଅଟୋରେ ଯାତ୍ରା କରିବାକୁ ବାଧ୍ୟ ହେଲେ । ବାଇକ୍ ଆରୋହୀମାନେ ପୂରା ଓଦା ହେଲେ । ଅନେକ ରାସ୍ତାରେ କୃତ୍ରିମ ବନ୍ୟା ଗାଡ଼ି ଚାଳକମାନଙ୍କୁ ସମସ୍ୟାରେ ପକାଇଲା । ଇସ୍କନ ମନ୍ଦିର ସାମ୍ନାରେ ପୁଣି ଜଳଭଣ୍ଡାର ସୃଷ୍ଟି ହେଲା ଓ ବସ୍, କାର, ବାଇକ୍ ଆଦି ବୁଡ଼ିଲା ।

ସବୁଠୁ ବେଶି ପ୍ରଭାବିତ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଲୋକେ । ଏଠାରେ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଗଲା । ଟଙ୍କପାଣି ରୋଡ୍‌ରେ ଆଣ୍ଠୁଏ ଉଚ୍ଚାର ପାଣି ଜମି ରହିଲା । ଇଏ କଲୋନିରେ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଘରେ ପାଣି ପଶି ଯାଇଥିଲା । ମେଘେଶ୍ୱର କଲୋନିରେ ୪୦ ଲୋକଙ୍କ ଘରେ ମଧ୍ୟ ପାଣି ପଶି ଯାଇଥିଲା । ନର୍ଦ୍ଦମାର ମଇଳା ପାଣି ଘରେ ପଶିଯିବାରୁ ଲୋକେ ବଡ଼ କଲବଲ ହୋଇଥିଲେ । ବର୍ଷା ଛାଡ଼ିବା ପରେ ଘରୁ ମଇଳା ପାଣି ବାହାର କରିବାକୁ ନେଇ ଲୋକେ ବହୁ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ।

ରାଜଧାନୀରେ ଏହି ଜଳଯନ୍ତ୍ରଣା ନୂଆ ନୁହେଁ । କିନ୍ତୁ ଫଗୁଣ ମାସରେ ଏମିତି ଅନୁଭୂତି ପୂରା ନୂଆ ଥିଲା । ଅଦିନିଆ ଅସରାଏ ବର୍ଷାରେ ରାଜଧାନୀ ଏମିତି ଉବୁଟୁବୁ ହୋଇଯିବ ବୋଲି କେହି ଭାବି ନଥିଲେ । ମାତ୍ର ଆଜିର ପରିସ୍ଥିତି ରାଜଧାନୀବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ବିଏମ୍‌ସି କେବେ ଏହି ଜଳ ଯନ୍ତ୍ରଣାରୁ ମୁକ୍ତି ଦେବ ବୋଲି ଆଜି ରାଜଧାନୀର ସବୁଆଡ଼େ ଚର୍ଚ୍ଚା ହୋଇଛି ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୩୮୮ କରୋନା ପଜିଟିଭ ଚିହ୍ନଟ: ୮୬ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୨୧/୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩୮୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୨୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୬୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୮୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୩ ଜଣ, ବାଲେଶ୍ୱରରୁ ୧୧ ଜଣ, ବରଗଡ଼ରୁ ୯ ଜଣ, ଭଦ୍ରକରୁ ୫ ଜଣ, ବଲାଙ୍ଗୀରରୁ ୭ ଜଣ, ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୨୧ ଜଣ, ଦେବଗଡ଼ରୁ ୫ ଜଣ, ଢେଙ୍କାନାଳରୁ ୧୧ ଜଣ, ଗଜପତିରୁ ୩୦, ଗଞ୍ଜାମରୁ ୭ ଜଣ, ଜଗତସିଂହପୁରରୁ ୭ ଜଣ, ଯାଜପୁରରୁ ୨୩ ଜଣ, ଝାରସୁଗୁଡ଼ାରୁ ୧୩ ଜଣ, କଳାହାଣ୍ଡିରୁ ୩ ଜଣ, କନ୍ଧମାଳରୁ ୪ ଜଣ, କେନ୍ଦ୍ରାପଡ଼ାରୁ ୧୫ ଜଣ, କେଉଁଝରରୁ ୮ ଜଣ, ଖୋର୍ଦ୍ଧାରୁ ୫୩ ଜଣ, କୋରାପୁଟରୁ ୧୨ ଜଣ, ମାଲକାନଗିରିରୁ ୩ ଜଣ, ମୟୁରଭଞ୍ଜରୁ ୨୦ ଜଣ, ନବରଙ୍ଗପୁରରୁ ୮, ନୟାଗଡ଼ରୁ ୧୩ ଜଣ, ନୂଆପଡ଼ାରୁ ୮ ଜଣ, ପୁରୀରୁ ୩ ଜଣ, ରାୟଗଡ଼ାରୁ ୨୦ ଜଣ, ସମ୍ବଲପୁରରୁ ୨୪ ଜଣ, ସୁନ୍ଦରଗଡ଼ରୁ ୧୬ ଜଣ ଓ ଷ୍ଟେଟ ପୁଲରୁ ୧୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୨,୮୬୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨,୬୮, ୧୫୮ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୫,୬୩୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ସାମ୍ବାଦିକଙ୍କୁ ଆକ୍ରମଣ କରିଥିବା ଅପରାଧି ବିରୁଦ୍ଧରେ ଏନଏସଏ ଲଗାଯାଉ : କଂଗ୍ରେସ

ଭୁବନେଶ୍ୱର,୨୧/୨ (ନି.ପ୍ର): ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅପରାଧ ପୃଷ୍ଠଭୂମି ଥିବା ଅପରାଧି ମାନଙ୍କୁ ପୋଲିସ ଆଗୁଆ ଗିରଫ କରି ହାଜତରେ ରଖିବା ଆବଶ୍ୟକ । କିନ୍ତୁ ବିଭିନ୍ନ ମାମଲା ଥିବା, ୱାରେଂଟ ଥିବା, ବିଗତ ନିର୍ବାଚନ ଗୁଡ଼ିକରେ ବୁଥ ରିଗିଂ କରିଥିବା ଓ ଶାନ୍ତିଭଙ୍ଗ କରିବାର ଆଶଙ୍କା କରିବାର ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ପୋଲିସ ପ୍ରତିଷେଧକ କାର୍ଯ୍ୟାନୁଷ୍ଠାନ ଭାବେ ଆଗୁଆ ହାଜତକୁ ନେଉ ନାହିଁ ତେଣୁ ରାଜ୍ୟରେ ଚଳିତ ପଂଚାୟତ ନିର୍ବାଚନରେ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଛି କଂଗ୍ରେସ । ଆଜି କଂଗ୍ରେସ ନିର୍ବାଚନ ଗଣମାଧ୍ୟମ ମୁଖ୍ୟ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କ ପାଖରେ ଫେରାଦ ହୋଇ ପୋଲିସକୁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି ।

କଂଗ୍ରେସ ଦଳ ତରଫରୁ ଶ୍ରୀ ମହାପାତ୍ର କହିଲେ ଯେ, କଂଗ୍ରେସ ଦଳ ସବୁବେଳେ ଶାନ୍ତିପୂର୍ଣ୍ଣ ନିର୍ବାଚନ ଚାହେଁ । ସେଥିପାଇଁ ଆମେ ବହୁବାର କମିଶନଙ୍କ ପାଖରେ ବିଭିନ୍ନ ଘଟଣା ଉପସ୍ଥାପନା କରି ପୋଲିସକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲୁ । କମିଶନ ମଧ୍ୟ ରାଜ୍ୟ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କିନ୍ତୁ ସେହି ନିର୍ଦ୍ଦେଶ ତଳ ଭାଗରେ ଠିକ ଭାବରେ କାର୍ଯ୍ୟକାରି ହେଉନଥିବା ଯୋଗୁଁ ହିଂସାତ୍ମକ କାର୍ଯ୍ୟକଳାପ ରୋକାଯାଇ ପାରୁନାହିଁ । ଚଳିତ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟରୁ ଆଜି ପର୍ଯ୍ୟନ୍ତ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବର୍ବରୋଚିତ ଭାବେ ଆକ୍ରମଣ କରାଯାଉଛି, ଯାହା ସଂପୂର୍ଣ୍ଣ ନିନ୍ଦନୀୟ ଓ ସୁସ୍ଥ ଗଣତନ୍ତ୍ର ପରିପନ୍ଥି । ସାମ୍ବାଦିକୁ ଆକ୍ରମଣ ଘଟଣାରେ ସଶ୍ଳିଂଷ୍ଟ ଅପରାଧି ମାନଙ୍କ ଉପରେ କଡ଼ାକାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଆଜି ଯାଜପୁର ଜିଲ୍ଲାର ବିଂଝାରପୁର ବ୍ଲକରେ ହୋଇଥିବା ସାମ୍ବାଦିକ ମାନଙ୍କୁ ହତ୍ୟା ଉଦ୍ୟମ ଘଟଣା ଯୋଗୁଁ ଯାଜପୁର ଏସ୍‌ପିଙ୍କୁ ନିଲମ୍ବନ କିମ୍ବା ବଦଳି ଦାବି କରିଥିଲେ । ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର ସଦରବ୍ଲକ ପୂର୍ବତନ ଅଧ୍ୟକ୍ଷ ବାସୁଦେବ ପତି ବଲାଙ୍ଗିର ବିଧାୟକଙ୍କର ପ୍ରତିନିଧି ସରୋଜ ରଥଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିଦେବାର ଧମକ ଘଟଣା ପୋଲିସ କାର୍ଯ୍ୟାନୁଷ୍ଠାନ ନନେବା ଦୁର୍ଭାଗ୍ୟଜନକ । ଆସନ୍ତା ୨୨ ତାରିଖରେ ବଲାଙ୍ଗିର ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବରେ ମତଦାନ କରାଇବା ପାଇଁ ଶ୍ରୀ ପତି ସମେତ ବଲାଙ୍ଗିର ସହରର କିଛି ଅଭ୍ୟାସଗତ ଅପରାଧି ମାନଙ୍କୁ ପୋଲିସ ତୁରନ୍ତ ହେପାଜତକୁ ନେବାପାଇଁ ଦାବି କରିଥିଲେ ।

ପୁନଶ୍ଚ ବିଗତ ଦିନର ନିର୍ବାଚନ ଗୁଡ଼ିକରେ ବୁଥ ରିଗିଂ, ଜବରଦଖଲ, ମାଡ଼ପିଟ ଭଳି ଘଟଣା ଘଟିଥିବା ସମ୍ବେଦନଶୀଳ ଅଂଚଳ ଭାବେ ଚିହ୍ନିତ ବଲାଙ୍ଗିର ଜିଲ୍ଲାର ଦେଓଗାଁ ବ୍ଲକର ସାଲେପାଲି ଗ୍ରାମପଂଚାୟତ, ଯାଜପୁର ଜିଲ୍ଲା ବରୀ ବ୍ଲକର ବରୀ, ଅଲିପୁର, କଳାମାଟିଆ, ଗମ୍ଭ ଓ ସେରପୁର ଗ୍ରାମପଂଚାୟତ ଅଂଚଳରେ ମତଦାନ ବେଳେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ ।

## ମେରି ସଖୀ ହେଲ୍ପ ଡେସ୍କ ଉଦ୍‌ଘାଟିତ

ଭୁବନେଶ୍ୱର,୨୧/୨ (ନି.ପ୍ର): ସାମାଜିକ-ଆର୍ଥିକ କଲ୍ୟାଣକାରୀ ମହିଳା ପରିଷଦ ଓ ବ୍ରେନ୍‌ସ ଏଜୁକେସନାଲ୍ ଟ୍ରଷ୍ଟ ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ ନୟାପଲ୍ଲୀରେ ମେରି ସଖୀ ହେଲ୍ପ ଡେସ୍କ ଉଦ୍‌ଘାଟିତ ହୋଇଯାଇଛି । ଘରୋଇ ହିଂସା, ଶିଶୁ ଅଧିକାର, ମାନସିକ ଅବସାଦ, ତର୍କହୀନ ଆଚରଣ ପାଇଁ ପରାମର୍ଶ, ପିଲାମାନଙ୍କ ପରାମର୍ଶ, ବୈବାହିକ ବିବାଦ ପରାମର୍ଶ, ଝିଅମାନଙ୍କ ବିବାହ ପୂର୍ବରୁ ପରାମର୍ଶ ପ୍ରଭୃତି ସମସ୍ୟା ସମ୍ବନ୍ଧରେ ପରାମର୍ଶ ପାଇଁ ଏହି ହେଲ୍ପ ଡେସ୍କ ଖୋଲାଯାଇଛି ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି ।

# ଅମୃତ ଷ୍ଟୋରରେ ବିକ୍ରି ହେଉଛି ଏମ୍ସର ମାଗଣା ଇଂଜେକ୍ସନ

## ଏମ୍ସ ବ୍ୟୟର ଫାଇଦା ନେଉଛନ୍ତି ବ୍ୟବସାୟୀ



ଭୁବନେଶ୍ୱର,୨୧/୨ (ନି.ପ୍ର): ଭୁବନେଶ୍ୱର ଏମ୍ସ ପରିସରସ୍ଥ ଅମୃତ ମେଡିକାଲ୍ ଷ୍ଟୋରରେ ବିକ୍ରି ହେଉଛି ଏମ୍ସ ପକ୍ଷରୁ ରୋଗୀଙ୍କୁ ମିଳିବାକୁ ଥିବା ମାଗଣା ଇଂଜେକ୍ସନ । ଅର୍ଥାତ ରୋଗୀଙ୍କୁ ମାଗଣାରେ ଦେବା ପାଇଁ ଏମ୍ସ ଯେଉଁ ଔଷଧ, ଇଂଜେକ୍ସନ କ୍ରୟ କରୁଛି, ତାକୁ କିଏ ଔଷଧ ଦୋକାନୀକୁ ବିକ୍ରି କରି ଦେଉଥିବା ସ୍ପଷ୍ଟ ହୋଇଛି । ରୋଗୀଙ୍କୁ ବିନା ଦେୟରେ ମିଳିବାକୁ ଥିବା ଔଷଧ ଓ ଇଂଜେକ୍ସନ୍ ବିକି ଦୋକାନୀ ଫାଇଦା ଉଠାଉଥିବା ଅଭିଯୋଗ ହେଉଛି । ଏଥିଯୋଗୁଁ ଏହି ଡାକ୍ତରଖାନାରେ ଅନେକ ସମୟରେ ମାଗଣା ଔଷଧ ପ୍ରଦାନ ବ୍ୟବସ୍ଥା ପ୍ରହସନ ପାଲଟି ଯାଉଛି ବୋଲି କୁହାଯାଉଛି । ଏହାକୁ ନେଇ ଏମ୍ସ ପକ୍ଷରୁ ଖୋଳତାଡ଼ ହେଲେ ପ୍ରକୃତ ଘଟଣା ପ୍ରଘଟ ହୁଅନ୍ତା ବୋଲି ସାଧାରଣରେ ଦାବି ହେଉଛି । ଏମ୍ସରେ ରୋଗୀଙ୍କୁ ମାଗଣାରେ ବିଭିନ୍ନ ପ୍ରକାର ଔଷଧ ଓ ଇଂଜେକ୍ସନ ପ୍ରଦାନର ବ୍ୟବସ୍ଥା ରହିଛି । ଏଥିପାଇଁ ଏଠାରେ ବଡ଼ ଫାର୍ମାସି ଷ୍ଟୋର ରହିଛି । ଏ ବାବଦରେ ରୋଗୀଙ୍କ ପାଇଁ ଏମ୍ସ ପକ୍ଷରୁ ଅନେକ ଟଙ୍କା ଖର୍ଚ୍ଚ ହୁଏ । ଯେଉଁ ଇଂଜେକ୍ସନ ଷ୍ଟକ୍‌ରେ ନଥାଏ, ଡାକ୍ତର ସେସବୁକୁ ରୋଗୀଙ୍କୁ କ୍ରୟ କରିବା ପାଇଁ କୁହନ୍ତି । କିଛି ଦିନ ପୂର୍ବରୁ ଅସ୍ତ୍ରୋପଚାର ପାଇଁ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କ ପରିଜନଙ୍କୁ ରୋକ୍ୟୁନିୟମ ଇଂଜେକ୍ସନ ସମେତ ବିଭିନ୍ନ ପ୍ରକାର ଔଷଧ କ୍ରୟ ପାଇଁ ପ୍ରେସ୍କ୍ରିପ୍‌ସନରେ ଡାକ୍ତର ଲେଖିଦେଲେ । ମାତ୍ର ଫାର୍ମାସି ଷ୍ଟୋରରେ ଏହା ଷ୍ଟକ୍ ନଥିବା ଦର୍ଶାଇ ତାଙ୍କୁ ଅମୃତ ଷ୍ଟୋରରୁ କିଣିବା ପାଇଁ କୁହାଗଲା । ଆଶ୍ଚର୍ଯ୍ୟର କଥା ରୋକ୍ୟୁନିୟମ ଇଂଜେକ୍ସନ ଏମ୍ସ ପକ୍ଷରୁ ମାଗଣାରେ ଦିଆଯାଏ । କିନ୍ତୁ ତାକୁ ଭାଏଲ୍ ପ୍ରତି ୭୦୦ ଟଙ୍କା ହିସାବରେ ୫ଟି ଭାଏଲ୍‌କୁ ୩୫୦୦ ଟଙ୍କାରେ ବିକ୍ରୟ କରିଥିଲା ଅମୃତ ମେଡିକାଲ ଷ୍ଟୋର । ଅମୃତ ମେଡିକାଲ ଷ୍ଟୋର କର୍ମଚାରୀଙ୍କୁ ଏ ସଂକ୍ରାନ୍ତରେ ପଚରାଯିବା ପରେ ସେ ସେହି ଷ୍ଟିକରକୁ ବାହାର ଦେବା ପାଇଁ ଏମ୍ସ କର୍ମଚାରୀଙ୍କୁ କହିଥିଲେ । ତେଣୁ ଯେଉଁ ମାଗଣା ଇଂଜେକ୍ସନ ଏମ୍ସର ମେଡିସିନି ଷ୍ଟୋରରେ ନାହିଁ, ତାହା ଅମୃତ ମେଡିକାଲ ଷ୍ଟୋରରେ କେମିତି ପହଞ୍ଚୁଛି, ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରୋଗୀଙ୍କ ଅଭିଯୋଗ ଅନୁଯାୟୀ, ଏମ୍ସରେ ମାଗଣା ଔଷଧ ପ୍ରଦାନ ବ୍ୟବସ୍ଥା ରହିଥିଲେ ମଧ୍ୟ ଅଧିକାଂଶ ସମୟରେ ରୋଗୀଙ୍କୁ ଔଷଧ ଓ ଇଂଜେକ୍ସନ କ୍ରୟ କରିବାକୁ ପଡ଼ିଥାଏ । ଏ ଦିଗରେ ଏମ୍ସ ଅଧୀକ୍ଷକ ଗୁରୁତ୍ୱ ଦେବା ଉଚିତ ବୋଲି ମତପ୍ରକାଶ ପାଇଛି ।

# ବୁଡ଼ିଯାଉଛି ବୈରାଗୀନଗର: ୱାର୍ଡ ନଂ ୩୦, ରାସ୍ତା ଓ ଟ୍ରାଫିକ୍ ମୁଖ୍ୟ ପ୍ରସଙ୍ଗ



ଭୁବନେଶ୍ୱର,୨୧/୨ (ନି.ପ୍ର): ରାଜଧାନୀର ଅନ୍ୟତମ ପ୍ରମୁଖ ଅଞ୍ଚଳ ହେଉଛି ସହିଦନଗର । ବଡ଼ ବଡ଼ ବ୍ୟାବସାୟିକ ପ୍ରତିଷ୍ଠାନ ଓ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପାଇଁ ଏହି ଅଞ୍ଚଳ ବେଶ୍ ଜଣାଶୁଣା । ବିଏମ୍‌ସିର ୩୦ ନମ୍ବର ୱାର୍ଡ ଅନ୍ତର୍ଗତ ଏହି ଅଞ୍ଚଳର କେତେକ ମୌଳିକ ସମସ୍ୟା ପାଇଁ ଏଠାରେ ପ୍ରବଳ ଅସନ୍ତୋଷ ରହିଛି । ଖାଲଖମାରେ ଭର୍ତ୍ତି ରାସ୍ତାଘାଟ, ରାସ୍ତାକଡ଼ରେ ଜବରଦଖଲ ଯୋଗୁ ଟ୍ରାଫିକ୍ ସମସ୍ୟା, ଡ୍ରେନ୍ ସମସ୍ୟା ଓ ଉନ୍ନତ ସ୍ୱାସ୍ଥ୍ୟସେବାର ଅଭାବକୁ ନେଇ ଏଥର ବାସିନ୍ଦାମାନେ ଆଗାମୀ ପୌର ନିର୍ବାଚନରେ ନେତାଙ୍କୁ ଘେରିବେ ବୋଲି ଜଣାପଡ଼ିଛି । ଏହି ଅଞ୍ଚଳର କଦର୍ଯ୍ୟ ରାସ୍ତା, ଅସଜଡ଼ା ଆଲୋକୀକରଣ ବ୍ୟବସ୍ଥା, ଅବ୍ୟବସ୍ଥିତ ଡ୍ରେନ୍, ପରିମଳ ବ୍ୟବସ୍ଥା ଓ ଧାର୍ଯ୍ୟ ତାରିଖରେ ଭତ୍ତା ବଣ୍ଟନ ହେଉ ନଥିବା ଭଳି ବିଧି ସବୁ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହି ଅଞ୍ଚଳରେ ଏକ କମ୍ୟୁନିଟି ସେଣ୍ଟର ଆବଶ୍ୟକ ଥିଲେ ମଧ୍ୟ ବର୍ଷ ବର୍ଷ ଧରି ଏହା କେବଳ ପ୍ରତିଶ୍ରୁତିରେ ରହିଯାଇଛି । ବରିଷ୍ଠ ନାଗରିକ ନିଶାକର ରାଉତ ଅଭିଯୋଗ କରିଛନ୍ତି କି ଏଠାରେ ଖେଳପଡ଼ିଆ ନଥିବାରୁ ସ୍ଥାନୀୟ ଯୁବକମାନେ ଆଉଟ୍‌ଡୋର କ୍ରୀଡ଼ା ପାଇଁ ବାରଦୁଆର ହେଉଛନ୍ତି । ସେହିଭଳି ଏଠାରେ ଥିବା ଚିକିତ୍ସାଳୟରେ ସ୍ଥାୟୀ ଡାକ୍ତର ନିଯୁକ୍ତି କରାଯାଉ ନଥିବାରୁ ସ୍ୱାସ୍ଥ୍ୟସେବାରୁ ଲୋକମାନେ ବଞ୍ଚିତ ହେଉଛନ୍ତି । ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ମିଳୁ ନଥିବାରୁ ଲୋକମାନେ ବାଧ୍ୟ ହୋଇ ଘରୋଇ ହସ୍‌ପିଟାଲ୍‌ରେ ଖର୍ଚ୍ଚାନ୍ତ ହେଉଛନ୍ତି । ବାଣୀବିହାର ଷ୍ଟେସନ ନିକଟସ୍ଥ ବସ୍ତିବାସିନ୍ଦାଙ୍କୁ ଆବାସ ଯୋଜନାରେ ସ୍ଥାୟୀ ବାସଗୃହ ଦେବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ବର୍ଷ ବର୍ଷ ଧରି ଏହା ହୋଇପାରୁନାହିଁ । ବଡ଼ କଥା ହେଉଛି ଘର ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ସାମଗ୍ରୀ ରଖିବା ପାଇଁ ଏକ ଷ୍ଟକ୍‌ୟାର୍ଡର ଆବଶ୍ୟକତା ରହିଛି । ତାହା ମଧ୍ୟ ହୋଇପାରୁନାହିଁ । ମାଗଣାରେ ୨ଚକିଆ ଯାନ ପାର୍କିଂ ବ୍ୟବସ୍ଥା କରିବା ନେଇ ପୂର୍ବରୁ ନେତାମାନେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ । ଆଇଡିବିଆଇ ଛକରୁ ମହର୍ଷି କଲେଜ୍ ପର୍ଯ୍ୟନ୍ତ ପ୍ରମୁଖ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇରହିଛି । କେବଳ ଏହି ରାସ୍ତା ନହେଁ, ବରଂ ବିଭିନ୍ନ ପ୍ରମୁଖ ରାସ୍ତାରେ ବିଭିନ୍ନ ପ୍ରକଳ୍ପ ପାଇଁ ନିୟମିତ ଖୋଳାଖୋଳି ଚାଲିଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ସେହିଭଳି ବ୍ୟବସାୟୀଙ୍କୁ ବିଏମସି ମଲ୍‌ରେ ଦୋକାନ ଘର ଆବଣ୍ଟନକୁ ନେଇ ମଧ୍ୟ ଅସନ୍ତୋଷ ରହିଛି । ୨୦୦୯ ନିର୍ବାଚନରେ ଏହି ୱାର୍ଡର କର୍ପୋରେଟର ଆସନ ଅଣସଂରକ୍ଷିତ ଥିଲା । ଉମାନାଥ ମିଶ୍ର ବିଜେଡିରୁ କର୍ପୋରେଟର୍ ହୋଇଥିଲେ । ୨୦୧୪ରେ ଏହି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହେବା ପରେ ତାଙ୍କ ପତ୍ନୀ ଶାଶ୍ୱତୀ ମିଶ୍ର କର୍ପୋରେଟର ହୋଇଥିଲେ । ଏବେ ଏହି ଆସନ ପୁଣି ଥରେ ଅଣସଂରକ୍ଷିତ ରହିଛି । ଉମାନାଥ ଦାବିଦାର ଥିଲେ ମଧ୍ୟ ବିଜେଡିରେ ମଧ୍ୟ ଏକାଧିକ ଦାବିଦାର ଥିବା ଚର୍ଚ୍ଚା ହେଉଛି ।

ପୂର୍ବତନ କର୍ପୋରେଟର ଶ୍ରୀମତୀ ମିଶ୍ର କହିଛନ୍ତି, ପୂର୍ବରୁ ଯାହା ସବୁ ସମସ୍ୟା ଥିଲା ପ୍ରାୟ ସମାଧାନ କରାଯାଇଛି । ସମସ୍ତ ପାର୍କକୁ ନବୀକରଣ କରାଯାଇଛି, ପବ୍ଲିକ୍ ଲାଇବ୍ରେରି, ଲାଇଟ୍ ବ୍ୟବସ୍ଥା, ମହିଳା ପାଇଁ ଦକ୍ଷତା ବିକାଶ କକ୍ଷ ପ୍ରଭୃତି ନିର୍ମାଣ କରାଯାଇଛି । ତେବେ ବର୍ତ୍ତମାନ ରହିଥିବା ସମସ୍ୟା ମଧ୍ୟରେ ବିଭିନ୍ନ ପ୍ରକଳ୍ପ ପାଇଁ ରାସ୍ତା ଖୋଳାଯାଇଛି । ଯାହା ସମସ୍ୟା ହୋଇ ରହିଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଥିବା କଥାକୁ ମଧ୍ୟ ସେ ସ୍ୱୀକାର କରିଛନ୍ତି । ଏସବୁର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି ।

# ଆଦିବାସୀଙ୍କ ଶିକ୍ଷା, ସାମାଜିକ ବିକାଶ ପାଇଁ ବୁଝାମଣା: ୧୦ ବର୍ଷ ଏକାଠି କାମ କରିବେ କାର୍ଡ ଓ ପଶ୍ଚିମବଙ୍ଗର ଅନୁଷ୍ଠାନ

ଭୁବନେଶ୍ୱର,୨୧/୨ (ନି.ପ୍ର): ସେଣ୍ଟର ଫର ଆଦିବାସୀ ରିସର୍ଚ୍ଚ (କାର୍ଡ), ଓଡ଼ିଶା ଏବଂ କୋଲକତାସ୍ଥିତ ନ୍ୟାସ୍‌ନାଲ ୟୁନିଭର୍ସିଟି ଅଫ୍ ଜୁଡିସିଆଲ୍ ସାଇନ୍ସ ମଧ୍ୟରେ ଗତକାଲି ଏକ ଦଶବର୍ଷିଆ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଦିବାସୀ ମହିଳାଙ୍କ ଶିକ୍ଷା ଓ ସାମାଜିକ ସ୍ଥିତିରେ ବିକାଶ ଆଣିବା ସହିତ ଗବେଷଣା ଓ ରାଜନୈତିକ ଜ୍ଞାନ ପ୍ରଦାନ କ୍ଷେତ୍ରରେ ଏହା ସହାୟକ ହେବ ବୋଲି କୁହାଯାଉଛି । ଭର୍ଚୁଆଲ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ନ୍ୟାସନାଲ ୟୁନିଭର୍ସିଟି ଅଫ୍ ଜୁଡିସିଆଲ ସାଇନ୍ସ କୁଳପତି ପ୍ରଫେସର ନିର୍ମଳ କେ ଚକ୍ରବର୍ତ୍ତୀ ସଭପତିତ୍ୱ ଓ କାର୍ଡର ନିର୍ଦ୍ଦେଶକ ଡକ୍ଟର ବିକ୍ରମ କେଶୋରୀ ଜେନା ପୌରୋହିତ୍ୟ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ମୁଖ୍ୟଅତିଥି ଏବଂ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, ଏନ୍‌ଆରଟିଆଇ ଗୁଜୁରାଟର ବରିଷ୍ଠ ଐତିହାସିକ ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ , କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଜେରେମି ଇମୋ ସରମନ ଓ ଟେକ୍ସସ ବିଶ୍ୱବିଦ୍ୟାଳୟ ଆମେରିକାର ପ୍ରଫେସର ଆମୀଶୋ ଜର୍ଜ , ପଦ୍ମଶ୍ରୀ ଡକ୍ଟର ଦମୟନ୍ତୀ ବେଶ୍ରା , ଏନ୍‌ୟୁଯେଏସ୍ କୋଲକାତାର ପ୍ରଫେସର ଶ୍ରୀନିବାସ ଏନ୍ ଏସ୍ , ଓଡ଼ିଶା ଲୋକସେବା ଆୟୋଗର ସଚିବ ଅଶୋକ ଦାଶ , ବିଶିଷ୍ଟ ଲେଖକ ଓ ବକ୍ତା ଚାରୁଦତ୍ତ ପାଣିଗ୍ରାହୀ, ସେଣ୍ଟ୍ରାଲ ୟୁନିଭର୍ସିଟିର ରେଜିଷ୍ଟ୍ରାର ଡାକ୍ତର ଅସିତ କୁମାର ଦାସ , ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ. ନେହା ଶର୍ମା , କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଅଧ୍ୟାପିକା ଡ. ନୂପୁର ପଟ୍ଟନାୟକ , ଏସ୍ ସି ଏସ୍ ମହାବିଦ୍ୟାଳୟ ପୁରୀର ଅଧ୍ୟାପିକା ପ୍ରୀତି ଶ୍ରୀରଞ୍ଜନ , ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ନିନା ଦାଶ, ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରବଣ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଆଦିବାସୀ ବିକାଶ କ୍ଷେତ୍ରରେ ଗବେଷଣାର ଉପଯୋଗିତା ଏକାନ୍ତ ଆବଶ୍ୟକ । ଏହି ଚୁକ୍ତି ନିଶ୍ଚିତ ଭାବରେ ଓଡ଼ିଶା ଓ ପଶ୍ଚିମବଙ୍ଗରେ ଆଦିବାସୀମାନଙ୍କ ଶିକ୍ଷା ସ୍ୱାସ୍ଥ୍ୟ ଓ ସାମାଜିକ ଜୀବନରେ ବିକାଶ ପାଇଁ ସହାୟକ ହେବା ସହିତ ବିଶ୍ୱରେ ଆଦିବାସୀମାନଙ୍କୁ ଯୋଡ଼ିବା କ୍ଷେତ୍ରରେ ସହାୟକ ହେବ ବୋଲି ମୁଖ୍ୟଅତିଥି ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ନାୟକ ମତ ରଖିଥିଲେ । କାର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଫେସର ଶ୍ରବଣ ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଫେସର ବିଜୟ ଚରଣ ଦାସ , ପ୍ରଫେସର ସୁଦର୍ଶନ ମିଶ୍ର , ପ୍ରଫେସର ସୁବାସ ବାରିକ, ପ୍ରଫେସର ଲୋକନାଥ ମିଶ୍ର , ପ୍ରଫେସର ଲକ୍ଷ୍ମୀକାନ୍ତ ମିଶ୍ର, ପ୍ରଫେସର ଅମୂଲ୍ୟ ଆଚାର୍ଯ୍ୟ , ଗବେଷକ ଭୋଳନାଥ ନାୟକ , ଅଧ୍ୟାପକ ଶୁଭମ ଦାସ , ଡ. କମଳ ପ୍ରସାଦ ମହାନ୍ତି , ସମୁଏଲ ଲିମା , କାର୍ଡର ଅନ୍ୟତମ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିନ୍ମୟ ସାହୁ ଏବଂ କାର୍ଡର ସମସ୍ତ ଉପଦେଷ୍ଟା ଓ ସଦସ୍ୟ ଓ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା , କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହାୟତା କରିଥିଲେ ।

# ବେଦାନ୍ତରୁ ଶସ୍ତାରେ ବିଜୁଳି କିଣିବା ପ୍ରସଙ୍ଗ : ଶୁଣାଣି ସ୍ଥଗିତ, ଏପ୍ରିଲ ୧୨ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର,୨୧/୨ (ନି.ପ୍ର): ଆବେଦନ ଗୋଟିଏ ଦିନ ବିଳମ୍ବ ହେବାରୁ ଗ୍ରିଡ୍‌କୋ ଆବେଦନ ଖାରଜ ହେବା ମାମଲାର ଶୁଣାଣି ସ୍ଥଗିତ ରହିଛି । ଗତକାଲି ଓଇଆରସିରେ ଭର୍ଚୁଆଲ୍ ?ରେ ହେବାକୁ ଥିବା ଶୁଣାଣି କୋରମ୍ ଅଭାବରୁ ହୋଇପାରିନାହିଁ । ଏହାର ଶୁଣାଣି ପାଇଁ ଅଧ୍ୟକ୍ଷଙ୍କ ସମେତ ତିନିଜଣିଆ ଖଣ୍ଡପୀଠର ଆବଶ୍ୟକତା ରହିଛି । ଏବେ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବାରୁ କୋରମ୍ ହେଉ ନାହିଁ । ଏଣୁ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୧୪ ତାରିଖରେ ହେବ ବୋଲି ଓଇଆରସି ଆଦେଶ ଦେଇଛନ୍ତି । ଏଣୁ ବେଦାନ୍ତଠାରୁ ଶସ୍ତାରେ ବିଜୁଳି ପାଇବାକୁ ଯେଉଁ ଆଶା ସଞ୍ଚାର ହୋଇଥିଲା, ତାହା ଅନ୍ତତଃ ଏପ୍ରିଲ ୧୨ତାରିଖ ପର୍ଯ୍ୟନ୍ତ ମଉଳି ଯାଇଛି । ୧୨ତାରିଖରେ ଯଦି ଗ୍ରିଡ୍‌କୋ ସପକ୍ଷରେ ରାୟ ଯାଏ, ତେବେ ବେଦାନ୍ତଠାରୁ ଗ୍ରିଡ୍‌କୋ ବିଜୁଳି କିଣିବ । କେନ୍ଦ୍ରୀୟ ସୂତ୍ରରୁ କିଣାଯାଉଥିବା ବିଜୁଳି ଦରଠାରୁ ଅପେକ୍ଷାକୃତ କମ୍ ରହିବ ବୋଲି କୁହାଯାଉଛି । ଶସ୍ତା ବିଜୁଳି ପାଇବାକୁ ନେଇ ଗ୍ରିଡକୋ ବେଦାନ୍ତକୁ ଚିଠି ଲେଖିଥିଲା । ମାତ୍ର ସର୍ତ୍ତ ଅନୁଯାୟୀ ଗ୍ରିଡ୍‌କୋ ନିର୍ଦ୍ଧାରିତ ସମୟସୀମାର ଗୋଟିଏ ଦିନ ବିଳମ୍ବରେ ଆବେଦନ କରିବାରୁ ବେଦାନ୍ତ ଗ୍ରିଡକୋକୁ ବିଜୁଳି ଦେବାକୁ ମନା କରିଥିଲା । ଏଣୁ ଗ୍ରିଡକୋ ଓଇଆରସିଙ୍କ ଦ୍ୱାରସ୍ଥ ହୋଇଥିଲା । ଓଇଆରସିଙ୍କ ରାୟ ବେଦାନ୍ତ ସପକ୍ଷରେ ଯାଇଥିଲା । ଓଇଆରସିଙ୍କ ଆଦେଶକୁ ଚାଲେଞ୍ଜ କରି ଗ୍ରିଡ୍‌କୋ ହାଇକୋର୍ଟ ଯାଇଥିଲା । ହାଇକୋର୍ଟ ମାମଲାର ବିଚାର କରି ଓଇଆରସି ନିକଟରେ ଆବେଦନ କରିବାକୁ ଆଦେଶ ଦେଇଥିଲେ । ଓଇଆରସି ୧୫ଦିନ ଭିତରେ ଶୁଣାଣି କରିବାକୁ ଆଦେଶ ହୋଇଥିଲା ।

## କାଦରାୟାଁ ୧୪ ନଂ ୱାର୍ଡରେ ପୁନଃ ଭୋଟ ଗ୍ରହଣ ଲାଗି ନିର୍ବାଚନ ଅଧିକାରୀଙ୍କ ବିଜ୍ଞପ୍ତି

ଜଳେଶ୍ୱର, ୨୧/୨(ନିପ୍ର): ତ୍ରିସ୍ତରୀୟ ପଂଚାୟତରାଜ ନିର୍ବାଚନର ୨ୟ ପର୍ଯ୍ୟାୟ ଭୋଟ ଗତ ୧୮ ତାରିଖରେ ସମାପ୍ତ ହୋଇଥିଲେ ମଧ୍ୟ କେତେକ ସ୍ଥାନରେ ବୋଥ ଜବରଦଖଲ ହୋଇଥିବା ଅଭିଯୋଗ ହୋଇଥିଲା । ସେଥି ମଧ୍ୟରୁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅଧିନସ୍ତ ବସ୍ତା ବ୍ଲକର କାଦରାୟାଁ ପଂଚାୟତର କାଦରାୟାଁ ଗ୍ରାମରେ ଥିବା ୧୬ନଂ ଜିଲାପରିଷଦ ଜୋନ୍ ଅନ୍ତର୍ଗତ ୧୪ନଂ ବୁଥରେ ପୁନଃ ଭୋଟ ଗ୍ରହଣ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ନିର୍ବାଚନ ଅଧିକାରୀ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । କଡା ନିରାପତ୍ତା ମଧ୍ୟରେ ଆସନ୍ତା ୨୩ ତାରିଖରେ ଭୋଟ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି । ସୂଚନା ଯୋଗ୍ୟ ସେଠାରେ ୯୫ରୁ ୯୯ ପ୍ରତିଶତ ଭୋଟ ଗ୍ରହଣ ମାତ୍ର ୨ ଘଣ୍ଟାରେ ହୋଇଥିବା କଂଗ୍ରେସ ପକ୍ଷରୁ ବାରମ୍ବାର ଅଭିଯୋଗ ଓ ଏ ସମ୍ପର୍କିତ ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ଏପରି ବିଜ୍ଞପ୍ତି ପ୍ରକାଶ ପାଇଥିବା ଜଣାଯାଇଛି ।

## ୪ର୍ଥ ପର୍ଯ୍ୟାୟରେ ମତଦାନ କରିବେ ୨,୭୮,୪୮୭ ଜଣ

ବାଲେଶ୍ୱର,୨୧/୦୨ (ନି.ପ୍ର): ଚଳିତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ଆସନ୍ତାକାଲି ହେବାକୁ ଯାଉଥିବା ମତଦାନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଏହି ପର୍ଯ୍ୟାୟରେ ବାହାନଗା, ନୀଳଗିରି ଓ ଔପଦା ବ୍ଲକର ମୋଟ ୮ ଗୋଟି ଜିଲା ପରିଷଦ ସଦସ୍ୟ ପଦ, ୬୦ ସରପଞ୍ଚ, ୬୦ ସମିତି ସଭ୍ୟ ଓ ୮୬୧ ୱାର୍ଡ଼ସଭ୍ୟ ପାଇଁ ଭୋଟ ଗ୍ରହଣ ହେବ । ଏହି ତିନି ବ୍ଲକରେ ୩୬ ଜଣ ଜିଲା ପରିଷଦ ପ୍ରାର୍ଥୀ, ୨୨୫ ଜଣ ସରପଞ୍ଚ ପ୍ରାର୍ଥୀ, ୧୯୯ ଜଣ ସମିତିସଭ୍ୟ ପ୍ରାର୍ଥୀ ଓ ୧୮୪୪ ଜଣ ୱାର୍ଡ଼ସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ୨,୭୮,୪୮୭ ଜଣ ମତଦାତା ମତଦାନ କରିବେ । ଅନ୍ୟପକ୍ଷରେ ଚତୁର୍ଥ ପର୍ଯ୍ୟାୟରେ ୮୬୧ଟି ବୁଥରେ ହେଉଥିବା ମତଦାନ କାର୍ଯ୍ୟ ପରିଚାଳନା ପାଇଁ ୨୮୪୭ ଜଣ ସରକାରୀ କର୍ମଚାରୀ ଓ ଅଧିକାରୀ ନିଯୁକ୍ତ ହୋଇଥିବା ଜିଲା ପଞ୍ଚାୟତ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ନିର୍ବାଚନୀ ହିଂସା : ୨ଆହତ, ଭାଜପା କର୍ମୀଙ୍କ ଥାନା ଘେରାଉ

ଖଇରା,୨୧/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ନିର୍ବାଚନୀ ହିଂସାରେ ୨ଜଣ ଆହତ ହୋଇଥିବା ନେଇ ଅଭିଯୋଗ ହୋଇଛି । ଆହତ ହୋଇଥିବା ଯୁବକ ଙ୍କ ମଧ୍ୟରୁ ଜଣେ ହେଲେ ମାଖନପୁର ପଞ୍ଚାୟତ ର ସରପଞ୍ଚ ସୁଦର୍ଶନ ସିଂ ଙ୍କ ପୁଅ ପ୍ରାଂଶୁ ମୋହନ ସିଂ । ଅନ୍ୟ ଜଣେ ହେଲେ କୁରୁଷ୍ଣ ପଞ୍ଚାୟତ ଅଧୀନ ରଘୁନାଥପୁର ଗ୍ରାମର ମାୟାଧର ଦାସ । ପ୍ରଭାଂଶୁ ୧୩ନଂ ୱାର୍ଡରେ ଭାଜପା ତରଫ ପୋଲିଂ ଏଜେଣ୍ଟ ରହିଥିବା ବେଳେ ସକାଳେ ଏଜେଣ୍ଟ କାର୍ଯ୍ୟରୁ ବିରତ ରହିବାକୁ ଏକ ରାଜନୈତିକ ଦଳର ସମର୍ଥକ ମାନେ କହିଥିଲେ । ହେଲେ ଏଥିରେ ସେ କର୍ଣ୍ଣପାତ ନକରି ଭୋଟିଂ ସରିବା ପରେ ଧମକ ଦେଇଥିବା ବ୍ୟକ୍ତି ମାନେ ଅତର୍କିତ ଆକ୍ରମଣ କରି ଲହୁଲୁହାଣ କରିଥିଲେ । ପରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖଇରା ଓ



ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସେହିଭଳି କୁରୁଷ୍ଣ ପଞ୍ଚାୟତ ଅଧୀନ ରାଜକୁଳାରେ ୱାର୍ଡ ସଭ୍ୟା ପ୍ରାର୍ଥୀନୀଙ୍କ ସ୍ୱାମୀ ମାୟାଧର କୌଣସି କାମରେ ମିରିପୁର ଖଇରା ଗ୍ରାମକୁ ଯାଇଥିବା ବେଳେ ସେଠାରେ ବିଜେଡି ନେତାଙ୍କ ନିର୍ଦ୍ଦେଶ କ୍ରମେ ୮ଜଣ ବ୍ୟକ୍ତି ରାଜନୈତିକ ଆକ୍ରୋଶ ରଖି ଆକ୍ରମଣ କରିଥିବା ବେଳେ ପୋଲିସ ପାଲଟା ଅଭିଯୁକ୍ତଙ୍କ ଅଭିଯୋଗ କ୍ରମେ ମାୟାଧର ଓ କିଛି ସହଯୋଗୀଙ୍କୁ ଅଟକ ରଖିଥିଲେ । ପ୍ରତିବାଦରେ ଶତାଧିକ ଭାଜପା କର୍ମୀ ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ୫ନଂ ଜୋନର ଭାଜପା ଜିଲା ପରିଷଦ ପ୍ରାର୍ଥୀ ଇଂ ରାଜେଶ ମହାକୁଡ଼,୪ନଂ ଜୋନର ଭାଜପା ପ୍ରାର୍ଥୀ ରାଜେଶ କୁମାର ରାଉତଙ୍କ ନେତୃତ୍ୱରେ ଖଇରା ଥାନା ଘେରାଉ କରିବା ସହ ସନ୍ଧ୍ୟାରେ ସୋର-କୁପାରୀ ରାସ୍ତାକୁ ଖଇରା ଥାନା ସମ୍ମୁଖରେ ଅବରୋଧ କରି ଧାରଣାରେ ବସିଥିଲେ । ଖଇରା ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ସହ ଉଠାଇ ଆଣିଥିବା ବ୍ୟକ୍ତିଙ୍କୁ ଛାଡିବା ସହ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ କର୍ମୀ ମାନେ ଧାରଣାସ୍ଥଳରୁ ଉଠିଥିଲେ । ସେପଟେ କିଛି ମିରିପୁର ଖଇରା ଗ୍ରାମବାସୀଙ୍କ ପରାଶିବାରେ ସେ ମିରିପୁର ଖଇରା ଗ୍ରାମର ବୁଥ ନମ୍ବର ୮ନଂ ବୁଥରୁ ୩ଜଣ ଭୋଟ ବାକ୍ସ ଚୋରି କରିଥିବା ବେଳେ ଗ୍ରାମବାସୀ ତାଙ୍କୁ ଧରିବାକୁ ଉଦ୍ୟମ କରୁଥିଲେ । ୩ଜଣ ଖସି ପଳାଇଥିବା ବେଳେ ଜଣକୁ ଅଟକ ରଖିଥିଲେ । ପରେ ଖଇରା ପୋଲିସ ସେଠାରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି । ଫଟୋ-ଖଇରା-ଧାରଣାକାରୀଙ୍କ ସହ ପୋଲିସର ଆଲୋଚନା

# ନୀଳଗିରିରେ ନକଲି ମଦ : ୨ଜଣଙ୍କୁ ଗିରଫ କଲା ଅବକାରୀ ବିଭାଗ

ନୀଳଗିରି, ୨୧/୦୨ (ନି.ପ୍ର): ଆସନ୍ତାକାଲି ନୀଳଗିରି ନିର୍ବାଚନ ମଣ୍ଡଳୀରେ ପଂଚାୟତ ନିର୍ବାଚନ । ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହିତ ପରିଚାଳନା କରିବା ପାଇଁ ଅଂଟା ଭିଡ଼ିଛି ପ୍ରଶାସନ । ଏହି ଅବାଧ ନିର୍ବାଚନ ପାଇଁ ଆୟୋଗ ୩ଦିନ ପୂର୍ବରୁ ଉକ୍ତ ଅଂଚଳରେ ସମସ୍ତ ମଦ ଦୋକାନ କୁ ବନ୍ଦ କରିଛନତି । ଏପରିସ୍ଥଳେ ନୀଳଗିରି ସଜନାଗଡ଼ ବଜାରରେ ଥିବା ତାରିଣୀ ଢ଼ାବା ଏବଂ ଗାଙ୍ଗପୁରା ଅଂଚଳରୁ ବାଲେଶ୍ୱର ଅବକାରୀ ସ୍ୱାର୍ଡ ଏବଂ ନୀଳଗିରି ଅବକାରୀ ବିଭାଗ ଦ୍ୱାରା ଚଢ଼ାଉ କରାଯାଇ ବିପୁଳ ପରିମାଣରେ ନକଲି ବିଦେଶୀ ମଦ ସହ ଦେଶୀ ମଦ ଜବତ୍ କରିଛନ୍ତି । ସୂଚନା ଅନୁଯାଇ ସଜନାଗଡ଼ ବଜାରରେ ତାରିଣୀ ଢ଼ାବାରେ ଅବକାରୀ ବିଭାଗ ଚଢ଼ାଉ କରି ୧୧୯ ଲିଟର ହାତ ତିଆରି ନକଲି ବିଦେଶୀ ମଦ ଯାହାର ଓଜନ ୨୧.୪୨୦ଲିଟର ଏବଂ ଏକ ପ୍ଲାଷ୍ଟିକ ଜାରକିନରେ ୬.୫୦୦ଲିଟର ଦେଶୀ ମଦ ଜବତ କରିବା ସହ ଉକ୍ତ ଢ଼ାବାର ମାଲିକଙ୍କ ପୁଅ ରତିକାନ୍ତ ସାହୁ (୨୯) କୁ ଗିରଫ କରିଛି । ଏଥିସହିତ ଗାଙ୍ଗପୁରା ଅଂଚଳର ଭାଗିରଥି ମଲିକ (୪୫) ଙ୍କ ଠାରୁ ୮୦ଲିଟର ଦେଶୀ ମଦ ଜବତ କରିଛି । ଏହି ଚଢ଼ାଉରେ ବାଲେଶ୍ୱର ଅବକାରୀ ଡେପୁଟି ସୁପରିଟେଣ୍ଡେଂଟ ସୁଶାନ୍ତ ପାଢ଼ୀ, ନୀଳଗିରି ଅବକାରୀ ଇନ୍‌ସପେକ୍ଟର ନାରାୟଣ ବେହେରା, ଓ.ଆଇ.ସି. ଲକ୍ଷସାଧବ ପ୍ରଧାନଙ୍କ ସହ ସୋର , ଖଇରା ଅବକାରୀ ବିଭାଗ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ ।

# ତୃତୀୟ ପର୍ଯ୍ୟାୟରେ ୭୮.୬% ମତଦାନ

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ରବିବାର ଦିନ ଅନୁଷ୍ଠିତ ୩ୟ ପର୍ଯ୍ୟାୟ ମତଦାନରେ ରେକର୍ଡ ସଂଖ୍ୟକ ୭୮.୬% ମତଦାନ ହୋଇଛି । ଗତ ନିର୍ବାଚନରେ ମତଦାନ ହାର ପର୍ଯ୍ୟାୟ ଅନୁଯାୟୀ ବଢ଼ିଥିବାବେଳେ ଆଗକୁ ବି ସେହି ଧାରା ବଜାୟ ରହିବାର ସମ୍ଭାବନା ଅଛି ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି । ୩ୟ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଜିଲ୍ଲାରେ ସର୍ବାଧିକ ୮୭.୪୪% ମତଦାନ ହୋଇଥିବାବେଳେ ଗଞ୍ଜାମ ଜିଲ୍ଲାରେ ସବୁଠୁ କମ୍ ୬୬.୭୫% ମତଦାନ ହୋଇଛି । ସେହିପରି ଅନୁଗୁଳରେ ୮୪.୨୪%, ବାଲେଶ୍ୱରରେ ୭୪.୭୨%, ବଲାଙ୍ଗୀରରେ ୭୧.୮୩%, ବରଗଡ଼ରେ ୮୨.୬୩%, ଭଦ୍ରକରେ ୭୭%, ବୌଦ୍ଧରେ ୮୧.୩୧%, କଟକରେ ୭୯.୨୬%, ଦେବଗଡ଼ରେ ୭୯.୮%, ଢେଙ୍କାନାଳରେ ୮୦.୩୯%, ଗଜପତିରେ ୮୨.୭୨%, ଜଗତସିଂହପୁରରେ ୭୬%, ଯାଜପୁରରେ ୭୧ %, କଳାହାଣ୍ଡିରେ ୭୭.୫୯%, କନ୍ଧମାଳରେ ୮୧.୩୫%, କେନ୍ଦ୍ରାପଡ଼ାରେ ୭୨.୨୫%, କେନ୍ଦୁଝରରେ ୭୭.୮୯%, ଖୋର୍ଦ୍ଧାରେ ୭୬.୪୯%, କୋରାପୁଟରେ ୮୪.୭୮%, ମାଲକାନଗିରିରେ ୭୬.୬୩%, ମୟୂରଭଞ୍ଜରେ ୭୮.୫୩%, ନବରଙ୍ଗପୁରରେ ୮୬.୩୩%, ନୟାଗଡ଼ରେ ୭୮.୨%, ନୂଆପଡ଼ାରେ ୭୮.୨୪%, ପୁରୀରେ ୮୦.୧୨%, ରାୟଗଡ଼ାରେ ୭୯.୪୪%, ସମ୍ବଲପୁରରେ ୮୧.୦୭%, ସୁବର୍ଣ୍ଣପୁରରେ ୮୭.୪୪%, ସୁନ୍ଦରଗଡ଼ରେ ୭୫.୪୫% ମତଦାନ ହୋଇଛି । ଉଲ୍ଲେଖଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ବୁଧବାର ୭୭.୨% ଓ ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩ ପ୍ରତିଶତ ମତଦାନ ହୋଇଥିଲା ।

## ଡ୍ରେସ ଦୋକାନରୁ ଲକ୍ଷାଧିକ ଟଙ୍କାର ସମଗ୍ରୀ ଚୋରି

କୋରେଇ,୨୧/୦୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଙ୍ଗଡା ଗ୍ରାମ ନିକଟରେ ଥିବା ରମେଶ ଡ୍ରେସ ଦୋକାନରୁ ୨୦ ତାରିଖ ରାତ୍ରୀରେ ଲକ୍ଷାଧିକ ଟଙ୍କାର ସମାଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଘଟଣାସ୍ଥଳେ ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଛି । ହେଲେ ଚୋର ବା ଚୋରି ସମଗ୍ରୀର କୌଣସି ସୁରାଗ ପାଇନାହିଁ । ଖୋସାଲପୁର ଗ୍ରାମର ରାମ ଚନ୍ଦ୍ର ସାହୁଙ୍କୁ ପୁଅ ରମେଶ ସିଙ୍ଗଡା ଗଳିପୋଲ ଅନତୀ ଦୂରରେ ଏକ ଡ୍ରେସ ଦୋକାନ କରଛନ୍ତି । ୨୦ ତାରିଖ ନିର୍ବାଚନ ଥିବାରୁ ଦୋକାନ ବନ୍ଦ କରି ଗାଁକୁ ଯାଇଥିଲେ । ଆଜି ସକାଳୁ ଆସି ଦେଖିବା ବେଳେକୁ ତାଙ୍କର ସମସ୍ତ ସାମଗ୍ରୀ ଚୋରି ହୋଇଯାଇଛି । ଏନେଇ ଅଭିଯୋଗ ପରେ ପୁଲିସ ଘଟରାସ୍ଥଳେ ପହଂଚି ତଦନ୍ତ ଆରମ୍ଭ କରିଛି ।

## ଶିକ୍ଷାନୁଷ୍ଠାନ ଗୁଡ଼ିକରେ ହିଜାବର ଆବଶ୍ୟକତା ନାହିଁ : ଆଫଜଲ

ଲକ୍ଷ୍ନୌ, ୨୧/୦୨ (ନି.ପ୍ର): ମୁସଲିମ ରାଷ୍ଟ୍ର ମଂଚକ ମୁଖ୍ୟ ରାଷ୍ଟ୍ରୀୟ ସଂଯୋଜକ ମହମ୍ମଦ ଅଫଜଲ କହିଛନ୍ତି ଯେ, ଶିକ୍ଷାନୁଷ୍ଠାନ ଗୁଡ଼ିକରେ ହିଜାବର ଆବଶ୍ୟକତା ନାହିଁ । ସ୍କୁଲରେ ଛାତ୍ର ଭାଇ-ଭଉଣୀ ଭଳି ରହନ୍ତି ତେଣୁ ସେଠାରେ ପର୍ଦାର କୌଣସି ଆବଶ୍ୟକତା ନାହିଁ । ଛାତ୍ର ମାନଙ୍କ ମଧ୍ୟରେ ସମାନତାର ଭାବନା ଜାଗ୍ରତ କରିବା ପାଇଁ ବିଦ୍ୟାଳୟରେ ଡ୍ରେସ କୋଡ୍ ବାଧ୍ୟତାମୂଳକ କରାଯାଇଛି ବୋଲି ସେ କହିଛନ୍ତି । ଯେଉଁ ଝିଅମାନେ ପୂର୍ବରୁ ହିଜାବ ବିନା ଆସୁଥିଲେ, ସମାନ ଝିଅମାନେ ହଠାତ୍ କାହିଁକି ହିଜାବ୍ ପିନ୍ଧି ଆସିଲେ, ଏହା ମଧ୍ୟ ଏକ ପ୍ରମୁଖ ପ୍ରଶ୍ନ । ମହମ୍ମଦ ଆଫଜଲ କହିଛନ୍ତି ଯେ, ମୁସଲମାନ ସମାଜ କୌଣସି ଦଳର ଭୋଟ ବ୍ୟାଙ୍କ ନୁହେଁ । ଉତର ପ୍ରଦେଶରେ ମୁସଲମାନମାନେ ସପା, ବସପା ଏବଂ କଂଗ୍ରେସକୁ ଭୋଟ ଦେଇଥିଲେ, କିନ୍ତୁ ମୁସଲମାନମାନଙ୍କ ସମସ୍ୟା ଦୂର ହୋଇନଥିଲା । ଏହି ଦଳ ଗୁଡ଼ିକ ମୁସଲମାନ ମାନଙ୍କୁ କେବଳ ଭୋଟ୍ ବ୍ୟାଙ୍କ ଭାବେରେ ବିବେଚନା କରୁଥିଲେ ଏବଂ ମୁସଲମାନ ମାନଙ୍କର ପ୍ରଗତି ଏବଂ ସମୃଦ୍ଧତା ପାଇଁ କାର୍ଯ୍ୟ କରିନଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କୁ ହତ୍ୟା....

ଆଇନ୍ ଏବଂ ବ୍ୟବସ୍ଥା ଉପରେ ଭରସା ରଖନ୍ତୁ । ଅନ୍ୟପକ୍ଷରେ କର୍ଣ୍ଣାଟକର ଗୃହମନ୍ତ୍ରୀ ଅରାଗା ଜ୍ଞାନେନ୍ଦ୍ର କହିଛନ୍ତି, ଆମେ ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରିଛୁ । ଏହି ହତ୍ୟାକାଣ୍ଡରେ ୫ ଜଣ ସାମିଲ୍ ଅଛନ୍ତି । ଏବେ ପଚରାଉଚରା ଜାରି ରହିଛି । ବର୍ତ୍ତମାନ ଶିବଗୋମାରେ ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି । ବେଙ୍ଗାଲୁରୁରୁ ୨୦୦ ପୁଲିସକର୍ମୀଙ୍କୁ ପଠାଯାଇଛି । ପୂର୍ବରୁ ସେଠାରେ ୧୨୦୦ ପୁଲିସ୍ ମୁତୟନ ଅଛନ୍ତି । ସେଠାରେ ଆରଏଏଫ୍ ମଧ ଉପସ୍ଥିତ ଅଛନ୍ତି । ସୂଚନାଯୋଗ୍ୟ, ରବିବାର ରାତି ପ୍ରାୟ ୯ଟା ବେଳେ ଦର୍ଜି କାମ କରୁଥିବା ୨୩ ବର୍ଷୀୟ ବଜରଙ୍ଗ ଦଳର କର୍ମକର୍ତ୍ତା ହର୍ଷଙ୍କୁ କିଛି ଦୃର୍ବୃତ୍ତ ଛୁରୀ ମାରି ହତ୍ୟା କରିଥିଲେ । ଘଟଣା ପରେ ହର୍ଷାଙ୍କୁ ହସ୍ପିଟାଲ ନିଆଯାଇଥିଲା, କିନ୍ତୁ ଡାକ୍ତର ତାଙ୍କୁ ବଞ୍ଚାଇ ପାରିନଥିଲେ ।

## ୟୁକ୍ରେନ ସୀମାନ୍ତରେ....

ଅନ୍ୟପଟେ ପୂର୍ବ ୟୁକ୍ରେନର ସ୍ଥିତି ସଂଗୀନ ହେବାରେ ଲାଗିଛି । ୟୁକ୍ରେନ ସେନା ଓ ଋଷ ସମର୍ଥିତ ବିଦ୍ରୋହୀଙ୍କ ମଧରେ ଲଢେଇ ଚାଲିଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ସୀମାରେ ତୁରନ୍ତ ଅସ୍ତ୍ରବିରତି ଉଲ୍ଲଂଘନ କରିବାକୁ ଦାବି କରିଛନ୍ତି । ଏସବୁ ଭିତରେ ଋଷ ଶନିବାରଠୁ ୟୁକ୍ରେନ ସୀମାନ୍ତରେ ଆରମ୍ଭ କରିଥିବା ଆଣବିକ ସମରଭ୍ୟାସ ଆଶଙ୍କାକୁ ଦ୍ୱିଗୁଣିତ କରିଛି । ମିସାଇଲ ପରୀକ୍ଷଣ ଭିତରେ ଋଷକୁ ୟୁକ୍ରେନ ବିଚ୍ଛିନତାବାଦୀଙ୍କ ସମର୍ଥନ ଓ ୟୁକ୍ରେନ ସୀମାନ୍ତରୁ ଆସିଥିବା ଏହି ନୂଆ ସାଟେଲାଇଟ ଫଟୋ ହୁଏତ ଯୁଦ୍ଧର ପୂର୍ବାଭାସ ହୋଇପାରେ । ଫଟୋ କହୁଛି ଆକ୍ରମଣ ମୁଦ୍ରାରେ ରହିଛନ୍ତି ଋଷ ସେନା । ଅନ୍ୟପଟେ ଆମେରିକା ଯେଉଁ ଦାବି କରୁଛି ସେକଥା ଯଦି ସତ ହୁଏ, ତେବେ ବିଶ୍ୱ ୩ୟ ଯୁଦ୍ଧ ଦେଖିବା ନେଇ ଆଶଙ୍କା ହୁଏତ ସତର ରୂପ ନେଇପାରେ ।

## 'କୋର୍ବେଭାକ୍ସ'କୁ ମିଳିଲା....

ଗତ ସପ୍ତାହରେ ସେଣ୍ଟ୍ରାଲ ଡ୍ରଗ୍ସ ଅଥରିଟି ଅଫ୍ ଇଣ୍ଡିଆ (ଡିଜିସିଆଇ)ର ବିଶେଷଜ୍ଞ କମିଟି ୧୨ ରୁ ୧୮ ବର୍ଷ ବୟସର ପିଲାମାନଙ୍କ ପାଇଁ କୋଭିଡ୍-୧୯ ଟିକା କୋର୍ବେଭାକ୍ସ ପାଇଁ କିଛି ସର୍ତ୍ତ ସହିତ ଜରୁରୀକାଳୀନ ବ୍ୟବହାର ଅନୁମତି ପାଇଁ ସୁପାରିଶ କରିଥିଲା । ନିକଟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନୀତି ଆୟୋଗର ସଦସ୍ୟ (ସ୍ୱାସ୍ଥ୍ୟ)ର ଭିକେ ପଲ୍ କହିଥିଲେ ଯେ ଟିକାକରଣର ଅତିରିକ୍ତ ଆବଶ୍ୟକତା ପାଇଁ ଏବଂ ଏଥିରେ ଅଧିକ ଜନସଂଖ୍ୟାକୁ ସାମିଲ୍ କରିବାର ଆବଶ୍ୟକତାକୁ ନିୟମିତ ଆଧାରରେ ସମୀକ୍ଷା କରାଯାଉଛି । ଅନ୍ୟପକ୍ଷରେ ଡିଜିସିଆଇ ଗତବର୍ଷ ଡିସେମ୍ବର ୨୮ ତାରିଖରେ କୋର୍ବେଭାକ୍ସକୁ ସୀମିତ ଆଧାରରେ ଜରୁରୀକାଳୀନ ପାଇଁ ଅନୁମତି ଦେଇସାରିଛନ୍ତି । ଏହା ଭାରତରେ ହିଁ କୋଭିଡ୍-୧୯ ବିରୋଧରେ ଏକ ସ୍ୱଦେଶୀ ଭାବେ ବିକଶିତ ଆରବିଡି ଆଧାରିତ ଟିକା ।

## କଳିଙ୍ଗ ଷ୍ଟାଡିଅମ୍ ରେ କ୍ରୀଡା ଭିତ୍ତିଭୂମି....

ପଡିଆରେ ଅନୁଷ୍ଠିତ ହେଉଥିବା ଓଡିଶା ମହିଳା ଫୁଟବଲ ଲିଗ୍ ର ମ୍ୟାଚ ଦେଖିଥିଲେ ଏବଂ ଖେଳାଳୀ ମାନଙ୍କ ସହିତ ଆଲୋଚନା କରି ସେମାନଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ପରେ ମୁଖ୍ୟମନ୍ତ୍ରୀ ଭାରତୀୟ ଜାତୀୟ ହକୀ ଦଳର ଉଭୟ ପୁରୁଷ ଓ ମହିଳା ଖେଳାଳୀ ମାନଙ୍କୁ ଭେଟି ସେମାନଙ୍କର ରହଣୀ ଓ ଖେଳ ଅଭ୍ୟାସ ସଂପର୍କରେ ପଚାରି ବୁଝିଥିଲେ । ହକୀ କ୍ରୀଡାକୁ ମୁଖ୍ୟମନ୍ତ୍ରୀ ଯେଉଁ ସହଯୋଗ ଯୋଗାଇ ଦେଇଛନ୍ତି, ସେଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆଗାମୀ ପ୍ରୋ-ଲିଗ୍ ମ୍ୟାଚ ପାଇଁ ଶୁଭେଚ୍ଛା ଜଣାଇଥିଲେ ଏବଂ ଆଗାମୀ ଏସିଆନ ଓ କମନୱେଲ୍‌ଥ ଗେମ୍‌ସରେ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଆଣିବା ପାଇଁ ଲକ୍ଷ୍ୟ ରଖିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓ କ୍ରୀଡା ସଚିବ ଭିନିଲ କ୍ରୀଷ୍ଣା ଉପସ୍ଥିତ ଥିଲେ ।

## ସାମ୍ବାଦିକଙ୍କୁ ଆକ୍ରମଣ....

ନିଷ୍ପତ୍ତି ନେଇଛନ୍ତି । ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ପାଇଁ ବରିଷ୍ଠ ସାମ୍ବାଦିକମାନେ ମଧ ଯୁକ୍ତି ବାଢ଼ିଛନ୍ତି । ସୂଚନାଯୋଗ୍ୟ ଯେ, ରବିବାର ଦିନ ବିଞ୍ଝାରପୁର ବାଛୋଳ ଗାଁରେ ବୁଥ ରିଗିଂ ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକଙ୍କୁ ୪୦ରୁ ୫୦ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ । ବୁଥ୍ ଜବରଦଖଲ କରି ଭୋଟ ବାକ୍ସ ପୋଖରୀକୁ ଫିଙ୍ଗାଯାଉଥିବା ଭିଡିଓ ସୁଟ କରିଥିଲେ ସାମ୍ବାଦିକ । ଆଉ ସେହି ସତ ଲୁଚାଇବାକୁ ଯାଇ ୩ ଜଣ ସାମ୍ବାଦିକଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ ଦୁର୍ବୃତ୍ତ । ଏହି ଘଟଣାରେ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ପୌରସଂସ୍ଥା ନିର୍ବାଚନ ଯପାଇଁ ପ୍ରସ୍ତୁତି....

ପୌରସଂସ୍ଥା ନିର୍ବାଚନରେ ନୋଟା ବ୍ୟବହାର ହେବ । ନିର୍ବାଚନ ମଇଦାନରେ ଭୋଟରଙ୍କ ମନପସନ୍ଦର ପ୍ରାର୍ଥୀ ନଥିଲେ ଭୋଟରମାନେ ନୋଟା ବ୍ୟବହାର କରିପାରିବେ । ପୌର ନିର୍ବାଚନ ପାଇଁ ପ୍ରତ୍ୟେକ ବୁଥ୍ ରେ ଦୁଇଟି ଲେଖାଏଁ ଇଭିଏମ୍ ରହିବ । ସେଥିରୁ ଗୋଟିଏ କର୍ପୋରେଟର/କାଉନ୍ ସିଲର ନିର୍ବାଚନ ପାଇଁ ଓ ଅନ୍ୟଟି ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ବ୍ୟବହୃତ ହେବ । କର୍ପୋରେଟର/କାଉନ୍ ସିଲର ପ୍ରାର୍ଥୀମାନଙ୍କ ପାଇଁ ଗୋଲାପି ରଙ୍ଗର ବାଲାଟ୍ ପେପର ଓ ଅଧ୍ୟକ୍ଷ/ମେୟର ପ୍ରାର୍ଥୀମାନଙ୍କ ପାଇଁ ହଳଦିଆ ରଙ୍ଗର ବାଲାଟ୍ ପେପର ନିର୍ବାଚନରେ ବ୍ୟବସ୍ଥା କରାଯିବ । ଏତଦ୍‌ବ୍ୟତୀତ ଭୋଟରମାନଙ୍କ ସୁବିଧା ନିମନ୍ତେ କର୍ପୋରେଟର/କାଉନ୍‌ସିଲର ପ୍ରାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ଇଭିଏମ୍ ଉପରେ ଗୋଲାପି ରଙ୍ଗର ଗୋଲ ଷ୍ଟିକର ଓ ଅଧ୍ୟକ୍ଷ/ମେୟର ପ୍ରାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ଇଭିଏମ୍ ଉପରେ ହଳଦିଆ ରଙ୍ଗର ଗୋଲ ଷ୍ଟିକର ଲଗାଯିବ । ଏହା ଦ୍ୱାରା କେଉଁ ପ୍ରାର୍ଥୀଙ୍କୁ କେଉଁ ଇଭିଏମ୍ ରେ ଭୋଟ ଦେବାକୁ ହେବ, ତାହା ସହଜରେ ଭୋଟରମାନେ ଜାଣିପାରିବେ । ପ୍ରତ୍ୟେକ ବୁଥ୍ ମଧରେ ମତଦାନ କରିବା ନିମନ୍ତେ ଦୁଇଟି ମତଦାନ ପ୍ରକୋଷ୍ଠ ରହିଛି । ପ୍ରଥମେ ଭୋଟରମାନେ ପ୍ରଥମ ପ୍ରକୋଷ୍ଠକୁ ଯାଇ ଆଗ ଅଧ୍ୟକ୍ଷ/ମେୟର ପଦବୀ ନିମନ୍ତେ ଥିବା ପ୍ରାର୍ଥୀଙ୍କୁ ମତଦାନ କରିସାରି ଦ୍ୱିତୀୟ ପ୍ରକୋଷ୍ଠକୁ ଯିବେ ଓ ସେଠାରେ କର୍ପୋରେଟର/କାଉନ୍‌ସିଲର ପଦବୀ ନିମନ୍ତେ ଥିବା ପ୍ରାର୍ଥୀଙ୍କୁ ମତଦାନ କରିବେ ବୋଲି ନିର୍ବାଚନ କମିଶନ ନିଷ୍ପତି ନେଇଛନ୍ତି । ସେହିପରି ପୌର ନିର୍ବାଚନରେ ଦୃଷ୍ଟିହୀନ ଭୋଟରମାନଙ୍କ ପାଇଁ ବ୍ରେଲି ବାଲାଟ ପେପର ସୁବିଧା କରାଯାଇଛି । ରାଜ୍ୟର ସମସ୍ତ ଜିଲ୍ଲାରୁ ବଛାବଛା ମାଷ୍ଟର ଟ୍ରେନରମାନଙ୍କର ଦୁଇଦିନିଆ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ ନିର୍ବାଚନ କମିଶନଙ୍କ ଦ୍ୱାରା ରାଜ୍ୟସ୍ତରରେ ଶେଷ ହୋଇଛି । ପୌର ନିର୍ବାଚନ ପାଇଁ ପୂର୍ବରୁ ରାଜ୍ୟ ନିର୍ବାଚନ କମିଶନ ୱାର୍ଡ ପୁନର୍ଗଠନ, ବୁଥ ଓ ଭୋଟର ତାଲିକା ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟକୁ ଅନୁମୋଦନ କରିସାରିଛନ୍ତି । ପୌର ନିର୍ବାଚନ ନିମନ୍ତେ ସମସ୍ତ ଦିଗରୁ ରାଜ୍ୟ ନିର୍ବାଚନ କମିଶନ ପ୍ରସ୍ତୁତ ଥିବା କମିଶନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

# ନୀଳଗିରି ଫୋକସ ପ୍ଲସ ସାମ୍ବାଦିକଙ୍କୁ ମାଡ଼, ଅପରାଧୀଙ୍କୁ ପୋଲିସ କବ୍‌ଜାରୁ ଛଡ଼ାଇ ନେଲେ ଦୁର୍ବୃତ୍ତ

ନୀଳଗିରି, ୨୧/୦୨ (ନି.ପ୍ର): ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ସମ୍ବିଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସମ୍ବିଧାନରେ ଚରିସ୍ତମ୍ଭ ମଧ୍ୟରୁ ଚତୁର୍ଥସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ଏବେ ବିପଦରେ । ସମାଜର ଆଇନା କୁହାଯାଉଥିବା ଗଣମାଧ୍ୟମ ସଦାସର୍ବଦା ଅବହେଳିତ । ଶାସକ ଓ ଶାସିତ ମଧ୍ୟରେ ସମନ୍ୱୟ ରକ୍ଷା କରି ଭୁଲ ଠିକ୍‌କୁ ସାମ୍ନାକୁ ଆଣି ସମାଜ ସୁଧାରରେ ମୁଖ୍ୟ ଭୂମିକା ତୁଲାଇଥାଏ ଗଣମାଧ୍ୟମ । ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ସ୍ୱପ୍ନକୁ ଧୂଳିସାତ କରି ଏବେ କେତେକ ମୁଷ୍ଟିମେୟ ଗୋଷ୍ଠୀ କଦାକାର କରିଚାଲିଛନ୍ତି । ବାରମ୍ବାର ଗଣମାଧ ଓ ପ୍ରତିନିଧି ଏଥିରେ ପୀଡ଼ିତ ହେଉଛନ୍ତି । ସରକାରଙ୍କ ଉଦାସୀନତା ପାଇଁ ଏଭଳି ଘଟଣା ବାରମ୍ବାର ଘଟିଚାଲିଛି । ଚଳିତ ପଂଚାୟତ ନିର୍ବାଚନରେ ଆମ ରାଜ୍ୟର ବିଭିନ୍ନ ସ୍ଥାନାରେ ସାମ୍ବଦିକମାନଙ୍କ ଉପରେ



ଅତ୍ୟାଚର ବଢ଼ି ଚାଲିଥିବା ଜଣାପଡ଼ିଛି । ଏଭଳି ଘଟଣାକ୍ରମରେ ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ୨ନଂ. ଜିଲ୍ଲାପରିଷଦ ଜୋନରେ ରବିବାର ଜଣେ ୱେବ୍ ମିଡିଆ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣା ପରେ ସାମ୍ବାଦିକମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ସୂଚନା ଅନୁଯାଇ ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀ ୨ନଂ. ଜୋନ ରେ ଗତ ରବିବାର ଫୋକସ ପ୍ଲସ ୱେବ୍ ମିଡିଆର ସାମ୍ବାଦିକ ଲେଲିନ କୁମାର ଦେ କାନପୁରସ୍ଥିତ ନିଜ ଘରେ ଥିବା ସମୟରେ ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀଙ୍କର ଏକ ପ୍ରଚାର ଗାଡ଼ି ରାତ୍ରି ୭ଟା ପରେ ପ୍ରଚାର କରୁଥିବା ବେଳେ ଚିତ୍ର ଉତୋଳନ କରିବା ପାର୍ଇ ନିଜ ମୋବାଇଲ ଖୋଲି ରେକର୍ଡିଂ କରିବା ପାଇଁ ଚେଷ୍ଟା କରିବା ସମୟରେ ପ୍ରଚାର ଗାଡ଼ି ପଛରେ ଥିବା ୨/୩ଟି ମଟର ସାଇକେଲରେ କାଣ୍ଡଗରଡ଼ି ପଂଚାୟତ ବିଜେଡି ସମର୍ଥୀତ ସରପଂଚ ପ୍ରାର୍ଥୀ ଭାସ୍କର ବେହେରା ଓରଫ ଭାସୁ, ଏବର ୨ନଂ. ଜିଲ୍ଲାପରିଷଦ ପ୍ରାର୍ଥୀନୀ ଶ୍ରଧାଂଜଳି ଜେନାଙ୍କ ପୁଅ ସୌମ୍ୟରଂଜନ ଜେନା, ଅଜୟ ମହାଳିକ, ସୁଜି ଜେନା, ସନ୍ତୋଷ ବ୍ରହ୍ମ, ପ୍ରମୁଖ ପହଂଚି ସାମ୍ବାଦିକ ଲେଲିନ ଙ୍କୁ କାବୁ କରିବା ସହିତ ବିଧା ଗୋଇଠା ମାରିବା ସହିତ ବିଭିନ୍ନ ଅଶ୍ଲୀଳ ଭାଷାରେ ଗାଳିଗୁଲୋଜ କରିବା ସହ ତାଙ୍କ ତଳେ ପକାଇଦେଇ ତାଙ୍କର ସାର୍ଟ ଚିରିଦେଇଥିଲେ । ଜୀବନରୁ ମାରିଦେବାକୁ ଧମକ ମଧ ଦେଇଥିଲେ । ସାମ୍ବାଦିକ ଜଣକ ଦୁବୃତଙ୍କ କବଳରୁ ଖସି ଘରକୁ ପଳାଇ ଯାଇଥିଲେ । ପରେ ନୀଳଗିରିର ଯୁବନେତା ସବ୍ୟସାଚୀ ମହାପାତ୍ର ଖବର ପାଇ ତାଙ୍କୁ ନୀଳଗିରିକୁ ଆଣିଥିଲେ । ସାମ୍ବାଦିକ ଜଣକ ନୀଳଗିରି ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଥିଲେ । ସୋମବାର ଏସ.ଆଇ. ବାସୁଦେବ ଜୟସିଂ ଙ୍କ ନେତୃତ୍ୱରେ ନୀଳଗିରି ପୋଲିସ ଘଟଣାର ଅନୁସନ୍ଧାନ ପାଇଁ ଯାଇ ୨ଜଣଙ୍କୁ ପୋଲିସ ଭ୍ୟାନରେ ନୀଳଗିରି ଆଣୁଥିବା ବେଳେ ଖବର ପାଇ ସମର୍ଥୀତ ବହୁ ଲୋକ ପୋଲିସ ଭ୍ୟାନକୁ ଅଟକ ରଖି ଜୋର ଜବରଦସ୍ତ ୨ଜଣଙ୍କୁ ଛଡ଼ାଇ ନେଇଥିଲେ । ପ୍ରଶାସନ ଶୃଙ୍ଖଳିତ ଏବଂ ଅବାଧ ନିର୍ବାଚନ ହେବାର ସମସ୍ତ ପ୍ରତିଶୃତି ଦେଇଥିଲେ ମଧ ନିର୍ବାଚନର ୪୮ଘଂଟା ପୂର୍ବାର ଏଭଳି ଘଟଣା ଘଟିବା ପ୍ରଶାସନ ଏବଂ ପୋଲିସ ପ୍ରଶାସନର ଅପରାଗତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ପୋଲିସ କବ୍‌ଜାରୁ ଛଡ଼ାଇ ନେଇଥିବା ବ୍ୟକ୍ତିଙ୍କୁ କିଏ ଆଉ କାହା ଇଙ୍ଗିତରେ ଖସାଇ ଦିଆଗଲା ବା ଛଡ଼ାଗଲା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନୀଳଗିରିର ବହୁ ବୁଦ୍ଧିଜୀବୀ ଏଭଳି ଘଟଣାକୁ ନିନ୍ଦା କରିବା ସହିତ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଏଭଳି ଘଟଣାର ପୁଲିସକୁ ଦାୟୀ କରିବା ସହିତ ଚାକିରି ଛାଡ଼ି ଶାସକ ଦଳର ପ୍ରଚାରକ ହୁଅନ୍ତୁ ବୋଲି ନିଜ ବକ୍ତବ୍ୟରେ କହିଛନ୍ତି । ସାମ୍ବାଦିକଙ୍କୁ ମାଡ଼ ଘଟଣା ଖବର ପାଇ ଉକ୍ତ ୱେବ୍ ଚ୍ୟାନେଲର ସଂପାଦକ ସୁଧାଂଶୁଶେଖର ରାଉତ ନୀଳଗିରିରେ ପହଂଚି ଅପରାଧୀଙ୍କୁ ଗିରଫ ଦାବୀରେ ନୀଳଗିରି ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ସୂଚନା ମିଳିଛି ।

## ଆଚାର୍ଯ୍ୟ ହରିହରଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ଚନ୍ଦ୍ରଶେଖରପୁରସ୍ଥିତ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ଶ୍ରାଦ୍ଧଦିବସ କରୋନା କଟକଣା ମଧରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡଃ ମୁକ୍ତିଲତା ପାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଓଡ଼ିଶା ସରକାରଙ୍କ ପଂଚାୟତି ବିଭାଗର ଅତିରିକ୍ତ ଶାସନ ସଚିବ ମହେଶ୍ୱର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗାଦନ କରି ହରିହରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ 'ଆସ ଭଲ ମଣିଷ ହେବା' ଉକ୍ତିର ତାତ୍ପର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଆଚାର୍ଯ୍ୟ ହରିହର ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅଧାପକ ପବିତ୍ର କୁମାର ରଥ ବେଦପାଠ କରିଥିଲେ । ଅଧକ୍ଷା ଡଃ ପାଲ ଚରିତ୍ର ଗଠନ ଓ ପିତାମାତାଙ୍କୁ ଆଦର୍ଶ ମନେ କରିବା ସହିତ ମାତୃଭାଷା, ମାତୃଭୂମିକୁ ମା' ଭଳି ଭଲ ପାଇବାକୁ ଉପଦେଶ ଦେଇଥିଲେ । ମାତୃଭାଷାର ମମତାକୁ ନ ଭୁଲିବାକୁ ପ୍ରେରଣା ଦେଇଥିଲେ । ଅନ୍ୟମାନଙ୍କ ମଧରେ ଅଧାପକ ବିଜୟରାମ ଜେନା, ଅଧାପିକା ଶୁଭ୍ରା ମଲ୍ଲିକ, ସୁଜାତା ସାମନ୍ତରାୟ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଶେଷରେ ଅଧାପିକା ଅଳକାନନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ ।

## ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ

ଜଳେଶ୍ୱର, ୨୧/୦୨(ନିପ୍ର) : ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ସ୍ଥାନୀୟ ଭଂଜଶ୍ରୀ ଭବନଠାରେ ବିଶ୍ୱ ମାତୃଭାଷା ଦିବସ ସଂଗଠନର ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇ ଯାଇଛି । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ କମିଟି ସଂପାଦକ କମଳ ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରମାକାନ୍ତ ଭଂଜ, ଜିତାରାମ ଦେ, ଆଇନ୍‌ଜିବୀ ଜିତାଂଶୁ ଶେଖର ନନ୍ଦୀ, ଅରୁଣ ବେଜ, ଅଶୋକ ଦାସ, ଡ. ଅଜିତ୍ ମହାନ୍ତି, ଶରତ ଚନ୍ଦ୍ର ପରିଡା, କପିଳେଶ୍ୱର ମହାନ୍ତି, ହେମନ୍ତ ଗିରି, ଭାସ୍କର ଚନ୍ଦ୍ର ମିଶ୍ର, ଟଙ୍କଧର ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ସରକାର ସୀମାନ୍ତ ଅଂଚଳରେ ମାତୃଭାଷା ଓ ସୀମା ସୁରକ୍ଷା ଲାଗି ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପ୍ରତ୍ୟେକ ବିଦ୍ୟାଳୟରେ ଖାଲିଥିବା ଓଡିଆ ଶିକ୍ଷକ ନିଯୁକ୍ତି କରିବା, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଲଗାଯାଇଥିବା ବିଜ୍ଞାପନ ଫଳକ ମାତୃଭାଷାରେ ଲେଖାଯିବାକୁ ଦାବି ଓ ସେଚତନ କରାଇଥିଲେ । ସଂଗଠନର ସଂପାଦକ ମନୋରଂଜନ ଦାସ ମଂଚ ଆହ୍ୱାନ କରିଥିବା ବେଳେ ସାଧାରଣ ସଂପାଦକ ସୁନିଲ ନାୟକ ସୂଚନା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଉତ୍କଳ ଜନନୀ ଗାନ କରାଯାଇଥିଲା ।

# ଗୋଟିଏ ଦିନରେ ୩୮୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୮୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୨୮୬୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୮୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୬୮୧୫୮ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୬୩୨ ରହିଛି । ଆଜି ଚିହ୍ନଟ ହୋଇଥିବା ୩୮୮ ଜଣଙ୍କ ମଧ୍ୟରୁ ୨୨୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୬୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୩, ବାଲେଶ୍ୱର ଜିଲ୍ଲାରୁ ୧୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୨୧ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୩୦, ଗଂଜାମ ଜିଲ୍ଲାରେ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭, ଯାଜପୁରରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୮, ଖୋର୍ଦ୍ଧାରୁ ୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ମୟୁରଭଞ୍ଜର ୧ନଂ ଓ ୨ ନଂ ଜିଲ୍ଲା ପରିଷଦ ଜୋନରେ ନିର୍ବାଚନ



ଉଦଳା, ୨୧/୦୨ (ନି.ପ୍ର): ମୟୂରଭଞ୍ଜର ୧ନଂ ଓ ୨ନଂ ଜିଲ୍ଲାପରିଷଦ ଜୋନ ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଅଟେ । ଚଳିତ ପଞ୍ଚାୟତ ନିର୍ବାଚନରେ ଉକ୍ତ ଦୁଇଟି ଜୋନରେ ମୋଟ ୯ ଜଣ ଜିଲ୍ଲା ପରିଷଦ ପ୍ରାର୍ଥି ପ୍ରତିଦ୍ୱନ୍ଦିତା କରିଥିବାର ଜଣାଯାଇଛି । ସେହିପରି ଏହି ଜୋନ ମଧ୍ୟରେ ମୋଟ ୧୨ଟି ପଞ୍ଚାୟତ ଥିବା ବେଳେ ସରପଞ୍ଚ ପଦ ପାଇଁ ୭୩ ଜଣ ଓ ସମିତି ସଭ୍ୟ ପ୍ରାର୍ଥି ମୋଟ ୬୭ ଜଣ ଅଂଶ ଗ୍ରହଣ କରିଛନ୍ତି । ଏଠାରେ ମୋଟ ଭୋଟର ୫୫୮୬୫ ହୋଇଥିବା ବେଳେ ୪୬୩୨୫ ଜଣ ଭୋଟର ଭୋଟ ଦେଇଥିବାର ଜଣାଯାଇଛି । ଏଠାରେ ଭୋଟ ଦାନର ହାର ୮୨ ପ୍ରତିଶତ ରହିଛି ।

## ଇଣ୍ଡିଆବୁଲ୍ସ ଅଫିସ୍ ସହିତ ୭ ଟି ସ୍ଥାନରେ ଇଡିର ଚଢାଉ

ମୁମ୍ବାଇ, ୨୧/୦୨ (ନି.ପ୍ର): ଇଡିର ଟିମ୍ ସୋମବାର ସକାଳ ମୁମ୍ବାଇର ଇଣ୍ଡିଆବୁଲ୍ସ ମୁଖ୍ୟ କାର୍ଯ୍ୟାଳୟ ସମେତ ୭ ଟି ସ୍ଥାନରେ ଏକା ସମୟରେ ଚଢାଉ କରିଛି । ଏହି ରେଡ୍‌ରେ ମୁମ୍ବାଇ ଏବଂ ଦିଲ୍ଲୀର ଇଡି ଅଧିକାରୀମାନେ ସାମିଲ ହୋଇଛନ୍ତି । ଇଡି ପୁନେର ଜଣେ ଫିଲ୍ମ ନିର୍ମାତାଙ୍କ ଘର ଏବଂ ଅଫିସରେ ତାଙ୍କୁ ଖୋଜୁଛି । ସୂଚନାନୁସାରେ, ଇଡି ଟିମ୍ ଇଣ୍ଡିଆବୁଲ୍ସ ହାଉସିଂ ପ୍ରମୋଟର ସମୀର ଗହଲୋଟ୍ ସହ ଜଡିତ କମ୍ପାନୀଗୁଡିରେ ତଲାସି ଚାଲିଛି । ୨୦୧୪ ଏବଂ ୨୦୨୦ ରେ ଏହି କମ୍ପାନୀଗୁଡିକ ବିରୁଦ୍ଧରେ ଅର୍ଥର ଅପବ୍ୟବହାର ହେବାର ଇଡିରେ ଅଭିଯୋଗ ହୋଇଥିଲା । ଏହି କାରଣରୁ, ଇଡି ଇଣ୍ଡିଆବୁଲ୍ସ ଗୋଷ୍ଠୀ ବିରୋଧରେ ଏକ ମାମଲା ରୁଜୁ କରିଥିଲା ।

# ଭୋଟ୍ ଗଣତି ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ପଂଚାୟତ ନିର୍ବାଚନ ଭୋଟ୍ ଗଣତି ନେଇ ଗାଇଡଲାଇନ୍ ଜାରି କରାଯାଇଛି । ଯେଉଁମାନେ ଗଣତିରେ ରହିବେ ସେମାନଙ୍କ କୋଭିଡ୍ ଆରଟିପିସିଆର ନେଗେଟିଭ ରିପୋର୍ଟ ଥିବା ଜରୁରୀ । ଯେଉଁମାନେ କାଉଂଟିଂ ଏଜେଂଟ ରହିବେ ସେମାନଙ୍କ ରାପିଡ୍ ଆଂଟିଜେନ୍ ଟେଷ୍ଟ ମଧ କରାଯିବ । କାଉଂଟିଂ ସେଟର ମଧ୍ୟକୁ ପ୍ରବେଶ କରୁଥିବା ସମସ୍ତଙ୍କର ଥର୍ମାଲ ସ୍କାନିଂ କରାଯିବ । ଏନେଇ ସୋମବାର ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ଆର ଏନ ସାହୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ସୂଚନା ଦେଇଛନ୍ତି । ଚିଠିରେ ଉଲ୍ଲେଖ କରାଯାଇଛି ଯେ ଗଣତିର ୪୮ ଘଂଟା ପୂର୍ବର କୋଭିଡ୍ ନେଗେଟିଭ ରିପୋର୍ଟ ଦେବେ । ଏଥିସହ ଡବଲ ଡୋଜ ଟିକା ନେଇଥିବା ବ୍ୟକ୍ତିଙ୍କୁ ହିଁ କେବଳ ଗଣତି ପାଇଁ ଅନୁମତି ମିଳିବ । ଯେଉଁମାନଙ୍କ କରୋନା ଲକ୍ଷଣ ଥିବ ସେମାନଙ୍କୁ ଭୋଟ ଗଣତି ପାଇଁ ଅନୁମତି ମିଳିବ ନାହିଁ । ପଂଚାୟତ ନିର୍ବାଚନ ପାଇଁ ୩ ଟି ପର୍ଯ୍ୟାୟ ମତଦାନ ଶେଷ ହୋଇଛି । ଦୁଇଟି ପର୍ଯ୍ୟାୟ ମତଦାନ ପରେ ଆରମ୍ଭ ହେବ ଭୋଟ ଗଣତି ।

# ସାମ୍ବାଦିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ଦାବି

## ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା, ୨୦/୦୨ (ନି.ପ୍ର): ଗତ ୨୦ ତାରିଖ ଦିନ ପଂଚାୟତ ନିର୍ବାଚନ ଚାଲିଥିବା ବେଳେ ଯାଜପୁର ଜିଲ୍ଲାର ବିଂଝାରପୁର ଠାରେ ୪ଜଣ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ସହିତ ଜଣେ ସାମ୍ବାଦିକଙ୍କୁ ଅପହରଣ ଘଟଣା ସମ୍ପର୍କରେ ଆଇନ ସୁରକ୍ଷା ବ୍ୟବସ୍ଥାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସେହିପରି ଚଳିତ ନିର୍ବାଚନ ସମୟରେ ବଲାଙ୍ଗିର ଜିଲ୍ଲା ସଇଁଲତା ବ୍ଲକର ଭୁସକିମାଲ, କଟକ ଜିଲ୍ଲାର ସଦର ଅଂଚଳ, ଚାନ୍ଦବାଲି, ପୁରୀ ଜିଲ୍ଲାର କଣାସ ଓ ପିପିଲି, ନୟାଗଡ ଏପରି ଅନେକ ସ୍ଥାନରେ ଗଣମାଧମ ପ୍ରତିନିଧି ମାନଙ୍କୁ ଆକ୍ରମଣ ଘଟଣାକୁ ସବୁ ମହଲରୁ ନିନ୍ଦା କରା ଯାଇଛି । ସାମ୍ବାଦିକ ମାନଙ୍କ ପ୍ରତି ହେଉଥିବା ଆକ୍ରମଣର ପ୍ରତିବାଦ ହେଉଥିଲେ ମଧ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପୋଲିସ ଓ ପ୍ରଶାସନର ଢିଲା କାର୍ଯ୍ୟବ୍ୟବସ୍ଥା ଅନେକ କ୍ଷେତ୍ରରେ ଅସାମାଜିକ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦେଉଛି । ଗଣତନ୍ତ୍ରର ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପଥରେ ସାମ୍ବାଦିକ ମାନେ ଆଗଭର ହୋଇ ସରକାରଙ୍କ ବିଧିବଦ୍ଧ ବ୍ୟବସ୍ଥାକୁ ସହଯୋଗ କରିବାକୁ ଯାଇ ସାମ୍ବାଦିକ ମାନେ ଆକ୍ରମଣର ଶୀକାର ହେଉଛନ୍ତି । ତେଣୁ କାର୍ଯ୍ୟ କ୍ଷେତ୍ରରେ ସାମ୍ବାଦିକ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସହିତ ଚଳିତ ନିର୍ବାଚନ ସମୟରେ ଆକ୍ରମଣ, ହିଂସା ଓ ପ୍ରତିହିଂସା ଭିଆଇଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଦିଗରେ ପଦକ୍ଷେପ ନେବାକୁ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ), ଉତ୍କଳ ସାମ୍ବାଦିକ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ଓ ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘ ତରଫରୁ ଆଜି ଜିଲ୍ଲାପାଳଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଯଦି ସାମ୍ବାଦିକଙ୍କ ସୁରକ୍ଷା ଦିଗରେ ସରକାରତୁରନ୍ତ ପଦକ୍ଷେପ ନେଇ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ନକରନ୍ତି ତେବେ ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ତୀବ୍ର ରୂପ ନେବବୋଲି କୁହାଯାଇଛି । ଏହି ଦାବୀପତ୍ର ପ୍ରଦାନ କାର୍ଯ୍ୟ କ୍ରମରେ ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ, ଉତ୍କଳ ସାମ୍ବାଦିକ ସଂଘର ଲକ୍ଷ୍ମଣ କୁମାର ଜେନା ଙ୍କ ସହିତ ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ପ୍ରିୟବ୍ରତ ମିଶ୍ର, ପ୍ରଭାସ କୁମାର ସାହୁ, ରାଜ ଗୁପ୍ତା, ଅସୀତ କୁମାର ଗିରୀ, ବଟକୃଷ୍ଣ ବିହାରୀ, ଦିଲ୍ଲିପ କୁମାର ପାତ୍ର, ଦୀନେଶ କୁମାର ସେଠୀ, ନୁରୁଲ ଇସଲାମ, ବିଶ୍ୱଜିତ ମହାନ୍ତି, ଅଭିଜିତ ମହାନ୍ତି, ରଞ୍ଜନ କୁମାର ଦାଶ, ଦୋଳଗୋବିନ୍ଦ ବାରିକ, ସୁବ୍ରତ କୁମାର ଦାସ, ଅକ୍ଷୟ ଅଗ୍ରୱାଲ, ଲଳିତ ବାରିକ, ହରେକୃଷ୍ଣ ପାତ୍ର, ଶୁଭଙ୍କର ଦାସ, ରଜତ ପଟ୍ଟନାୟକ, ଅଭିଶେକ ଖୁଂଟିଆ, ଦିଲ୍ଲିପ କୁମାର ଚୌଧୂରୀ ପ୍ରମୁଖ ଯୋଗଦେଇଥିଲେ ।

## ଆଜମଗଡରେ ବିଷାକ୍ତ ମଦ ପିଇ ସାତ ଜଣଙ୍କର ମୃତ୍ୟୁ, ୧୨ ଜଣ ଅସୁସ୍ଥ

ଆଜାମଗଡ, ୨୧/୦୨ (ନି.ପ୍ର): ସୋମବାର ଦିନ ବିଷାକ୍ତ ମଦ୍ୟପାନ କରି ଉତରପ୍ରଦେଶ ଆଜମଗଡ ଜିଲ୍ଲାର ମହୁଲ ନାଗର ପଂଚାୟତ ଅଂଚଳରେ ସାତଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୨ ଜଣ ଅସୁସ୍ଥ ହୋଇପଡିଛନ୍ତି । ଅସୁସ୍ଥ ଲୋକଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତି କରାଯାଇଛି । ତେବେ ପୋଲିସ ଅଧୀକ୍ଷକ କେବଳ ତିନିଜଣଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରିଛନ୍ତି । ଜିଲ୍ଲାର ଅହୋରଲା ପୋଲିସ ଷ୍ଟେସନର ମହୁଲ ନାଗର ପଂଚାୟତରେ ଅନେକ ଲୋକ ସରକାରୀ ଦେଶୀ ମଦ ଭାଟିରୁ ମଦ କିଣି ପିଇଥିଲେ । ଏହା ପରେ ସେମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଗଲା । ସମ୍ପର୍କୀୟମାନେ ସେହି ଲୋକଙ୍କୁ ଡାକ୍ତରଖାନାରେ ଭର୍ତିକରିଥିଲେ, ଯେଉଁଠାରେ ୭ ଜଣଙ୍କର ମୃତ୍ୟୁ ହୋଇଛି ।

# ଗଡ଼ଗଡ଼ିଆ ହଜରତ ଫକୀର ଶାହ ପୀରବାବାଙ୍କ ଉର୍ସ ଉତ୍ସବ



ବାଲେଶ୍ୱର,୨୧/୦୨ (ନି.ପ୍ର): ବାଲେଶ୍ୱର ସହରର ଗଡ଼ଗଡ଼ିଆସ୍ଥିତ ହଜରତ ଫକୀର ଶାହ ପୀର ବାବାଙ୍କ ୮୪ ତମ ବାର୍ଷିକ ଉତ୍ସବ 'ଉର୍ସ' ସୋମବାର ଉଦଘାଟିତ ହୋଇଯାଇଛି । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଉର୍ସ ଉତ୍ସବ ପାଳନ ହେବ । ଉତ୍ସବର ପ୍ରଥମ ଦିନରେ ଗୋସାଲ, କୋରାନ ପାଠ, ମିଲାଦ ସରିଫ, ପ୍ରସାଦ ବିତରଣ ଓ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ପରମିଟ ଘାଟରୁ ପାଣି ଆଣାଯାଇ ବାବାଙ୍କ ଆସ୍ଥାନକୁ ପବିତ୍ର କରାଯିବା ପରେ ଚାଦର ଚଢାଯିବା ସହ ସାମୂହିକ କୋରାନ୍ ପାଠ କରାଯାଇଥିଲା । ପଶ୍ଚିମବଙ୍ଗ ମେଦିନିପୁରର ମୌଲାନା ହଜରତ ସୟଦ ନୁର ତରସିତ ଅଲ କାଦିର ଏଥିରେ ଯୋଗଦେଇ ବାବାଙ୍କ ଆସ୍ଥାନରେ ଚାଦର ଚଢାଇବା ସହ ସମାଜରେ ଭାଇଚାରା ବଜାୟ ରଖିବାକୁ ଶ୍ରଦ୍ଧାଳୁମାନଙ୍କୁ ପରାମର୍ଶ ଦେଇଥିଲେ ।

# ପୁରୁଣା ବାଲେଶ୍ୱର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଲେଶ୍ୱର,୨୧/୦୨ (ନି.ପ୍ର): ପୁରୁଣାବାଲେଶ୍ୱର ଯୁବକ ସଂଘ ପକ୍ଷରୁ 'ପୁରୁଣାବାଲେଶ୍ୱର ପ୍ରିମିୟର ଲିଗ୍' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସଂସ୍କରଣ ସ୍ଥାନୀୟ ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି । ସମାଜସେବୀ ଗଜେନ୍ଦ୍ର ମାଝୀ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହିତ ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଭାଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତପ୍ରକାଶ କରିଥିଲେ । ସଙ୍ଗଠନର ସଭାପତି ଉଦୟ ମାଝୀ ଓ ସମ୍ପାଦକ ମନ୍ମଥ ସ୍ୱାଇଁ ପ୍ରମୁଖ ଏଥିରେ ଉପସ୍ଥିତ ରହି ଉଦଘାଟନୀ କାର୍ଯ୍ୟକୁ ପରିଚାଳନା କରିଥିଲେ । ୧୫ ଓଭର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଓମ୍‌ସାଇ-୧୧, ମା' କଟକ ଚଣ୍ଡୀ, ମା' ବୁଢୀ ବାଶୁଳୀ, ବାଣେଶ୍ୱର ୱାରିୟର, ବଜରଙ୍ଗୀ ଏକାଦଶ, ଏନସିସି ଟାଇଗର, ରାଧେଶ୍ୟାମ ଇଲେଭେନ, ଦାମ ଦାସ ଇଲେଭେନ ପ୍ରଭୃତି ୮ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି । ଓମ ସାଇ ଏକାଦଶ ଓ ମା' କଟକ ଚଣ୍ଡୀ ଦଳ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମନରଞ୍ଜନ ମହାପାତ୍ର ଏବଂ ସୁକାନ୍ତ ମାଝୀ ଅମ୍ପାୟାର ଭାବେ ପ୍ରଥମ ଦିନର ଖେଳ ପରିଚାଳନା କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୮ ଗୋଟି ଦଳଙ୍କ ମଧ୍ୟରେ ଦୁଇ ମାସ ଧରି ବିଭିନ୍ନ ପର୍ଯ୍ୟାୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଆଶୁତୋଷ ମହାପାତ୍ର, ଜନାର୍ଦ୍ଦନ ବିନ୍ଧାଣୀ, ସତ୍ୟଜିତ ବେହେରା, ଦିଲୀପ କୁମାର ବେହେରା, କେଶବ ମହାରଣା, ସୁରେଶ ଦାସ, ଦେବେନ୍ଦ୍ର ପାତ୍ର, ବିଶ୍ୱରଞ୍ଜନ ବିନ୍ଧାଣୀ ପ୍ରମୁଖ ସଂଗଠନର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି ।

## ରାଜଧାନୀରେ ୨୪ ଘଂଟାରେ ୪୮ ପଜିଟିଭ୍

ଭୁବନେଶ୍ୱର, ୨୧/୦୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ସୋମବାର ଦିନ ୪୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୫ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୩୩ ଜଣ ଲୋକାଲ କେସ୍ ରହିଛନ୍ତି । ଏଥିସହ ୨୪ ଘଂଟାରେ ଆଉ ୪୨୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୩୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୬୦୯୮ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୪୧୭୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୃତକଙ୍କ ସଂଖ୍ୟା ୧୧୮୩ ରେ ପହଂଚିଛି । ବର୍ତ୍ତମାନ ଆଉ ୭୧୫ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି ।

# 'ଭାଗବତ କଥା' ପୁସ୍ତକ ଲୋକାର୍ପିତ



ବାରିପଦା, ୨୧/୦୨ (ନି.ପ୍ର): ମଧୁବନ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ବେହେରାଙ୍କ ରଚିତ ଦୁଇଟି ପୁସ୍ତକ '' ଭାଗବତ କଥା'' ଓ '' ଋତୁସଂହାର'' ଆଜି ଲୋକାର୍ପିତ ହୋଇଛି । ପରିଷଦର ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ରଘୁନାଥ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ଲୋକାର୍ପଣ ଉତ୍ସବରେ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ '' ଭାଗବତ କଥା'' ପୁସ୍ତକ ଉନ୍ମୋଚନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ପଦ୍ମଶ୍ରୀ ଦମୟନ୍ତି ବେଶ୍ରା '' ଋତୁ ସଂହାର'' ପୁସ୍ତକର ଉନ୍ମୋଚନ କରିଥିଲେ । ମୂଳ ସଂସ୍କୃତ ପୁସ୍ତକର ଅନୁସୃଜନରେ ରଚିତ ପୁସ୍ତକଦ୍ୱୟ ସମ୍ପର୍କରେ ସୂଚନା ପ୍ରଦାନ କରି ସ୍ରଷ୍ଟା ଶ୍ରୀଯୁକ୍ତ ବେହେରା ଭାଗବତର ଜଟିଳ କାବ୍ୟ ତତ୍ତ୍ୱକୁ ସାବଲୀଳ ଗଦ୍ୟ ଶୈଳୀରେ ରଚନା କରି ପାଠକୀୟ ଆଦୃତି ସହିତ ଭାଗବତର ଗୂଢତତ୍ତ୍ୱର ପ୍ରଚାର ପ୍ରସାର କ୍ଷେତ୍ରରେ ''ଭାଗବତ କଥା'' ପୁସ୍ତକଟି ଯଥେଷ୍ଟ ସହାୟକ ହୋଇପାରିବ ବୋଲି ଉଲ୍ଲେଖ କରିଥିଲେ । ଠିକ୍ ସେହିପରି କ୍ଷୁଦ୍ର କାବ୍ୟକୃତି '' ଋତୁ ସଂହାର'' ପୁସ୍ତକଟି କାଳିଦାସଙ୍କ ସଂସ୍କୃତ କାବ୍ୟର ଅନୁସୃଜନରେ ରଚିତ ଏବଂ ବଙ୍ଗଳାଶ୍ରୀ ରାଗରେ ରଚିତ ଏକ ଶ୍ରୁତି ମଧୁର କାବ୍ୟକୃତି ବୋଲି ଉଲ୍ଲେଖ କରିଥିଲେ । ସମ୍ମାନିତ ବକ୍ତା ଡ. ଯୋଗେନ୍ଦ୍ର ନାଥ ପଣ୍ଡା ଆଜିର ଡିଜିଟାଲ ଯୁଗରେ ଛପା ବହିର ଚାହିଦା ହ୍ରାସ ପାଇଥିଲେ ହେଁ ଏହି ଭିନ୍ନ ସ୍ୱାଦର ପୁସ୍ତକ ଦୁଇଟି ନିଶ୍ଚିତ ରୂପେ ପାଠକୀୟ ଆଦୃତି ଲାଭ କରିପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ସମ୍ମାନିତ ବକ୍ତା ଡ. କୁଞ୍ଜବନ ପୃଷ୍ଟି ପୁସ୍ତକ ଦୁଇଟି '' ଭାଗବତ ଟୁଙ୍ଗୀ'' ପରମ୍ପରାକୁ ପୁନର୍ଜିବିତ କରିପାରିବ ବୋଲି ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଡ. ଦମୟନ୍ତି ବେଶ୍ରା ଆଜିର ବିଲୟାଭିମୁଖୀ ସମାଜ ଜୀବନକୁ ଶୃଙ୍ଖଳିତ କରିବା କ୍ଷେତ୍ରରେ ପୁସ୍ତକ ଦୁଇଟି ଏକ ମାଇଲ ଖୁଣ୍ଟ ଭାବରେ ପ୍ରତିଷ୍ଠା ଲାଭ କରିପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଡ. ବିଜୟ କୁମାର ଅଗ୍ରୱାଲା ମୟୂରଭଞ୍ଜ ମାଟିର ପ୍ରଥମ ଉଦ୍ୟମ ଭାବରେ ରଚିତ ଉକ୍ତ ଅନୁସୃଜନ ଧର୍ମୀ ପୁସ୍ତକ ଦୁଇଟି ଆଜିର ବିପର୍ଯ୍ୟସ୍ତ ସମାଜ ଜୀବନକୁ ସୁବ୍ୟବସ୍ଥିତ କରିବା କ୍ଷେତ୍ରରେ ପଥ ପ୍ରଦର୍ଶକ ଭାବରେ କାର୍ଯ୍ୟ କରିବ ବୋଲି ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ପ୍ରତିଶ୍ରୁତିର ସମ୍ପାଦକ ତଥା ସମୀକ୍ଷକ ପଣ୍ଡିତ ଡ. ଭାଗବତ ପଣ୍ଡା ପୁସ୍ତକ ଦୁଇଟିର ସମୀକ୍ଷା କରିବାକୁ ଯାଇ '' ଭାଗବତ'' ଜନସମାଜର ଜୀବନ ବେଦ ବୋଲି ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ସମାଜ ଜୀବନକୁ ସତ୍ ମାର୍ଗରେ ପରିଚାଳିତ କରିପାରିବ ବୋଲି ଉଲ୍ଲେଖ କରିଥିଲେ ।

# ପରିଷଦରେ ପାଳିତ ହେଲା ବସନ୍ତ ଶତପଥିଙ୍କ ଶ୍ରାଦ୍ଧୋତ୍ସବ




ବାଲେଶ୍ୱର, ୨୦/୦୨ (ନି.ପ୍ର): କଥାକାର ବସନ୍ତ ଶତପଥିଙ୍କ କଥାସାହିତ୍ୟକୁ ହାସ୍ୟ, ବ୍ୟଙ୍ଗ ଓ କରୁଣ ନାମରେ ତିନିଗୋଟି ଧାରା ପ୍ଲାବିତ କରିଛି । ସେହି ତିନିଗୋଟିକୁ ଆମେ ଗଙ୍ଗା, ଯମୁନା ସରସ୍ୱତୀ ଭାବରେ ତ୍ରିବେଣୀ ସଙ୍ଗମ କିମ୍ବା ସତ୍ତ୍ୱ, ରଜ, ତମ ଭାବ ତିନିଗୋଟି ଗୁଣର ସମନ୍ୱୟ ବୋଲି ଅଭିହିତ କରିପାରିବା ବୋଲି ବସନ୍ତ ଶତପଥିଙ୍କ ଶ୍ରାଦ୍ଧୋତ୍ସବାରେ ମୁଖ୍ୟ ଅତିଥିଭାବରେ ଯୋଗଦେଇ ନୀଳଗିରି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ଶ୍ୟାମସୁନ୍ଦର ପଣ୍ଡା ମତବ୍ୟକ୍ତ କରିଥିଲେ । ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଆୟୋଜିତ ଏହି ଶ୍ରାଦ୍ଧସଭା ରବିବାର ସନ୍ଧ୍ୟାରେ ଶାନ୍ତିକାନନଠାରେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବସନ୍ତ ଶତପଥିଙ୍କର ଜୀବନୀ ଓ ସାହିତ୍ୟକୁ ଆଲୋଚନା କରି ବକ୍ତାମାନେ ତାଙ୍କର ସାହିତ୍ୟ ବେଶୀ ଭାବରେ ମନସ୍ତାତ୍ତ୍ୱିକ, ଅନ୍ତର୍ମୁଖି, ଆବେଗ ପରିଚାଳିତ ଓ ଅଙ୍ଗେ ନିଭେଇଥିବା ଅନୁଭବ ପ୍ରତି ନିଷ୍ଠାରେ ପରିପୂର୍ଣ୍ଣ ବୋଲି ମତ ଦେଇଥିଲେ । ଗାଳ୍ପିକ ଓ ଔପନ୍ୟାସିକ ନିବାରଣ ଜେନା ଓ ସାହିତ୍ୟିକ ତଥା ତାଙ୍କ ସଂପର୍କରେ ଆସିଥିବା ଗଙ୍ଗାଧର ବିଶ୍ୱାଳ ବସନ୍ତ ଶତପଥିଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ପ୍ରଦୀପ ଚାଟାର୍ଜୀ ଓ ଦୀନବନ୍ଧୁ ଲେଙ୍କା ମଧ୍ୟ ସେମାନଙ୍କ ଛାତ୍ର ଜୀବନରେ ବସନ୍ତ ଶତପଥିଙ୍କ ସହ ବିତାଇଥିବା ମୁହୂର୍ତ୍ତଗୁଡ଼ିକର ଅବତାରଣା କରିଥିଲେ । ଡ.ସାରଙ୍ଗଧର ତ୍ରିପାଠୀ ମଞ୍ଚାବାହନ କରିଥିଲେ, ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଗାଳ୍ପିକଙ୍କର ପୁତ୍ର ସୁରଜିତ ଶତପଥି ଓ ପୁତ୍ରବଧୂ ସନ୍ଧ୍ୟା ଶତପଥୀ ଯୋଗଦେଇ ଶ୍ରଦ୍ଧା ନିବେଦନ କରିଥିଲେ । ଗାଳ୍ପିକାଙ୍କ କନ୍ୟା ବୀଣାପାଣୀ ପାଣିଗ୍ରାହୀ ପିତାଙ୍କର ଏକ ଫଟୋଚିତ୍ର ପରିଷଦକୁ ସମର୍ପଣ କରିଥିଲେ ।

## ବିଶ୍ୱ ମାତୃଭାଷା ଦିବସ

ଭଦ୍ରକ, ୨୧/୦୨ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକର ଆଖୁପଦା ସରକାରୀ ଉପ୍ରା ବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ଆଜି ପାଳିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ବିଭୁତି ଭୂଷଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏବିଇଓ ପୁରୁଷୋତ୍ତମ ଧଳ, ପ୍ରଧାନଶିକ୍ଷକ ଧନେଶ୍ୱର ସାହୁ, ଶିକ୍ଷକ ନରେନ୍ଦ୍ର ସେଠୀ, ଗାୟତ୍ରୀ ସାହୁ, ଦିପ୍ତିପ୍ରଭା ବେହୁରିଆ, ମଧୁସ୍ମିତା ପରିଡା ଯୋଗଦେଇ ମାତୃଭାଷାର ବହୁଳ ଉପଯୋଗୀତା ବ୍ୟକ୍ତି ତଥା ଜାତିର ପରିଚୟକୁ ଶିର୍ଷକୁ ନେଇଥାଏ ବୋଲି ମତଦେବା ସହ ଏହାର ସୁରକ୍ଷା ଦିଗରେ ପ୍ରତ୍ୟେକ ସଦା ତତ୍ପର ରହିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ଶତପଥି ଧନ୍ୟବାଦ ଦେଇଥିଲେ ।

# ତାଲିମ୍ ନେଲେ ଭୋଟ ଗଣନା ପାଇଁ ନିୟୋଜିତ ଅଧିକାରୀ ବୃନ୍ଦ

ଭଦ୍ରକ, ୨୧/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରଥମ ଥର ପାଇଁ ବୁଥ୍ ମାନଙ୍କରେ ଗଣତି କରାନଯାଇ ବ୍ଲକ୍ ସଦର ମହକୁମାରେ ଗଣତି କେନ୍ଦ୍ର ମାନଙ୍କରେ ଗଣନା କରାଯିବା ବ୍ୟବସ୍ଥା ଥିବାରୁ ସେଥିପାଇଁ ପ୍ରଶାସନ ତରଫରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଫେବୃୟାରୀ ୨୬,୨୭ ଓ ୨୮ ରେ ଗଣନା ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଦିନ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ଆଜି ଭଦ୍ରକ ବ୍ଲକ୍ ସ୍ତରୀୟ ଗଣନା କାର୍ଯ୍ୟ ନିମିତ୍ତ ନିୟୋଜିତ ଅଧିକାରୀ ମାନଙ୍କ ପାଇଁ ଜିଲ୍ଲା ସଂସ୍କୃତି ଭବନରେ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ବ୍ଲକ ନିର୍ବାଚନ ଅଧିକାରୀ-ତଥା-ବି.ଡି.ଓ. ମନୋଜ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଏ.ବି.ଡି.ଓ. ଗୁଲ ଫିର୍ଦ୍ଦୋସ୍, ମାଷ୍ଟର ଟ୍ରେନର ସଞ୍ଜୟ କୁମାର ଦାସ ପ୍ରମୁଖ ଯୋଗ ଦେଇ ତାଲିମ ପ୍ରଦାନରେ ଅଂଶ ଗ୍ରହଣ କରିଥିଲେ । ନିର୍ଭୁଲ ଓ ନିରପେକ୍ଷ ଭାବେ ଗଣନା କାର୍ଯ୍ୟ ସମ୍ପାଦନ କରାଯିବା ନେଇ ବି.ଡି.ଓ. ଶ୍ରୀଯୁକ୍ତ ବେହେରା ଉପସ୍ଥିତ ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ ସଚେତନ କରିବା ସହିତ ଗଣତି ପ୍ରକ୍ରିୟା ସମ୍ବଳିତ ସମସ୍ତ ବିଷୟବସ୍ତୁକୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇ ଥିଲେ । ଭଦ୍ରକ ବ୍ଲକ୍ ପାଇଁ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଥିବା ଗଣତି କେନ୍ଦ୍ରରେ ଭୋଟ୍ ଗଣନା କରାଯିବ । ଜୋନ୍‌ୱାରୀ ହେବାକୁ ଥିବା ଏହି ଗଣନା କାର୍ଯ୍ୟ ସକାଳ ୮ଟା ରୁ ଆରମ୍ଭ ହୋଇ ଗୋଟିଏ ଜୋନ୍‌ର ଗଣନା ଶେଷ ହେଲାପର୍ଯ୍ୟନ୍ତ ଚାଲୁ ରହିବ । ଗୋଟିଏ ଜୋନ୍‌ର ଗଣତି ଯେଉଁଦିନ ଆରମ୍ଭ ହେବ ସେହିଦିନ ହିଁ ସରିବ । ଗୋଟିଏ ଜୋନ୍‌ର ଯେତିକି ପଞ୍ଚାୟତ, ଗଣତି ପାଇଁ ଗଣତି କେନ୍ଦ୍ରରେ ସେତିକି ଟେବୁଲ ରହିବ । ଯେତିକି ବୁଥ୍ ସେତିକି ରାଉଣ୍ଡ ହେବ । ପ୍ରତିଟେବୁଲ ପାଇଁ ଜଣେ ଲେଖାଏଁ କାଉଣ୍ଟିଂ ସୁପର ଭାଇଜର ଓ ଦୁଇଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ ରହିବେ । କାଉଣ୍ଟିଂ ସୁପର ଭାଇଜରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟେବୁଲରେ ଗଣନା କାର୍ଯ୍ୟ ହେବ । ଗଣନା ଟେବୁଲକୁ ଆବଦ୍ଧ କରାଯାଇଥିବା ତାରଜାଲିର ଅପରପାର୍ଶ୍ୱରେ ପ୍ରାର୍ଥୀ ବା କାଉଣ୍ଟିଂ ଏଜେଣ୍ଟମାନେ ରହି ଗଣନା କାର୍ଯ୍ୟକୁ ଦେଖିପାରିବେ ମାତ୍ର ବ୍ୟାଲଟ୍ ପେପରକୁ ଛୁଇଁ ପାରିବେ ନାହିଁ । ଆଡ୍ରେସ୍ ଟ୍ୟାଗ୍ ସହିତ ଜଉ ମୁଦ ଦିଆ ବ୍ୟାଲଟ୍ ବାକ୍ସକୁ କାଉଣ୍ଟିଂ ଏଜେଣ୍ଟମାନଙ୍କୁ ଦେଖାଇ ବ୍ୟାଲଟ ବାକ୍ସ ଖୋଲି ବ୍ୟାଲଟ ପେପର କାଢ଼ିବା, ସେଗୁଡ଼ିକୁ ଅଲଗା କରି ଟ୍ରେରେ ରଖିବା, ଖାରଜ୍ ହେବାକୁ ଥିବା ଅବୈଧ ବ୍ୟାଲଟ ପେପର କୁ ପୃଥକ ରଖିବା, ବୈଧ ବ୍ୟାଲଟ୍ ପେପରକୁ ଗଣତି କରି ବିଡ଼ା ବାନ୍ଧିବା, ଗଣନା ସଂଖ୍ୟାକୁ ଲେଖି ରଖିବା ଅବୈଧ ବ୍ୟାଲଟ୍ ପେପର ଏଜେଣ୍ଟ ମାନଙ୍କୁ ଦେଖାଇବା ସହିତ କାରଣ ଉଲ୍ଲେଖ କରିବା ଆଦି ସମସ୍ତ ପ୍ରକ୍ରିୟା ସମ୍ବନ୍ଧରେ ଦୃଶ୍ୟ ଓ ଶ୍ରାବ୍ୟ ଫଳକ ଜରିଆରେ ପ୍ରାଞ୍ଜଳ ଭାବେ ବୁଝାଇ ଦିଆଯାଇଥିଲା । ବିଶେଷ କରି ଯେଉଁସବୁ କାରଣରୁ ବ୍ୟାଲଟ ପେପରକୁ ଅବୈଧ ବିବେଚିତ କରାଯାଇ ଖାରଜ୍ କରାଯିବ ସେସବୁ କାରଣ ଉପରେ ଅଧିକ ଆଲୋକପାତ କରାଯିବା ସହ ଗୁରୁତ୍ୱାରୋପ କରାଯାଇଥିଲା । ବ୍ୟାଲଟ୍ ପେପରରେ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀଙ୍କ ଲାଗି ଉଦ୍ଦିଷ୍ଟ ଚିହ୍ନରେ ମୋହର ଲାଗି ନଥିଲେ, ମତଦାତାଙ୍କ ନାମ, ଟିପଚିହ୍ନ ଆଦି କୌଣସି ଚିହ୍ନଟ ଥିଲେ, ମତଦାତା ଏକରୁ ଅଧିକ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ, ଦୁଇ ଚିହ୍ନ ମଝିରେ ମୋହର ଲାଗିଥିଲେ, ନକଲି ବ୍ୟାଲଟ ପେପର ହୋଇଥିଲେ, ବ୍ୟାଲଟ୍ ପେପର୍‌ରେ ପ୍ରିଜାଇଡିଂ ଅଧିକାରୀଙ୍କ ସ୍ୱାକ୍ଷର, ମୋହର ଓ ପେପର ଅପର ପାର୍ଶ୍ୱ ଡାହାଣ କଣରେ ମୋହର ଲାଗି ନଥିଲେ, ବ୍ୟାଲଟ୍ ପେପର ଚିରା, ଲୋଚକୋଚ ହୋଇଥିଲେ ଆଦି କାରଣରୁ ବ୍ୟାଲଟ୍ ପେପରକୁ ଅବୈଧ ଦର୍ଶାଯାଇ ଖାରଜ କରାଯିବ ବୋଲି କୁହାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo